ବର୍ଷ-୨୬, ସଂଖ୍ୟା-୨୨୭
ଭୁବନେଶ୍ୱର
୨୩, ଅଗଷ୍ଟ, ୨୦୨୬, ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 227
Bhubaneswar
23, August, 2026, Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ୧ ନମ୍ବର ହାଟରେ ଅଗ୍ନିକାଣ୍ଡ

**ଭୁବନେଶ୍ୱର,୨୨।୮(ମହାଭାରତ):** ରାଜଧାନୀ ଭୁବନେଶ୍ୱରର ୧ ନମ୍ବର ହାଟରେ ପୁଣି ଅଗ୍ନିକାଣ୍ଡ। ଶନିବାର ସକାଳୁ ହାଟ ଭିତରେ ଥିବା ଏକ ଖଲି ଦୋକାନରେ ହଠାତ୍ ନିଆଁ ଲାଗିଥିଲା। ଦେଖୁ ଦେଖୁ ନିଆଁ ନିକଟସ୍ଥ ଅନ୍ୟ ଏକ ଦୋକାନକୁ ବ୍ୟାପି ଯାଇଥିଲା। ଅଗ୍ନିକାଣ୍ଡରେ ଦୁଇଟି ଦୋକାନ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଦୋକାନ ଭିତରେ ଥିବା ସାମଗ୍ରୀ ମଧ୍ୟ ନିଆଁରେ ପୋଡ଼ି ନଷ୍ଟ ହୋଇଥିବା ଜଣାପଡ଼ିଛି। ତେବେ ଅଗ୍ନିକାଣ୍ଡରେ କ୍ଷୟକ୍ଷତି ଆକଳନ ସମ୍ପର୍କରେ ସୂଚନା ମିଳିନାହିଁ।ବିଦ୍ୟୁତ୍ ସର୍ଟ ସର୍କିଟ୍ ଯୋଗୁଁ ନିଆଁ ଲାଗିଥିବା ପ୍ରାଥମିକ ଭାବେ ସୂଚନା ମିଳିଛି। ଖବର ପାଇ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ତେବେ ନିଆଁ କିପରି ଲାଗିଲା ତାହାର ଯାଞ୍ଚ ଚାଲିଛି। ୧ ନମ୍ବର ହାଟରେ ବାରମ୍ବାର ଅଗ୍ନିକାଣ୍ଡ ଘଟୁଥିବାରୁ ବ୍ୟବସାୟୀମାନଙ୍କ ମଧ୍ୟରେ ଭୟର ମାହୋଲ ସୃଷ୍ଟି ହୋଇଛି।

## ପୁଣି ନଗଡାରେ ଅପପୁଷ୍ଟି



**କାଳିଆପାଣି,୨୨।୮ (ମହାଭାରତ):** ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ନଗଡା ସଜାଡିବା ପ୍ରୟାସରେ ୧୦ ବର୍ଷରୁ ଅଧିକ ସମୟ ଦେଲେଣି। ହେଲେ ଏଠାରୁ ଅପପୁଷ୍ଟିର ଅପବାଦ ହଟୁନି। ନଗଡା ଶିଶୁ ମଡକର ପ୍ରମୁଖ କାରଣ ହୋଇଥିବା କୁପୋଷଣ ସ୍ଥିତି ଏବେ ପୁଣି ଦେଖା ଦେଇଛି। ୨ ଜୁଆଙ୍ଗ ଶିଶୁ ସାମ୍(ସିଭିଅର ଆକ୍ୟୁଟ୍ ମାଲନ୍ୟୁଟ୍ରିସନ) ଶ୍ରେଣୀଭୁକ୍ତ ଥିବା ଜଣାପଡିଛି। ତଳ ନଗଡାର କାନ୍ତ ଓ ମିଟୁ ପ୍ରଧାନଙ୍କ ପ୍ରଥମ ସନ୍ତାନ ଜ୍ୟୋସ୍ନାରାଣୀ (୩୩ ମାସ) ଓ ଗାଲେ ଓ ମଙ୍ଗୁଲୁ ପ୍ରଧାନ ଦମ୍ପତିଙ୍କ ଅଷ୍ଟମ ସନ୍ତାନ ମହେଶ୍ୱର (୧୯ ମାସ)ଙ୍କ ଓଜନ ୪ କିଲୋ ଲେଖାଏଁରୁ କମ୍। ସଂପୃକ୍ତ ୨ ମାଆ ରକ୍ତହୀନତା ରୋଗଗ୍ରସ୍ତ। ମା'କ୍ଷୀର ଶିଶୁକୁ ନିଅଣ୍ଟ। ପେଯ ତୋରାଣୀ ଖାଇ ବ ?ୁଛନ୍ତି। ସେମାନଙ୍କ ପାଇଁ ସୁଷମ ଶିଶୁ ଆହାର ସାତସପନ ହୋଇରହିଛି। ସାଙ୍ଘାତିକ କୁପୋଷଣ ଅବସ୍ଥାରେ ଥିବା ରୁଗ୍ ?ଣ ଶିଶୁ ଦ୍ୱୟ ଏବେ ସଂକଟରେ। ଜ୍ୟୋସ୍ନାରାଣୀଙ୍କୁ ନେଇ ମାଆ ଏକାଧିକ ବାର ସୁକିନ୍ଦା ପୁଷ୍ଟି ସାଧନ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ।

ରୋଗଗ୍ରସ୍ତ ଶିଶୁକୁ କଟକ ଶିଶୁ ଭବନ ପଠାଯାଇଥିଲା। ସେ ହୃଦରୋଗର ଶିକାର ହୋଇଥିବା, ତା' ହୃଦୟରେ ଛିଦ୍ର ଥିବା ଜଣାପଡିଛି। ପାଖାପାଖି ୩ ବର୍ଷ ବୟସର ଶିଶୁକନ୍ୟା ଏଯାବତ୍ ବସି ପାରୁନି କିମ୍ବା ଚାଲି ପାରୁନାହିଁ। ସମାନ ଅବସ୍ଥା ମହେଶ୍ୱରର। ଦେଢ଼ବର୍ଷର ଶିଶୁ ଭଲରେ ଠିଆ ହୋଇପାରୁନାହିଁ।

## ସବ୍‌ଇନ୍ସପେକ୍ଟରଙ୍କ ଲଭ, ସେକ୍ସ, ଧୋକା

**ବାରିପଦା,୨୨।୮(ମହାଭାରତ):** ଖାକିରେ ଲାଗିଲା କଳଙ୍କର ଛିଟା। ପୁଲିସ ସବ୍‌ଇନ୍ସପେକ୍ଟରଙ୍କ ନାଁରେ ମାମଲା ରୁଜୁ ହେଲା। ମୟୂରଭଂଜ ଜିଲ୍ଲା ବାରିପଦା ଟାଉନ ଥାନାରେ କାର୍ଯ୍ୟରତ ସବ୍‌ଇନ୍ସପେକ୍ଟର ପ୍ରଭାତ ନାୟକଙ୍କ ନାମରେ ଜଣେ ମହିଳା ଅଭିଯୋଗ ଆଣିଛନ୍ତି। ଅଭିଯୋଗ ପରେ ପୁଲିସ ସବ୍ ? ଇନ୍ସପେକ୍ଟର ଶ୍ରୀ ନାୟକ ଥାନାରେ ଅଟକ ଅଛନ୍ତି। ଅନ୍ୟପଟେ ସବ୍‌ଇନ୍ସପେକ୍ଟର ଶ୍ରୀ ନାୟକ କହିଛନ୍ତି ଅଭିଯୋଗକାରୀ ମହିଳାଙ୍କୁ ସେ ବିବାହ କରିଥିଲେ। ହେଲେ ମହିଳା ଜଣଙ୍କ ସବୁବେଳେ ତାଙ୍କ ସହ ଝଗଡା କରିବା ସହ ଆତ୍ମହତ୍ୟାର ଧମକ ଦେଉଥିଲେ, ଯାହା ଫଳରେ ସେ ବାଧ ହୋଇ ତାଙ୍କ ସହ ସମ୍ପର୍କ ରଖି ନଥିଲେ। ସବ୍ ଇନ୍ସପେକ୍ଟର ଶ୍ରୀ ନାୟକ ଏବେ ବାରିପଦା ଟାଉନ ଥାନାରେ କାର୍ଯ୍ୟରତ। ଅଭିଯୋଗକାରୀ ମହିଳାଙ୍କ ଘର ପୁରୀ ଜିଲ୍ଲା ବ୍ରହ୍ମଗିରି ଅଞ୍ଚଳର। ପ୍ରଭାତ କୁଆଡେ ଅଭିଯୋଗକାରିଣୀଙ୍କ ସହ ଦୀର୍ଘ ବର୍ଷ ଧରି ସମ୍ପର୍କରେ ରହିଥିଲେ। ବିବାହର ପ୍ରତିଶ୍ରୁତି ଦେଇ ସେ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ମଧ୍ୟ ରଖିଥିଲେ। ପରେ ସେ ସମ୍ପର୍କ କାଟି ଦେଇଥିଲେ। ମହିଳା ଜଣଙ୍କ ପ୍ରଭାତଙ୍କୁ ବାରମ୍ବାର ନିବେଦନ କରିଥିଲେ ଏବଂ କାକୁତି ମିନତି ହୋଇଥିଲେ। ହେଲେ ପ୍ରଭାତ ତାଙ୍କୁ ଜମାରୁ ଧରାଛୁଆଁ ଦେଉନଥିଲେ। ମହିଳା ଜଣଙ୍କ ଏ ନେଇ ପ୍ରଭାତଙ୍କ ପରିବାର ସହ ମଧ୍ୟ ଯୋଗାଯୋଗ କରିଥିଲେ। ହେଲେ ସହାୟତା ବଦଳରେ ଧମକ ଚମକ ମିଳିଥିଲା।



# ମିନି ବିଶ୍ୱ ପାଲଟିଲା କଳିଙ୍ଗ ଷ୍ଟାଡିୟମ

## ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର ସିଲଭର ଲେବୁଲ ପ୍ରତିଯୋଗିତା

**ଭୁବନେଶ୍ୱର,୨୨।୮ (ମହାଭାରତ):** ୨୭ ଦେଶ, ୧୮୭ ଆଥଲେଟ । ଦିନକ ପାଇଁ ମିନି ବିଶ୍ୱ ପାଲଟିଥିଲା ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ। ଗୋଟିଏ ପଡ଼ିଆରେ ଏକାଠି ହୋଇଥିଲେ ଦେଶ ବିଦେଶର ଅନେକ ଖ୍ୟାତନାମା ଖେଳାଳି। ଅନୁଷ୍ଠିତ ହୋଇଛି ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର ସିଲଭର ଲେବୁଲ ପ୍ରତିଯୋଗିତା। ସଫଳତାର ସହ ପ୍ରତିଯୋଗିତା ଶେଷ ହୋଇଥିବାବେଳେ ନିରାଶ କରିଛନ୍ତି ଓଡ଼ିଆ ଆଥଲେଟ।

ଘରୋଇ ମାଟିରେ ୮୮ ଜଣ ଭାରତୀୟ ଏବଂ ୯୯ଜଣ ଆନ୍ତର୍ଜାତୀୟ ଖେଳାଳିଙ୍କ ମଧ୍ୟରେ ମୋଟ ୧୮ ଟି ଇଭେଣ୍ଟ ହୋଇଥିଲା କଡା ମୁକାବିଲା। ଭାରତୀୟ ଦଳରେ ଥିବା ୬ଆଥଲେଟଙ୍କ ଉପରେ ସମସ୍ତଙ୍କ ନଜର ରହିଥିଲା। ୧୦୦ ମିଟର ମହିଳା ହର୍ଡଲସରେ ପ୍ରଜ୍ଞା ପ୍ରଶାନ୍ତି ସାହୁ, ୧୦୦ ମିଟର ଦୌଡ଼ରେ ଶ୍ରାବଣୀ ନନ୍ଦ, ପୁରୁଷ ୮୦୦ ମିଟରରେ ବାପି ହାଁସଦା, ହାଇଜମ୍ପରେ ସ୍ୱାଧୀନ ମାଝୀ, ପୁରୁଷ ୧୦୦ ମିଟରରେ ଓଡ଼ିଶାର ଦ୍ରୁତତମ ଧାବକ ଅନିମେଷ କୁଜୁର, ଜାଭେଲିନ ଥ୍ରୋ ରେ କିଶୋର ଜେନା ଭାଗ ନେଇଥିଲେ ବି ନିରାଶ କରିଛନ୍ତି। ଶ୍ରାବଣୀ ଓ ଅନିମେଶ ୧୦୦ ମିଟରରେ ଷଷ୍ଠ ସ୍ଥାନରେ ରହିଛନ୍ତି। ସେପଟେ ଘରୋଇ ମାଟିରେ ଚମକିଛନ୍ତି ବିଦେଶୀ ଖେଳାଳି।

ମହିଳା ୪୦୦ମିଟରରେ ଦୌଡ଼ରେ ପ୍ରଥମ ୩ତିନୋଟି ସ୍ଥାନ ଅଧିକାର କରିଛନ୍ତି ଭାରତୀୟ ଖେଳାଳି। ସେହିପରି ମହିଳା ହାଇଜମ୍ପରେ ପ୍ରଥମ ତିନୋଟି ସ୍ଥାନ, ୮୦୦ମିଟରରେ ଦ୍ୱିତୀୟ, ମହିଳା ୧୫୦୦ମିଟରରେ ଉଭୟ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ଭାରତୀୟ ଆଥଲେଟ। ଉଦଯାପନି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। କଣ୍ଟିନେଣ୍ଟାଲ ଟୁର ସିଲଭର ଲେବୁଲ ପ୍ରତିଯୋଗିତା ଦ୍ୱାରା ଓଡିଶାକୁ ଆଉ ଏକ ସୁଯୋଗ ମିଳିଥିଲା ଯାହା ଆଜି ସାକାର ହୋଇଛି। ଷ୍ଟାଡିୟମକୁ ନେଇ ବିଦେଶୀ ଖେଳାଳି ସମର୍ଥନ ଦେଇଛନ୍ତି। ଯାହା ଆମକୁ ଆଗକୁ ବଢ଼ିବାରେ ସହାୟକ ହେବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ଆଶା ଅଛି ଆଗାମୀ ଦିନରେ ଶକ୍ସୟ ଲେବୁଲ ପ୍ରତିଯୋଗିତା କରିବାକୁ। ଏନେଇ ଆମେ ପ୍ରସ୍ତୁତ ଅଛୁ, ଏଏଫଆଇ କୁ ପ୍ରସ୍ତାବ ଦିଆଯାଇଥିବା ପ୍ରସ୍ତାବ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆସନ୍ତବର୍ଷ ବିଶ୍ୱ ଇଣ୍ଡୋର ଅଥଲେଟିକ ଏବଂ ଏସିଆନ ଇଣ୍ଡୋର ଅଥଲେଟିକ ପ୍ରତିଯୋଗିତା ଆୟୋଜନ କରିବ ଓଡିଶା। ଏଥସହ ବିଶ୍ୱ ଜୁନିୟର ଏବଂ ସିନିୟର ଆଥଲେଟିକ୍ସ ଆୟୋଜନ ପାଇଁ ରାଜ୍ୟ କ୍ରୀଡା ବିଭାଗ ବିଡିଂ ପାଇଁ ପ୍ରସ୍ତୁତ ହେଉଛି ।




# ଅଗଷ୍ଟ ମାସର ଚତୁର୍ଥ ଶନିବାର ଗରିମା ଦିବସ



**ଭୁବନେଶ୍ୱର,୨୨।୮(ମହାଭାରତ):** ସମୃଦ୍ଧ ଓଡ଼ିଶା ପାଇଁ ସ୍ୱଚ୍ଛ ସହର, ସୁରକ୍ଷିତ ପରିବେଶ ଏବଂ ଯେଉଁ ଲୋକମାନେ ଏହି ସ୍ୱଚ୍ଛତାକୁ ନିଶ୍ଚିତ କରୁଛନ୍ତି, ସେମାନଙ୍କ ସୁରକ୍ଷିତ ଜୀବନ ଏକାନ୍ତ ଅପରିହାର୍ଯ୍ୟ ବୋଲି ଶନିବାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗରିମା ଦିବସ ୨୦୨୬ ଅବସରରେ କହିଛନ୍ତି। ଲୋକସେବା ଭବନ କନଭେନସନ୍ ସେଂଟର ଠାରେ ଗରିମା ଦିବସ ଅବସରରେ ଶନିବାରଏକ ଜାତୀୟ କର୍ମଶାଳା ଆୟୋଜିତ ହୋଇଛି । ଏହି କର୍ମଶାଳାର ବିଷୟବସ୍ତୁ ରହିଛି, ମିଶନ୍ ଜିରୋ ସଫେଇ କାର୍ଯ୍ୟରେ ମୃତାହତ ଘଟଣାର ଅବସାନ । ଏହି କର୍ମଶାଳାରେ ୮ଟି ରାଜ୍ୟର ସଫେଇ କ୍ଷେତ୍ରରେ କାର୍ଯ୍ୟରତ ଥିବା ବିଶେଷଜ୍ଞ, ଅଧିକାରୀଙ୍କ ସମେତ ସଫେଇ କର୍ମଚାରୀମାନେ ମଧ୍ୟ ଯୋଗ ଦେଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରତିବର୍ଷ ଅଗଷ୍ଟ ମାସର ଚତୁର୍ଥ ଶନିବାରକୁ ଗରିମା ଦିବସ ଭାବେ ପାଳନ କରିବା ପାଇଁ ଘୋଷଣା କରିଛନ୍ତି । ଏହି ଦିବସଟି ସଫେଇ କର୍ମୀଙ୍କୁ ଜୀବନକୁ ସୁରକ୍ଷିତ କରିବା ସହ ସେମାନଙ୍କ ସାମାଜିକ ସୁରକ୍ଷା ଓ ସମାଜରେ ସେମାନଙ୍କ ମର୍ଯ୍ୟାଦା ବୃଦ୍ଧି ପାଇଁ ସମର୍ପିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉପସ୍ଥିତ ବିଶେଷଜ୍ଞ, ଅଧିକାରୀ ଓ ପରିମଳ କର୍ମୀଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୧୪ ଅଗଷ୍ଟ ୧୫ରୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ସ୍ୱଚ୍ଛତା ଭାରତର ଜାତୀୟ ବିକାଶର ପରିସୀମାଭୁକ୍ତ ହୋଇଥିଲା । ମୋଦୀ ଜୀଙ୍କ ନେତୃତ୍ୱରେ ସ୍ୱଚ୍ଛତା ଆଜି ଏକ ଜନ ଆନ୍ଦୋଳନରେ ପରିଣତ ହୋଇ ଦେଶର ଅର୍ଥନୀତି, ପ୍ରତିରକ୍ଷା ଏବଂ ବିଦେଶ ନୀତି ସହିତ ସମାନ ଗୁରୁତ୍ୱ ପାଇଛି । ପ୍ରଧାନମନ୍ତ୍ରୀ ନିଜେ ହାତରେ ଝାଡୁ ଧରି ସଫେଇ କର୍ମୀଙ୍କ ସାମାଜିକ ଉତ୍‌ଥାନର ପ୍ରତୀକ ସାଜିଲେ ଏବଂ ଦେଶବାସୀଙ୍କୁ ସନ୍ଦେଶ ଦେଲେ 'ସ୍ୱଚ୍ଛତା କୌଣସି ଛୋଟ କାମ ନୁହେଁ, ସ୍ୱଚ୍ଛତା ହେଉଛି ରାଷ୍ଟ୍ର ନିର୍ମାଣର କାମ'। ଉପସ୍ଥିତ ବିଶେଷଜ୍ଞ ଓ ମେସିନ ନିର୍ମାତାଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ଡ୍ରୋନ୍ ଜରିଆରେ ଆମେ ଆମର ସୀମାର ସୁରକ୍ଷା କରୁଛୁ । ରୋବୋଟିକ୍ସ, ଆର୍ଟିଫିସିଆଲ ଇଂଟେଲିଜେନ୍ସ ଏବଂ ନୂଆ ଟେକ୍ନୋଲୋଜି ଉଦ୍ଭାବନ କ୍ଷେତ୍ରରେ ଭାରତ ଆଗକୁ ବଢୁଛି । ତେବେ, ଆମେ ଏହିଭଳି ଟେକ୍ନୋଲୋଜିକୁ ଆମ ସଫେଇ କର୍ମଚାରୀଙ୍କ ସୁରକ୍ଷା ପାଇଁ କାହିଁକି ବ୍ୟବହାର କରିପାରିବା ନାହିଁ। ଭାରତ ସରକାରଙ୍କ ନମସ୍ତେ ଯୋଜନା ଜରିଆରେ ସଫେଇ କ୍ଷେତ୍ରରେ ମେସିନ ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି । ଆଜି ସମୟ ଆସିଛି, ସଫେଇ କର୍ମୀଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ବିପଦ୍‌ଜନକ ସଫେଇ କାର୍ଯ୍ୟରେ ମେସିନ ବ୍ୟବହାର କରିବା ପାଇଁ । ସେଥିପାଇଁ ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଇ ସୁଦକ୍ଷ କରିବାକୁ ପଡ଼ିବ। ସେ ପୁଣି କହିଥିଲେ ଯେ, ଗରିମା ଦିବସ ପ୍ରତିବର୍ଷ ଆମକୁ ମନେ ପକାଇବ ଯେଉଁ ହାତ ସ୍ୱଚ୍ଛତା ଦିଏ, ସେହି ହାତର ଗରିମା ରକ୍ଷା କରିବା ମଧ୍ୟ ଆମର ଦାୟିତ୍ୱ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୂର୍ବତନ ସଫେଇ କର୍ମୀ ସ୍ୱର୍ଗତ ପ୍ରତାପ ଦଳେଇଙ୍କ ପତ୍ନୀଙ୍କୁ ୧୦ ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ କରିଥିଲେ।

## ଅନଲାଇନ୍ ଅଟୋ ସଂଘ ସଭାପତି ଦୀନବନ୍ଧୁ ଗିରଫ

**ଭୁବନେଶ୍ୱର,୨୨।୮(ମହାଭାରତ):** ରାଜଧାନୀ ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ୍ ଛକରେ ହୋଇଥିବା ଉତ୍ତେଜନାପୂର୍ଣ୍ଣ ଆନ୍‌ଦୋଳନ ଓ ଗଣ୍ଡଗୋଳ ଘଟଣାରେ ପୋଲିସକୁ ମିଳିଛି ବଡ଼ ସଫଳତା। ଫେରାର ରହିବା ପରେ ଅନଲାଇନ୍ ଅଟୋ ସଂଘର ସଭାପତି ଦୀନବନ୍ଧୁ ନାୟକଙ୍କୁ ଗିରଫ କରିଛି କମିଶନରେଟ୍ ପୋଲିସ। ପୁରୀରୁ ତାଙ୍କୁ କାବୁ କରାଯାଇଥିବା ସୂଚନା ମିଳିଛି। ଅନ୍ୟପଟେ ୩୮୦ଟି ଯାନବାହନକୁ ସିଜ୍ କରାଯାଇଛି। ଏହା ସହିତ ୧୮୧ଟି ଗାଡିର ଇ-ଚାଲାଣ କଟାଯାଇଛି।

ମାଷ୍ଟରକ୍ୟାଣ୍ଟିନଠାରେ ଅଟୋ ଚାଳକଙ୍କ ଆନ୍‌ଦୋଳନ ସମୟରେ ହୋଇଥିବା ହିଂସାକାଣ୍ଡର ନେତୃତ୍ୱ ଦୀନବନ୍ଧୁ ନେଇଥିଲେ। ଏହି ଘଟଣା ପରଠାରୁ ସେ ପୋଲିସ ଆଖିରେ ଧୂଳି ଦେଇ ଫେରାର ହୋଇଯାଇଥିଲେ। ତେବେ ଗିରଫ ହେବା ପୂର୍ବରୁ ସେ ସୋସିଆଲ ମିଡିଆରେ ଏକ ୧୪ ମିନିଟ୍ର ଭିଡିଓ ବାର୍ତ୍ତା ଜାରି କରି ସାଧାରଣ ଜନତାଙ୍କୁ କ୍ଷମା ମାଗିଥିଲେ। ସେଦିନର ଅଘଟଣ ପାଇଁ ଦୁଃଖ ପ୍ରକାଶ କରିବା ସହ ଏଥିରେ କୌଣସି ରାଜନୀତି ନାହିଁ ବୋଲି ସେ ସ୍ପଷ୍ଟୀକରଣ ଦେଇଥିଲେ। ଏହାସହ ନିଜ ହକ୍ ପାଇଁ ଡ୍ରାଇଭରମାନେ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇଥିଲେ ବୋଲି ସେ ଭିଡିଓରେ ସଫେଇ ଦେଇଥିଲେ।

ଏହି ମାଷ୍ଟରକ୍ୟାଣ୍ଟିନ୍ ଗଣ୍ଡଗୋଳ ଘଟଣାରେ ପୋଲିସ ଏପର୍ଯ୍ୟନ୍ତ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଘଟଣାରେ ସମ୍ପୃକ୍ତ ୧୧୩ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇସାରିଛି।

### ଏମ୍‌ଏମ୍‌ଡିଆର ଆକ୍ଟକୁ ତୀବ୍ର ବିରୋଧ

## ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ କଂଗ୍ରେସର ଦାବି

**ଭୁବନେଶ୍ୱର,୨୨।୮(ମହାଭାରତ):** ଖଣି ଓ ଖଣିଜଜାତ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ ଆଇନ (ଏମ୍‌ଏମ୍‌ଡିଆର)-୨୦୨୬ ପ୍ରସଙ୍ଗରେ ଦୁଇଦିନିଆ ସ୍ୱତନ୍ତ୍ର ଅଧିବେଶନ ଡାକିବା ପାଇଁ ଦାବି କରିଛି କଂଗ୍ରେସ। ଏହି ପରିପ୍ରେକ୍ଷୀରେ ଆଜି କଂଗ୍ରେସ ବିଧାୟକଙ୍କ ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟପାଳ ହରିବାବୁ କମ୍ଭମପାଟି ଓ ବାଚସ୍ପତି ସୁରମା ପାଢ଼ୀଙ୍କୁ ଭେଟି ଅନୁରୋଧ କରିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ଓଡିଶା ହେଉଛି ରତ୍ନଗର୍ଭା। କେନ୍ଦ୍ର ସରକାର ଏକଚାଟିଆଭାବେ ଏମ୍‌ଏମ୍‌ଡିଆର ଆଇନରେ ସଂଶୋଧନ ଫଳରେ ଓଡିଶା ୧ଲକ୍ଷ କୋଟି ଟଙ୍କା ହରାଇବ। ଏହାସହ ପ୍ରତିବର୍ଷ ରାଜ୍ୟ ୨୦ହଜାର କୋଟି ଟଙ୍କାର କ୍ଷତି ସହିବ। ଏହି କଳା ଆଇନକୁ କଂଗ୍ରେସ ବିରୋଧ କରୁଛି। ଡବଲ ଇଞ୍ଜିନ ସରକାର ଓଡିଶାକୁ ବିକାଶ କରିବେ ବୋଲି କହି କ୍ଷମତାକୁ ଆସିଥିଲେ। ଏମ୍‌ଏମ୍‌ଡିଆର ସଂଶୋଧନ ଆଇନ ସେମାନଙ୍କ ଅସଲ ଚେହେରା ସାମ୍ନାକୁ ଆଣିଛି। ଓଡିଶା ଜଙ୍ଗଲ, ଜମି ଓ ପାଣି ପାଇଁ କଂଗ୍ରେସ ଜାରି ରଖିଛି। ତେଣୁ ସମ୍ବିଧାନର ଧାରା ୧୭୪(୧) ଅନୁସାରେ ଦୁଇ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଡାକିବା ଲାଗି ରାଜ୍ୟପାଳ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି କଂଗ୍ରେସ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ବିଧାୟକ ଦଳରେ ତାରାପ୍ରସାଦ ବାହିନୀପତି, ପ୍ରଫୁଲ୍ଲ ପ୍ରଧାନ, ସିଏସ୍ ରାଜନ ଏକ୍କା, ପବିତ୍ର ସାଉଁନ୍ତା, ମଙ୍ଗୁ ଖିଲ, କାଦ୍ରାକା ଆପାଲା ସ୍ୱାମୀ, ନୀଳମାଧବ ହିକକା, ସତ୍ୟଜିତ ଗମାଙ୍ଗ ପ୍ରମୁଖ ସାକ୍ଷାତ କରିଥିଲେ।




# ବନ୍ୟା ପରିସ୍ଥିତିର ମୁକାବିଲା ନିମନ୍ତେ ସରକାର ପ୍ରତିବଦ୍ଧ

**ଭୁବନେଶ୍ୱର,୨୨।୮(ମହାଭାରତ):** ରାଜ୍ୟର ବର୍ତ୍ତମାନ ବନ୍ୟା ଓ ବର୍ଷା ପରିସ୍ଥିତି ସମ୍ପର୍କରେ ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ର ପକ୍ଷରୁ ଜାରି ସ୍ଥିତି ରିପୋର୍ଟ ଅନୁଯାୟୀ, ରାଜ୍ୟରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଜିଲ୍ଲା ପ୍ରଶାସନଗୁଡ଼ିକୁ ସମସ୍ତ ପ୍ରକାର ଆକସ୍ମିକ ପରିସ୍ଥିତି ପାଇଁ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି। ଭାରତୀୟ ପାଣିପାଗ ବିଭାଗ ର ପୂର୍ବାନୁମାନ ଅନୁଯାୟୀ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। କେନ୍ଦୁଝର, ମୟୂରଭଞ୍ଜ, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି କ୍ଷ ଏଥିସହ କେତେକ ଜିଲ୍ଲାରେ ବଜ୍ରପାତ ସହ ଘଡ଼ଘଡ଼ି ଓ ଘଂଟା ପ୍ରତି ୩୦ରୁ ୪୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଛି । ଆଜି ସକାଳ ୧୧ଟି ସୁଦ୍ଧା ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ଜଳକା ଆଦି ସମସ୍ତ ନଦୀର ଜଳପତ୍ତନ ସ୍ତର ଉଭୟ ବିପଦ ସଙ୍କେତ ଏବଂ ସତର୍କ ସଂକେତ ଠାରୁ କମ୍ ଅଛି ; ଯାହା ଆଶ୍ୱସ୍ତିର ବିଷୟ। ୨୨ ଅଗଷ୍ଟ ସକାଳ ସୁଦ୍ଧା ପୂର୍ବ ୨୪ ଘଂଟାରେ ରାଜ୍ୟର ହାରାହାରି ବର୍ଷା ପରିମାଣ ୬.୮ ମି.ମି. ରେକର୍ଡ କରାଯାଇଛି। ଏହି ସମୟରେ ଖୋର୍ଦ୍ଧା ଜିଲ୍ଲାର ଚିଲିକା ବ୍ଲକରେ ସର୍ବାଧିକ ୯୩ ମି.ମି. ବର୍ଷା ରେକର୍ଡ ହୋଇଥିଲା ବେଳେ ୧୧ଟି ବ୍ଲକରେ ୫୦ ମି.ମି.ରୁ ଅଧିକ ଏବଂ ୨୧ଟି ବ୍ଲକରେ ୨୫ରୁ ୫୦ ମି.ମି. ବର୍ଷା ହୋଇଛି। ଅଗଷ୍ଟ ୧ରୁ ୨୨ ତାରିଖ ମଧ୍ୟରେ ରାଜ୍ୟରେ ମୋଟ ୨୭୨.୨ ମି.ମି. ବର୍ଷା ହୋଇଥିବା ବେଳେ ସ୍ୱାଭାବିକ ବର୍ଷା ପରିମାଣ ୨୫୨.୬ ମି.ମି. ତୁଳନାରେ ଏହା ୭.୮ ପ୍ରତିଶତ ଅଧିକ। ସେହିପରି ଜୁନ୍ ୧ରୁ ଅଗଷ୍ଟ ୨୨ ପର୍ଯ୍ୟନ୍ତ ରାଜ୍ୟରେ ୧୦୨୮.୪ ମି.ମି. ବର୍ଷା ରେକର୍ଡ ହୋଇଛି, ଯାହା ସ୍ୱାଭାବିକ ବର୍ଷା ୭୯୭.୦ ମି.ମି. ତୁଳନାରେ ୨୯ ପ୍ରତିଶତ ଅଧିକ।



ବର୍ତ୍ତମାନ ଉପଲବ୍ଧ ତଥ୍ୟ ଅନୁଯାୟୀ, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଅଂଚଳ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ବାଲେଶ୍ୱର ଜିଲ୍ଲାର ୬ଟି ବ୍ଲକର ୫୦ଟି ଗ୍ରାମ ପଂଚାୟତ ଓ ୩୨୭ଟି ଗ୍ରାମ ପ୍ରଭାବିତ ହୋଇଛି। ୧୨୯ଟି ଗ୍ରାମ ଜଳବନ୍ଦୀ ହୋଇଥିବା ବେଳେ ୨୪,୭୦୯ ଜଣ ପ୍ରଭାବିତ ହୋଇଛନ୍ତି। ୧୭,୭୯୯ ଜଣଙ୍କୁ ସ୍ଥାନାନ୍ତର କରାଯାଇ ୮୯ଟି ରିଲିଫ୍ କ୍ୟାମ୍ପରେ ଆଶ୍ରୟ ଓ ସହାୟତା ଯୋଗାଇ ଦିଆଯାଉଛି। ଭଦ୍ରକ ଜିଲ୍ଲାର ୪ଟି ବ୍ଲକର ୩୨ଟି ଗ୍ରାମ ପଂଚାୟତ ଓ ୧୪୩ଟି ଗ୍ରାମ ପ୍ରଭାବିତ ହୋଇଛି। ମୋଟ ୧,୫୧,୯୩୨ ଜଣ ପ୍ରଭାବିତ ହୋଇଥିବା ବେଳେ ୨୦,୫୬୭ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ୨୩ଟି ରିଲିଫ୍ କ୍ୟାମ୍ପ କାର୍ଯ୍ୟକ୍ଷମ ରହିଛି। ଯାଜପୁର ଜିଲ୍ଲାର ୫ଟି ବ୍ଲକର ୨୪ଟି ଗ୍ରାମ ପଂଚାୟତ ଓ ୬୯ଟି ଗ୍ରାମ ପ୍ରଭାବିତ ହୋଇଛି। ୪୮ଟି ଗ୍ରାମ ଜଳବନ୍ଦୀ ହୋଇଥିବା ବେଳେ ୭୧,୪୨୫ ଜଣ ପ୍ରଭାବିତ ହୋଇଛନ୍ତି। ୩୩୪ଟି ରିଲିଫ୍ କ୍ୟାମ୍ପ କାର୍ଯ୍ୟକ୍ଷମ ରହିଛି। କେନ୍ଦ୍ରାପଡ଼ା ଜିଲ୍ଲାର ୫ଟି ବ୍ଲକର ୬୭ଟି ଗ୍ରାମ ପଂଚାୟତ ଓ ୧୬୪ଟି ଗ୍ରାମ ପ୍ରଭାବିତ ହୋଇଛି। ୪୨ଟି ଗ୍ରାମ ଜଳବନ୍ଦୀ ହୋଇଥିବା ବେଳେ ୨,୪୬,୪୯୩ ଜଣ ପ୍ରଭାବିତ ହୋଇଛନ୍ତି। ୨,୩୨୩ ଜଣଙ୍କୁ ସ୍ଥାନାନ୍ତର କରାଯାଇ ୧୮ଟି ରିଲିଫ୍ କ୍ୟାମ୍ପରେ ସହାୟତା ଯୋଗାଇ ଦିଆଯାଉଛି। ବନ୍ୟା ପ୍ରଭାବିତ ଜିଲ୍ଲାଗୁଡ଼ିକରେ ମୋଟ ୩୨ଟି ଓଡ୍ରାଫ , ୮ଟି ଏନଡିଆରଏଫ ଏବଂ ୪୬ଟି ଫାୟାର ଏଂଡ ଇମରଜେନ୍ସି ସର୍ଭିସେସ ଟିମ୍ ସମେତ ମୋଟ ୮୬ଟି ଉଦ୍ଧାରକାରୀ ଦଳ ମୁତୟନ ହୋଇଛନ୍ତି।

## କଖାରୁ ଫୁଲ ଅଣ୍ଡା ଘଟ୍

ଆବଶ୍ୟକ ସାମଗ୍ରୀ: ଲୁଣ, କଟା ଟମାଟୋ, କଖାରୁ ଫୁଲ, ସିଝା ଅଣ୍ଡା, କଟା ପିଆଜ, ଧନିଆପତ୍ର, ଲେମ୍ବୁ, ଘଟ ମସଲା, ଜଲଜିରା ପାଉଡର, ଚାଉଳ ପିଠଉ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଅଣ୍ଡାକୁ ସିଝାଇ ରଖନ୍ତୁ ଓ ଚାଉଳ ପିଠଉରେ ଲୁଣ, ଲଙ୍କାଗୁଣ୍ଡ ଓ ହଳଦୀଗୁଣ୍ଡ ଗୋଳାଇ ରଖନ୍ତୁ। ଏହାପରେ ସିଝାଅଣ୍ଡାକୁ ଛୋଟ ଛୋଟ କାଟି ସେଥିରେ କଟା ପିଆଜ, କଟା ଟମାଟୋ, ଧନିଆପତ୍ର, ଲେମ୍ବୁ ରସ, ଘଟ ମସଲା ଓ ଜଲଜିରା ପାଉଡର ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। କଖାରୁ ଫୁଲ ଭିତରେ ପ୍ରସ୍ତୁତ ହୋଇଥିବା ଅଣ୍ଡା ଘଟ ମସଲାର ପୁରକୁ ପୁରାଇ ରଖନ୍ତୁ। ଗ୍ୟାସ ଲଗାଇ ତାୱାରେ ତେଲ ଗରମ କରି ଅଣ୍ଡା ପୁର ଦିଆ କଖାରୁ ଫୁଲକୁ ଚାଉଳ ପିଠଉରେ ଗୋଳାଇ ସେକନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କର କଖାରୁ ଫୁଲ ଅଣ୍ଡା ଘଟ। ଏହାକୁ ଆପଣ ଗରମା ଗରମ ଖାଇପାରିବେ।



**ଖବର**

# ୫୩ ବର୍ଷ ବୟସରେ ଦ୍ୱିତୀୟ ବିବାହ କଲେ ଅର୍ଜୁନ ରାମପାଲ





ବଲିଉଡ୍ ଅଭିନେତା ଅର୍ଜୁନ ରାମପାଲ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ପୁଣି ଚର୍ଚ୍ଚାରେ। ୫୩ ବର୍ଷ ବୟସରେ ଅଭିନେତା ତାଙ୍କ ଦୀର୍ଘଦିନର ପ୍ରେମିକା ଗାବ୍ରିଏଲା ଡେମେଟ୍ରିଆଡେସଙ୍କୁ ବିବାହ କରିଥିବା ଖବର ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ, ଦୁହେଁ ଗୋଆରେ ଗୁପ୍ତ ଭାବେ କୋର୍ଟ ମ୍ୟାରେଜ କରିଛନ୍ତି। ସୂଚନା ଅନୁସାରେ, ୨୦୧୮ ମସିହାରୁ ଅର୍ଜୁନ ଓ ଗାବ୍ରିଏଲା ପରସ୍ପରକୁ ଡେଟ୍ ? କରୁଥିଲେ। ଅଗଷ୍ଟ ୨୧, ୨୦୨୬ରେ ଗୋଆର ସବ୍-ରେଜିଷ୍ଟ୍ରାର ଅଫିସରେ ଦୁହେଁ ନିଜ ବିବାହ ପଞ୍ଜୀକରଣ କରିଥିବା ଜଣାପଡ଼ିଛି। ଏହାପରେ ଉଭୟ ଆଇନଗତ ଭାବେ ସ୍ୱାମୀ-ସ୍ତ୍ରୀ ହୋଇଛନ୍ତି। ତେବେ ଅର୍ଜୁନ କିମ୍ବା ଗାବ୍ରିଏଲା ଏପର୍ଯ୍ୟନ୍ତ ନିଜ ବିବାହ ସମ୍ପର୍କରେ ସାର୍ବଜନୀନ ଭାବେ କିଛି କହିନାହାନ୍ତି।କିଛି ସମୟ ପୂର୍ବରୁ ରିୟା ଚକ୍ରବର୍ତ୍ତୀଙ୍କ ପଡ୍‌କାଷ୍ଟରେ ଅର୍ଜୁନ ଓ ଗାବ୍ରିଏଲା ଏକାଠି ନଜର ଆସିଥିଲେ। ସେଠାରେ ଗାବ୍ରିଏଲା କହିଥିଲେ ଯେ ସେମାନେ ବିବାହ କରିନାହାନ୍ତି, କିନ୍ତୁ ଭବିଷ୍ୟତରେ କେବେ ବିବାହ ହୋଇପାରେ। ଏହି ସମୟରେ ଅର୍ଜୁନ ଦୁହିଁଙ୍କର ନିର୍ବନ୍ଧ ହୋଇସାରିଥିବା କଥା ପ୍ରକାଶ କରିଥିଲେ। ଏବେ ବିବାହ ପଞ୍ଜୀକରଣ ଖବର ସାମ୍ନାକୁ ଆସିବା ପରେ ତାଙ୍କ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି। ଅର୍ଜୁନ ରାମପାଲଙ୍କ ପାଇଁ ଏହା ଦ୍ୱିତୀୟ ବିବାହ। ୧୯୯୮ରେ ସେ ସୁପରମଡେଲ ଓ ବ୍ୟବସାୟୀ ମେହର ଜେସିଆଙ୍କୁ ବିବାହ କରିଥିଲେ। ଏହି ବିବାହରୁ ତାଙ୍କର ଦୁଇ ଝିଅ ମାହିକା ଓ ମାୟରା ଅଛନ୍ତି। ୨୦୧୮ରେ ଅର୍ଜୁନ ଓ ମେହର ଅଲଗା ହେବା ନେଇ ଘୋଷଣା କରିଥିଲେ। ପରେ ଅର୍ଜୁନଙ୍କ ଜୀବନରେ ଗାବ୍ରିଏଲାଙ୍କ ପ୍ରବେଶ ହୋଇଥିଲା। ଅର୍ଜୁନ ଓ ଗାବ୍ରିଏଲାଙ୍କ ସମ୍ପର୍କରୁ ଦୁଇ ପୁଅ ମଧ୍ୟ ଅଛନ୍ତି। ଦୀର୍ଘ ୮ ବର୍ଷର ସମ୍ପର୍କ ପରେ ଏବେ ଦୁହେଁ ବିବାହ ବନ୍ଧନରେ ବାନ୍ଧି ହୋଇଥିବା ଖବର ଆସିଛି।

# ମହାଭାରତ : ପ୍ରତିଶୋଧ ଭାବନା କ୍ଷତିକାରକ

ଜଉ ଘରରୁ ଜୀବନ ରକ୍ଷା କରି ଜଙ୍ଗଲରେ ବୁଲୁଥିବା ପାଣ୍ଡବମାନଙ୍କୁ ଅଙ୍ଗାରପର୍ଣ୍ଣ ନାମରେ ଗନ୍ଧର୍ବ ପ୍ରସିଦ୍ଧ ଋଷି ବଶିଷ୍ଠଙ୍କ ପୁତ୍ର 'ଶକ୍ତି'ଙ୍କ କଥା ଶୁଣାଇଥିଲା। ଋଷି ବଶିଷ୍ଠ ରାମାୟଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଥରେ ତାଙ୍କ ପୁତ୍ର ଶକ୍ତି ଜଙ୍ଗଲରେ ଯାଉଥିବା ସମୟରେ ବାଟରେ ଏକ ଝରଣା ପଡ଼ିଲା। ସେହି ଝରଣାରେ ଖୁବ୍ ଅଣଓସାରିଆ ପୋଲଟିଏ ଥିଲା। ସେ ପୋଲ ଉପରକୁ ଚଢ଼ିବା ସମୟରେ ସମ୍ମୁଖରୁ ରାଜା କଳ୍ମାଷପାଦ ପୋଲର ବିପରୀତ ଦିଗରକୁ ଆସୁଥିବା ଦେଖିପାରିଲେ। ଦୁଇ ଜଣଙ୍କ ମଧ୍ୟରୁ ଜଣଙ୍କୁ ହେଲେ ପଛକୁ ହଟିବାର ଥିଲା। ରାଜା ଶକ୍ତିଙ୍କୁ କହିଲେ, ମୁଁ ପ୍ରଥମେ ଆସିଛି, ତେଣୁ ତୁମେ ମୋତେ ରାସ୍ତା ଦିଅ। କିନ୍ତୁ ଶକ୍ତି ନିଜ ପିତାଙ୍କ ପ୍ରତିଷ୍ଠାର ଅହଂକାରରେ ମଦମତ୍ତ ହୋଇ ଶକ୍ତିଙ୍କୁ କହିଲା,



ପ୍ରଥମେ ତୁମେ ରାସ୍ତା ଦିଅ। କାରଣ ମୁଁ ଜଣେ ବ୍ରାହ୍ମଣ ଏବଂ ମୁଁ ତୁମ ଠାରୁ ଉଚ୍ଚରେ । ହେଲେ ରାଜା ତାଙ୍କ କଥା ଶୁଣିଲେ ନାହିଁ। କ୍ରୋଧିତ ହୋଇ ରାଜାଙ୍କୁ ରାକ୍ଷସ ହୋଇଯିବା ଲାଗି ଅଭିଶାପ ଦେଲେ ଶକ୍ତି। ରାଜା ତୁରନ୍ତ ଏକ ନରଭକ୍ଷୀ ରାକ୍ଷସ ହୋଇଗଲେ। ଏହାପରେ ସେ ଶକ୍ତିଙ୍କୁ ଖାଇଦେଲେ । ନିଜ ପୁତ୍ରକୁ ହରାଇ ମହର୍ଷି ବଶିଷ୍ଠ ନିରାଶ ଥିଲେ। ତାଙ୍କର ଦୁଃଖ ଥିଲା ଯେ ସେ ହିଁ ନିଜ ପୁତ୍ରକୁ ବରଦାନ ଏବଂ ଅଭିଶାପ ଦେବାର ଶକ୍ତି ଦେଇଥିଲେ। ଯେଉଁ ଶକ୍ତିର ସେ ଦୁରୁପଯୋଗ କରି ନିଜେ ହିଁ ତାହାର ଶିକାର ହେଲେ। ଶକ୍ତିଙ୍କ ପୁତ୍ର ପରାଶର ନିଜ ଜେଜେବାପା ବଶିଷ୍ଠଙ୍କ ସଂରକ୍ଷଣରେ ବଡ଼ ହେଲେ। ବଡ଼ ହେବା ପରେ ନିଜ ପିତାଙ୍କ ସହ ଘଟିଥିବା ଘଟଣା ସମ୍ପର୍କରେ ସେ ଅବଗତ ହେଲେ। ଏହାପରେ ସେ ପ୍ରତିଶୋଧ ନେବାକୁ ବାହାରିଲେ । ସେ ଏକ ଯଜ୍ଞ ଆୟୋଜନ କରିବାର ଯୋଜନା କଲେ । ଏହି ଯଜ୍ଞ ଦ୍ୱାରା ସମସ୍ତ ନରଭକ୍ଷୀ ଆଦିମ ମନୁଷ୍ୟ ଅଗ୍ନିରେ ପଡ଼ି ପ୍ରାଣ ହରାଇବେ। ହେଲେ ବଶିଷ୍ଠ ତାଙ୍କୁ ତାହା କରିବା ଲାଗି ବାରଣ କଲେ। ବଶିଷ୍ଠ କହିଲେ ଯେ ତୁମର ପିତା ଜଣଙ୍କୁ ଅଭିଶାପ ଦେଲେ ଏବଂ ସେହି ଅଭିଶାପ ହିଁ ତାଙ୍କୁ ମାରିଲା। ଯଦି ତୁମେ ପ୍ରତିଶୋଧ ନେବା ଲାଗି ଚାହୁଁଛ, ତା'ହେଲେ ଏହି ପ୍ରତିଶୋଧର ଚକ୍ର କେବେ ହେଲେ ଶେଷ ହେବ ନାହିଁ। ତୁମେ ସେହି ରାକ୍ଷସ ବିଷୟରେ ନୁହେଁ, ବରଂ ସେମାନଙ୍କ ପାଇଁ ଚିନ୍ତାକରଣ ଯେଉଁମାନେ ତୁମ ପାଇଁ ବହୁମୂଲ୍ୟବାନ ଅଟନ୍ତି। ପରାଶର ନିଜ ପିତାମହଙ୍କ ଆଜ୍ଞା ମାନିଲେ। ଏହାପରେ ସେ ମହାନ ଋଷି ବେଦବ୍ୟାସଙ୍କ ପିତା ହୋଇପାରିଥିଲେ। ବେଦବ୍ୟାସ ହିଁ ମହାଭାରତର କାହାଣୀରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଅଙ୍ଗାରପର୍ଣ୍ଣ ପାଣ୍ଡବମାନଙ୍କୁ ଶକ୍ତି ଋଷିଙ୍କ କଥା ଏଥିପାଇଁ ଶୁଣାଇଥିଲା, କାରଣ ସେମାନଙ୍କ ହୃଦୟରେ ମଧ୍ୟ ପ୍ରତିଶୋଧ ଏବଂ ଘୃଣାର ଭାବନାକୁ ସେ ଦେଖିପାରିଥିଲା । ପାଣ୍ଡବମାନଙ୍କ ସହିତ ଅନେକ ଥର ଭୁଲ ବାଟରେ ବିଶ୍ୱାସଘାତକତା କରାଯାଇଥିଲା। ଏହାଠାରୁ ବଳି ସେମାନଙ୍କ ପ୍ରାଣ ନେବା ଲାଗି ମଧ୍ୟ ଚେଷ୍ଟା ହୋଇଥିଲା। ଥରେ ତ' ମା' ସମେତ ପାଞ୍ଚ ଭାଇଙ୍କୁ ମାରିବା ଲାଗି ଯୋଜନା ମଧ୍ୟ ହୋଇଥିଲା। ସେମାନେ ପ୍ରତିଶୋଧ ନେବା ଲାଗି ସୁଯୋଗ ଖୋଜୁଥିଲେ। ସେମାନଙ୍କୁ କାହାଣୀ ଶୁଣାଇବା ପରେ ଅଙ୍ଗାରପର୍ଣ୍ଣ ସେମାନଙ୍କୁ ପରାମର୍ଶ ଦେଇ କହିଲା ଯେ ଆପଣମାନେ ପ୍ରତିଶୋଧ ଭାବନା ତ୍ୟାଗ କରନ୍ତୁ । ଏଥିରେ ନିଜର ସମୟ ନଷ୍ଟ କରନ୍ତୁ ନାହିଁ । ଆପଣମାନେ ରାଜା ହୋଇପାରିବେ। ସେଥିପାଇଁ ପ୍ରଥମେ ଜଣେ ପୁରୋହିତଙ୍କୁ ଖୋଜନ୍ତୁ, ବିବାହ କରନ୍ତୁ, ଭୂମି ହାସଲ କରନ୍ତୁ, ନିଜେ ନିଜର ରାଜ୍ୟ ପ୍ରତିଷ୍ଠା କରନ୍ତୁ ଏବଂ ରାଜା ହୁଅନ୍ତୁ। ପ୍ରତିଶୋଧ ନେବା ଲାଗି ପ୍ରୟାସ କରନ୍ତୁ ନାହିଁ। ଏହି କାହାଣୀ ଶୁଣିବା ପରେ ପାଣ୍ଡବମାନଙ୍କ ହୃଦୟରେ ପ୍ରତିଶୋଧର ନିଆଁ ଯଦିଓ ପ୍ରଶମିତ ହୋଇଯାଇଥିଲା, ତାହା ସମ୍ପୂର୍ଣ୍ଣ ଭାବେ ଲିଭିନଥିଲା। ସେମାନେ ପ୍ରଥମେ ଜଣେ ପୂଜାରୀଙ୍କୁ ଖୋଜିଲେ। ଏହି ସନ୍ଧାନରେ ସେମାନେ ଦେବଲ ମୁନିଙ୍କ କନିଷ୍ଠ ଭ୍ରାତା ଧୌମ୍ୟଙ୍କ ସନ୍ଧାନ ପାଇବେ । ସେ ନିକଟରେ ଥିବା ଏକ ଆଶ୍ରମରେ ରହୁଥିଲେ। ତାଙ୍କୁ ସେମାନେ ନିଜ ପୁରୋହିତ ହେବା ଲାଗି ଅନୁରୋଧ କଲେ। ଦ୍ୱାପର ଯୁଗରେ ପାରିବାରିକ ପୁରୋହିତ ରଖିବା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଥିଲା। କାରଣ ପ୍ରତ୍ୟେକ ମୁହୂର୍ତ୍ତରେ ଏକ ଶକ୍ତିଶାଳୀ ଯଜ୍ଞର ଆବଶ୍ୟକତା ରହିଥିଲା। ସେମାନେ ଧୌମ୍ୟଙ୍କ ରୂପରେ ଜଣେ ସମର୍ଥ ପୁରୋହିତ ପାଇଗଲେ ଯିଏକି ସର୍ବଦା ସେମାନଙ୍କ ପକ୍ଷରେ ଛିଡ଼ା ହୋଇ ରହୁଥିଲେ। ପାଞ୍ଚାଳ ଦେଶର ରାଜକୁମାରୀ ଦ୍ରୌପଦୀଙ୍କ ସ୍ୱୟମ୍ବର ହେଉଥିବା ଖବର ପାଇ ପାଣ୍ଡବମାନେ ଏହାପରେ ସେହି ଦିଗକୁ ଗଲେ।

# ରାସ୍ତାରେ ଗଡୁନି ଶଗଡ଼, ହଜିଯାଉଛି ହଳ ବଳଦ


ବର୍ତ୍ତମାନ ବିଜ୍ଞାନ ଯୁଗରେ ପୁର ପଲ୍ଲୀ ସବୁଠି ଆଧୁନିକତାର ଛାପ। ଆଧୁନିକତାର ଛାପରେ ବଦଳିଗଲାଣି ପାରମ୍ପରିକ ଚାଷ ପ୍ରଣାଳୀ। ଗାଁ ଦାଣ୍ଡରେ ଆଉ ଗଡୁନି ଶଗଡ଼। ଦିଶୁନାହାନ୍ତି ହଳ ବଳଦ। ଶୁଣାଯାଉନାହିଁ ଗୋରୁ, ବଳଦଙ୍କ ହମ୍ବା ରଡ଼ି। ଦିନ ଥିଲା ଶଗଡ଼ ଗାଡ଼ି ଯାତ୍ରୀ ପରିବହନଠାରୁ ଆରମ୍ଭ କରି ମାଲ ପରିବହନ ପାଇଁ ଏକମାତ୍ର ମାଧ୍ୟମ ଥିଲା। ଅଧିକାଂଶ ଘରେ ବଳଦ, ଲଙ୍ଗଳ ଓ ଶଗଡ଼ ଗାଡ଼ି ଥିବାର ଦେଖିବାକୁ ମିଳୁଥିଲା। ଗ୍ରାମୀଣ ଜୀବନରେ ମଧ୍ୟ ଆଧୁନିକତାର ଚାକଚକ୍ୟରେ ଶଗଡ଼ ଗାଡ଼ିର କେଁ କଟର ଶବ୍ଦ କାଳର କରାଳ ଗର୍ଭରେ ହଜିଗଲାଣି। ଦିନେ ଗାଁ ଗଣ୍ଡାରେ ବାସ କରୁଥିବା ସମ୍ଭ୍ରାନ୍ତ ତଥା ସାହୁକାର ଶ୍ରେଣୀର ମୁଖ୍ୟ ପରିଚୟ ଥିଲା ଶଗଡ଼। ଗାଁ ଠାରୁ ସହର ପର୍ଯ୍ୟନ୍ତ ଶଗଡ଼ର ବହୁଳ ବ୍ୟବହାର ଦେଖିବାକୁ ମିଳୁଥିଲା। ଆଧୁନିକ ଜ୍ଞାନ କୌଶଳର ଉଦ୍ଭାବନ ଓ ଏହାର ପ୍ରୟୋଗ ଫଳରେ ଆଜିକାଲି ପ୍ରାୟ ଶଗଡ଼ ଅଲୋଡ଼ା ହୋଇ ପଡ଼ିଛି। ସେହିପରି ହଳ ବଳଦ କଥା ନକହିଲେ ଭଲ।



ପୁରୁଷାନୁକ୍ରମେ ଭୋର ୪ଟାରୁ ଚାଷୀମାନେ ହଳ ଲଙ୍ଗଳ ନେଇ ବିଲରେ ଚାଷ କରୁଥିଲେ। ଶଗଡ଼ରେ ଜମିକୁ ଖତ ବୋହୁଥିଲେ। ସେଠାରୁ ଫସଲ ଆଣୁଥିଲେ। ପୂର୍ବରୁ ଶୁଣାଯାଉଥିବା ଶଗଡ଼ର କେଁ କଟର ଶବ୍ଦ, ଶଗଡ଼ିଆଙ୍କ ଗୀତ ଆଉ ନାହିଁ। ଜମିରେ ଲଙ୍ଗଳ ବଦଳରେ ବୁଲୁଛି ଟ୍ରାକ୍ଟର, ପାୱାର ଟିଲର ଓ ହାର୍ଭେଷ୍ଟର ଭଳି ଆଧୁନିକ ଯନ୍ତ୍ରପାତି। ଏହି ଯାନ୍ତ୍ରିକ ଗାଡ଼ିର କର୍କଶ ଶବ୍ଦରେ କାନ ଫାଟିଯାଉଛି। ଯନ୍ତ୍ରପାତିର ବ୍ୟବହାର ଦ୍ୱାରା କମ୍ ? ସମୟରେ ଅଧିକ କାର୍ଯ୍ୟ ହୋଇପାରୁଛି ସତ, କିନ୍ତୁ ଏଥିଯୋଗୁଁ ଗାଁ ଗହଳିରେ ଏବେ ଲୋକେ କାମ ପାଉନାହାନ୍ତି। ଅନେକ ଚାଷୀ ଚାଷ କାର୍ଯ୍ୟ ଛାଡ଼ି ଦାଦନ ଖଟିବାକୁ ବାହାରକୁ ଚାଲିଯାଉଛନ୍ତି। ଏହି ଯାନ୍ତ୍ରିକରୁ ବାହାରୁଥିବା କଳାଧୂଆଁ ପରିବେଶକୁ ପ୍ରଦୂଷିତ କରୁଛି। କାଁ ଭାଁ ଗ୍ରାମାଂଚଳରେ ଗରିବ, ଆର୍ଥିକ ଦୁର୍ବଳ ଓ ସ୍ୱାବଲମ୍ବୀ ଚାଷୀ ଶଗଡ଼ ଗାଡ଼ିରେ ଧାନ କ୍ଷେତରୁ ଧାନ ଅମଳ କରି ଖଳାକୁ ଆଣୁଥିବାର ବିରଳ ଦୃଶ୍ୟ କ୍ୱଚିତ ଦେଖିବାକୁ ମିଳୁଛି।ବହୁବର୍ଷ ପୂର୍ବରୁ ଲୋକେ ବ୍ୟବହାର କରୁଥିବା ଶଗଡ଼ ଗାଡ଼ି ଏବଂ ଏଥିରେ ଲାଗିଥିବା ଚକ, ଅଖ, ହଳ, ଲଙ୍ଗଳ ବର୍ଜ୍ୟବସ୍ତୁ ଭଳି କେଉଁଠି ରାସ୍ତା କଡ଼ରେ ପଡ଼ିଛି ତ କେଉଁଠି ପିଣ୍ଡାରେ ଅଜାଡ଼ି ହୋଇ ତା ଉପରେ ବହଳେ ଧୂଳି ଆସ୍ତରଣ ଜମାଟ ବାନ୍ଧି ପରିତ୍ୟକ୍ତ ଅବସ୍ଥାରେ ପଡି ଅତୀତର ସ୍ମୃତିକୁ ଜାହିର କରୁଛି। ଏଭଳି ବିକଳ ଚିତ୍ର ଅତ୍ୟାଧୁନିକ ହାଇଟେକ୍ ? ସଂସ୍କୃତିର ନୂତନ ପିଢ଼ିଙ୍କ ମନରେ ଜିଜ୍ଞାସା ଭାବ ସୃଷ୍ଟି କରୁଛି।କାରଣ ଶଗଡ଼ ନିର୍ମାଣ ପାଇଁ ବ୍ୟବହାର ହେଉଥିବା ଉପଯୁକ୍ତ କାଠ ଏବେ ସୁଲଭ ମୂଲ୍ୟରେ ମିଳୁ ନାହିଁ। ବଳଦ ଚରାଇବା ପାଇଁ ଲୋକଙ୍କ ଅଭାବ ତଥା ସରକାର କିମ୍ବା ସାମାଜିକସ୍ତରରେ ସେମିତି ଶଗଡ଼ ଗାଡ଼ିର ବ୍ୟବହାର ପାଇଁ କୌଣସି ପ୍ରୋତ୍ସାହନ ମିଳୁ ନାହିଁ। ଫଳରେ ଲୋକେ ଶଗଡ଼ ଗାଡ଼ି ଉପରେ ନିର୍ଭରଶୀଳ ନ ହୋଇ ଟ୍ରାକ୍ଟର,ପାୱାର ଟିଲର ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ତେଣୁ ଶଗଡ ଗାଡ଼ି ଓ ହଳବଳଦ ର ଚାହିଦା ଗାଁ ଠାରୁ ସହର ପର୍ଯ୍ୟନ୍ତ କାଁ ଭାଁ ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ବୟସ୍କ ଚାଷୀ ଲକ୍ଷ୍ମୀଧର ରାଉତ କୁହନ୍ତି, ଗ୍ରାମାଞ୍ଚଳରେ କାଁ ଭାଁ ସ୍ୱାବଲମ୍ବୀ ଚାଷୀ ବଳଦ, ହଳ, ଲଙ୍ଗଳ ରଖିଥିବା ବେଳେ ଶଗଡ଼ ଗାଡ଼ିରେ ଧାନ କ୍ଷେତରୁ ଧାନ ଅମଳ କରି ଖଳାକୁ ଆଣୁଥିବାର ବିରଳ ଦୃଶ୍ୟ କ୍ୱଚିତ ଦେଖିବାକୁ ମିଳୁଛି। ପୁରୁଣା କାଳରେ ଲୋକେ ବ୍ୟବହାର କରୁଥିବା ଲଙ୍ଗଳ ଫାଳ, ଜୁଆଳି ଓ ଶଗଡ଼ ଗାଡ଼ିରେ ଲାଗୁଥିବା ଚକ ବର୍ଜ୍ୟବସ୍ତୁ ଭଳି କେଉଁଠି ରାସ୍ତା କଡ଼ରେ ପଡିଛି ତ କେଉଁଠି ପିଣ୍ଡାରେ ଡେରା ହୋଇଛି। ସେହିପରି ପୂର୍ବତନ ପ୍ରାଧ୍ୟାପକ ତଥା ଗବେଷକ ଗୋପାଳ ଦାସ କୁହନ୍ତି, ନିଜକୁ ଆଧୁନିକ ବୋଲାଉଥିବା ମଣିଷ ନିଜର ପୁରୁଣା ଜିନିଷକୁ ଭୁଲିବାରେ ଲାଗିଛି। ଆଜିର ଯୁବପିଢ଼ି କେବଳ ବର୍ଣ୍ଣବୋଧ ବହିରେ ଚକ, ଅଖ, ଶଗଡ଼ ଚିହ୍ନୁଛନ୍ତି। ଯନ୍ତ୍ରପାତିର ବହୁଳ ବ୍ୟବହାର ଯୋଗୁ ମାଟି, ପାଣି, ପବନ ବିଷାକ୍ତ ହେବାରେ ଲାଗିଛି। ଯେଉଁ କାରଣରୁ ନାନାବିଧ ରୋଗରେ ପଡ଼ି ମଣିଷ ଛଟପଟ ହେଉଛନ୍ତି।

# ଭଗବାନ ବୁଦ୍ଧଙ୍କ ଦିବ୍ୟ ଉପଦେଶ

ବୋଧିବୃକ୍ଷ ତଳେ ଅନେକ ବର୍ଷ ପର୍ଯ୍ୟନ୍ତ ବସି ଧ୍ୟାନ କରିବା ପରେ ଗୌତମ ଅଲୌକିକ ଜ୍ଞାନ ପ୍ରାପ୍ତ କରିଥିଲେ । ସେବେଠାରୁ ସେ ମହାତ୍ମା ବୁଦ୍ଧ ନାମରେ ପରିଚିତ ହୋଇଥିଲେ । ସେ ବୁଦ୍ଧତ୍ୱ ପ୍ରାପ୍ତ



କରିବା ସମୟରେ ଆକାଶରୁ ପୁଷ୍ପ ବର୍ଷା ହୋଇଥିଲା । ଦେବତାମାନେ ଭଗବାନ ବୁଦ୍ଧଙ୍କ ବନ୍ଦନା କରିଥିଲେ । ବ୍ରହ୍ମା ତାଙ୍କୁ କହିଥିଲେ ଯେ ସେ ଜନକଲ୍ୟାଣ ନିମନ୍ତେ ଉପଦେଶ ଦିଅନ୍ତୁ । ବୁଦ୍ଧ ନିଜର ପ୍ରଥମ ଉପଦେଶ ବାରାଣସୀ ନିକଟବର୍ତ୍ତୀ ସାରନାଥ ଠାରେ ଦେଇଥିଲେ । ବୁଦ୍ଧଙ୍କ ଉପଦେଶରୁ ହିଁ ଭାରତରେ ଏକ ନୂଆ ଧର୍ମର ଅଭ୍ୟୁଦୟ ହୋଇଥିଲା- ବୌଦ୍ଧ ଧର୍ମ । ବୁଦ୍ଧ ନିଜର ପ୍ରଥମ ଉପଦେଶ କହିଥିଲେ ଯେ ଜବୀନରେ ଅତ୍ୟଧିକ ଭୋଗ କରିବା ଉଚିତ୍ ନୁହେଁ କିମ୍ବା ଅତି ତ୍ୟାଗ କରିବା ମଧ୍ୟ ଉଚିତ୍ ନୁହେଁ । ମଧ୍ୟମ ମାର୍ଗ ଆପଣାଇ ଜୀବନ ଯାପନ କରିବା ଲାଗି ସେ ପରାମର୍ଶ ଦେଇଥିଲେ । ବୁଦ୍ଧ ଜୀବନରେ ଦୁଃଖର କାରଣ ଏବଂ ପରିଣାମ ରହସ୍ୟ ମଧ୍ୟ ଉନ୍ମୋଚନ କରିଥିଲେ । ସେ ସମଗ୍ର ମାନବଜାତିକୁ ବୁଝାଇଥିଲେ ଯେ ଆମେମାନେ ଭୋଗୁଥିବା ଅନେକ ଦୁଃଖର କାରଣ କେବଳ ଆମ ଭିତରେ ରହିଥିବା ଅଜ୍ଞାନ ଏବଂ ମିଥ୍ୟାଦୃଷ୍ଟି । କେବଳ ସତ୍ୟର ଜ୍ଞାନ ମାଧ୍ୟମରେ ଦୁଃଖର ନାଶ କରିବା ସମ୍ଭବ । ସତ୍ୟ ଅର୍ଥାତ୍ ଯଥାର୍ଥ ଜ୍ଞାନ ହିଁ ସମ୍ୟକ ଜ୍ଞାନ । ଏଣୁ ସତ୍ୟର ସନ୍ଧାନ ପାଇବାକୁ ହେଲେ ଦୁଃଖରୁ ମୁକ୍ତି ପାଇବା ପରମ ଆବଶ୍ୟକ । ଅଜ୍ଞାତ ସତ୍ୟର ସନ୍ଧାନ କରାଯାଇଥାଏ । ପୂର୍ବରୁ ରହିଥିବା ପରମ୍ପରାକୁ ଖଣ୍ଡନ କରି ବୁଦ୍ଧ ଏକ ନୂତନ ମାର୍ଗରେ ସତ୍ୟ ସନ୍ଧାନ କରିବା ଲାଗି ଉପଦେଶ ଦେଇଥିଲେ । ବୁଦ୍ଧ ନିଜେ କାହା ପ୍ରତି ପ୍ରତିବଦ୍ଧ ହୋଇନଥିଲେ କିମ୍ବା ନିଜ ଶିଷ୍ୟମାନଙ୍କୁ ମଧ୍ୟ କେଉଁଠି ବାନ୍ଧିନଥିଲେ । ବୁଦ୍ଧ କହୁଥିଲେ ଯେ ମୋ କଥାକୁ ମଧ୍ୟ ସହଜରେ ମାନିନେବା ଉଚିତ୍ ନୁହେଁ । ବୁଦ୍ଧଙ୍କ କଥାରେ ମଧ୍ୟ ସନ୍ଦେହ କର ଏବଂ ବିଭିନ୍ନ ଢଙ୍ଗରେ ତାହାର ପରୀକ୍ଷା କର । ଜୀବନରେ ତା'କୁ ପରୀକ୍ଷା କର, ନିଜ ଅନୁଭବକୁ ମିଶାଅ, ଯଦି ତୁମେ ଉଚିତ୍ ଜ୍ଞାନକୁ ସ୍ୱୀକାର କରିପାରିବ ତା'ହେଲେ ତୁମେ ଜୀବନରେ ଆଗକୁ ବଢ଼ିପାରିବ । ତୃଷ୍ଣା ପରିତ୍ୟାଗ କରିବା, ହିଂସା ତ୍ୟାଗ କରିବା, ଜୀବମାତ୍ରକେ ସ୍ନେହ କରିବା ଲାଗି ବୁଦ୍ଧ ପରାମର୍ଶ ଦେଇଥିଲେ । ମିଥ୍ୟା ମଧ୍ୟ ହିଂସା ବୋଲି ସେ କହୁଥିଲେ । ତେଣୁ ସତ୍ୟ ମାଧ୍ୟମରେ ତାହାର ଦମନ କରିବା ଲାଗି କହୁଥିଲେ । ନ୍ୟାୟପୂର୍ଣ୍ଣ ଢଙ୍ଗରେ ଅର୍ଜନ କରାଯାଇଥିବା ବସ୍ତୁ ଉପରେ ହିଁ ଅଧିକାର ସାବ୍ୟସ୍ତ କରିବା ଲାଗି ସେ କହୁଥିଲେ । କେବଳ ନିଜ ପରିଶ୍ରମ ଉପରେ ଭରସା କରିବା ଲାଗି ବୁଦ୍ଧ ଉପଦେଶ ଦେଇଥିଲେ । ସେହିପରି ମଦ୍ୟପାନ ନିଷିଦ୍ଧ ବୋଲି ବୁଦ୍ଧ ପରାମର୍ଶ ଦେଇଥିଲେ । ସମସ୍ତ ବାସନା ପରିତ୍ୟାଗ କରିବା ଲାଗି ବୁଦ୍ଧ ମନୁଷ୍ୟ ସମାଜକୁ ଶିକ୍ଷଣ ଦେଇଥିଲେ । କାରଣ ମୁକ୍ତି ପାଇବାରେ ଏସବୁ କେବଳ ଗୋଟିଏ ଗୋଟିଏ ବାଧା ।

ନଗରନକ୍ସା
ମହାନଗରର ନିଜ ଭାଷା



# ତାଳଚେର ସହରର ବଦଳିବ ରୂପରେଖ : ଧର୍ମେନ୍ଦ୍ର




ଭୁବନେଶ୍ୱର,୨୨।୮ (ମହାଭାରତ): ତାଳଚେର ସହରର ସର୍ବାଙ୍ଗୀନ ବିକାଶ ସହ ସ୍ଥାନୀୟ ଲୋକଙ୍କ ଆର୍ଥିକ ଉନ୍ନତି ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ଯୋଜନା ହେଉ । ସହରର କାୟାକଳ୍ପ ବଦଳାଇବା ସହ ନିଯୁକ୍ତି ଓ ରୋଜଗାରକୁ ସର୍ବାଧିକ ପ୍ରାଧାନ୍ୟ ଦେବା ପାଇଁ ପ୍ରୟାସ କରାଯାଉ ବୋଲି ରବିବାର ତାଳଚେର ପୌରପରିଷଦରେ ଏକାଧିକ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସଭାକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, କଳାହୀରାର ମାଟି ତାଳଚେର ହେଉଛି ଭାରତର ଉର୍ଜା ଓ ଶକ୍ତିର କେନ୍ଦ୍ରବିନ୍ଦୁ । ବିପ୍ଳବୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ସାଧନା ଭୂମି ଓ ପ୍ରଜାମଣ୍ଡଳ ଆନ୍ଦୋଳନର ଐତିହାସିକ ଗୌରବ ଆମକୁ ନିରନ୍ତର ଦେଶସେବାର ପ୍ରେରଣା ଦିଏ। ଆଜି ଜିଲ୍ଲା ଖଣିଜ ପାଣ୍ଠି (ଡିଏମଏଫ), ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରାୟ ୬୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଏକାଧିକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ ହୋଇଛି । ସଡ଼କ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଏବଂ ଆନୁଷଙ୍ଗିକ ଭିତ୍ତିଭୂମିର ବିକାଶ ପାଇଁ ଆରମ୍ଭ ହୋଇଥିବା ଉଦ୍ୟମ ତାଳଚେରକୁ ଏକ ବିକଶିତ ଅଞ୍ଚଳ ଭାବେ ଗଢ଼ିତୋଳିବ । ଯୋଗାଯୋଗ ବ୍ୟବସ୍ଥା ସୁଗମ ହେଲେ ସ୍ଥାନୀୟ ଲୋକଙ୍କ ଜୀବିକା ସୁଦୃଢ଼ ହେବ। ଏଠାକାର ଶିଳ୍ପ ଓ କଳକାରଖାନା ଯେପରି ଲୋକଙ୍କ ହିତରେ ଲାଗିବ ଏବଂ ବ୍ୟାପକ ନିଯୁକ୍ତି ସୃଷ୍ଟି କରିବ, ସେହି ଦିଗରେ ଯୋଜନାର ସଫଳ ରୂପାୟନ ଆବଶ୍ୟକ। ତାଳଚେରର ବିକାଶ ହେଲେ ସାରା ଓଡ଼ିଶା ଓ ଦେଶର ବିକାଶ ହେବ।

ସହରର ପରିବେଶ ଓ ପ୍ରଦୂଷଣ ସମ୍ପର୍କରେ ଆଲୋଚନା କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଅନେକ ଜାଗାରେ ପାଉଁଶ ପ୍ରଦୂଷଣ ବଢ଼ାଉଛି, ଯାହାକୁ ରୋକିବା ପାଇଁ ସ୍ଥାନୀୟ ପ୍ରଶାସନ ପଦକ୍ଷେପ ନେବା ଦରକାର। ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ଆମ ସମସ୍ତଙ୍କର ନାଗରିକ ଦାୟିତ୍ୱ ରହିଛି, ସେଥିପାଇଁ ସମସ୍ତେ ବ୍ୟାପକ ଗଛ ଲଗାଇବା ଆବଶ୍ୟକ । ଏଥିସହ ତାଳଚେରକୁ ଏକ ନୂଆ ପରିଚୟ ଦେବା ପାଇଁ ଏଠାରେ ଏକ ଆର୍ଟ କଲେଜ ଓ ଚିଡ଼ିଆଖାନା ପ୍ରତିଷ୍ଠା ପାଇଁ ସାମୂହିକ ପ୍ରୟାସ କରାଯିବ। ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ତାଳଚେରର ଏହି ସର୍ବାଙ୍ଗୀନ ବିକାଶ ହିଁ 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ' ଗଠନର ପଥକୁ ସୁଗମ କରିବ ବୋଲି ସେ ଦୃଢ଼ ପ୍ରକାଶ କରିଥିଲେ। ଏହି ସମାରୋହରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସ୍ଥାନୀୟ ଜନପ୍ରତିନିଧି ଓ ସାଧାରଣ ଜନତା ଉପସ୍ଥିତ ଥିଲେ ।

# ବାଲେଶ୍ୱରରେ ୨୦୦ କିଲୋମିଟର ରେଳ ଟ୍ରାକର ନବୀକରଣ



ଭୁବନେଶ୍ୱର,୨୨।୮ (ମହାଭାରତ): ୨୦୧୪ରୁ ୨୦୨୬ ମଧ୍ୟରେ ବାଲେଶ୍ୱର ଜିଲ୍ଲାରେ ମୋଟ୍ ୨୦୦ କିଲୋମିଟର ରେଳ ଟ୍ରାକର ନବୀକରଣ କରାଯାଇଛି ବୋଲି କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି । ସେ କହିଛନ୍ତି, ରେଳ ଟ୍ରାକର ଉନ୍ନତିକରଣ ଏବଂ ନବୀକରଣ ଏକ ନିରନ୍ତର ତଥା ପ୍ରଚଳିତ ପ୍ରକ୍ରିୟା। ଅବଧି, ଟ୍ରେନ୍ ଚଳାଚଳ ସଂଖ୍ୟା ଏବଂ ରେଳ ଧାରଣାର ସ୍ଥିତିକୁ ଦେଖି ଏହାର ରକ୍ଷଣାବେକ୍ଷଣ କରାଯାଇଥାଏ। ୨୦୧୪ରୁ ୨୦୨୬ ମଧ୍ୟରେ ସାରା ଦେଶରେ ୫୫ ହଜାର ୨୦୦ କିଲୋମିଟର ରେଳ ଟ୍ରାକ୍ ନବୀକରଣ କାମ ହୋଇଛି । ଆଧୁନିକ ପ୍ରଯୁକ୍ତିବିଦ୍ୟା, ସୁରକ୍ଷା ଏବଂ ଅନ୍ୟାନ୍ୟ ଧାର୍ଯ୍ୟ ମାନଦଣ୍ଡକୁ ପାଳନ କରାଯାଇ ରେଳ ଧାରଣାର ରକ୍ଷଣାବେକ୍ଷଣ କରାଯାଇଥାଏ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି। କେନ୍ଦ୍ର ରେଳ ମନ୍ତ୍ରୀ ଆହୁରି ସୂଚନା ଦେଇଛନ୍ତି, ରେଳ ଟ୍ରାକ ନିୟମିତ ରକ୍ଷଣାବେକ୍ଷଣ ଏବଂ ନବୀକରଣ ଫଳରେ ୨୦୧୪ ତୁଳନାରେ ୨୦୨୬ରେ ଟ୍ରେନର ହାରାହାରୀ ବେଗ ବୃଦ୍ଧି ପାଇଛି। ୨୦୨୨ରେ ଖଡ଼ଗପୁର-ଭଦ୍ରକ ରେଳ ମାର୍ଗରେ ଘଂଟା ପ୍ରତି ହାରାହାରୀ ବେଗ ୧୩୦ କିଲୋମିଟରରେ ପହଞ୍ଚିଥିଲା । ବାଲେଶ୍ୱର ସେକ୍ସନ ଏହି ରେଳ ମାର୍ଗ ଅଧୀନରେ ଆସୁଛି । ରେଳ ଟ୍ରାକର ନବୀକରଣ ଏବଂ ଉନ୍ନତିକରଣରେ ୨୦୧୩-୧୪ରେ ୪୯୭୯ କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ୨୦୨୫-୨୬ରେ ଏହା ପ୍ରାୟ ୫.୩ ଗୁଣ ବୃଦ୍ଧି ପାଇ ୨୬ ହଜାର ୨୩୧ କୋଟି ଟଙ୍କାରେ ପହଞ୍ଚିଛି ବୋଲି ରେଳ ମନ୍ତ୍ରୀ ସୂଚନା ଦେଇଛନ୍ତି ।

# ଭାରତ ଭୌଗଳିକ ମାନଚିତ୍ର ନୁହେଁ, ଏକ ଦାର୍ଶନିକ ଅବଧାରଣା

ଭୁବନେଶ୍ୱର,୨୨।୮ (ମହାଭାରତ): ଓଡ଼ିଶାର ବିଭିନ୍ନ ସ୍ଥାନରେ ବିଶାଳ ଭାରତ ଶୀର୍ଷକ ସଂଗୋଷ୍ଠୀ ଅନୁଷ୍ଠିତ ହୋଇ ଯାଇଛି। ରାଷ୍ଟ୍ରୀୟ ସୁରକ୍ଷା ଜାଗରଣ (ଫାଂସ) ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସବୁ କାର୍ଯ୍ୟକ୍ରମରେ ବିଶାଳ ଭାରତର ପରିକଳ୍ପନା ବିଷୟରେ ଆଲୋଚନା କରାଯାଇଥିଲା। ରାଜଧାନୀ ଭୁବନେଶ୍ୱରରେ ଆୟୋଜିତ ରାଷ୍ଟ୍ରୀୟ ସଂଗୋଷ୍ଠୀ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ପୂର୍ବାହ୍ନ ୯ ଘଟିକାରେ ରେ ଆୟୋଜିତ ହୋଇଥିଲା।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ ର କୁଳପତି ତଥା କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ ପରିସର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଯୋଗୀ ଶ୍ରୀ ଅରବିନ୍ଦଙ୍କ ଅଖଣ୍ଡ ଭାରତର ପରିକଳ୍ପନା ବିଷୟରେ ବିଶଦ ଭାବେ ଆଲୋଚନା କରିଥିଲେ। ବୈଦିକ କାଳରୁ ଭାରତବର୍ଷ ସାମାଜିକ, ସାଂସ୍କୃତିକ ଓ ଧାର୍ମିକ ଦୃଷ୍ଟିରୁ ଏକ ଓ ଅନନ୍ୟ ଥିଲା। ରାଜନୈତିକ ଓ ଭୌଗଳିକ ପରିସୀମା ମଧ୍ୟରେ ଭାରତ କେବେବି ଆବଦ୍ଧ ନଥିଲା ବୋଲି ସେ କହିଥିଲେ। ଏହି ଭ୍ରମଯୋଗୁ ସ୍ୱାଧୀନତା ସମୟରେ ଭାରତ ବିଭାଜନ ପାଇଁ ତତ୍କାଳୀନ ରାଜନୈତିକ ନେତୃତ୍ୱ ପାକିସ୍ତାନ ଗଠନ ପ୍ରସ୍ତାବରେ ରାଜି ହୋଇଯାଇଥିଲେ। ଅପରାହ୍ନ ୩ ଘଟିକାରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ରାଷ୍ଟ୍ରୀୟ ସଂଗୋଷ୍ଠୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟ ନାରାୟଣ ଆଚାର୍ଯ୍ୟ ରାଷ୍ଟ୍ରୀୟ ସୁରକ୍ଷା କେବଳ ସୀମାରେ ସୁନିଶ୍ଚିତ ହୁଏ ନାହିଁ ବରଂ ଏହାର ଅନେକ ଆୟାମ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସାଧାରଣ ଲୋକ ରାଷ୍ଟ୍ରୀୟ ସୁରକ୍ଷାର ବିଭିନ୍ନ ଆୟାମ ଓ ଆମ ପଡୋଶୀ ଓ ଶତ୍ରୁରାଷ୍ଟ୍ରମାନଙ୍କ ସମ୍ଭାବ୍ୟ ଆକ୍ରମଣର ବିଭିନ୍ନ ଦିଗ ବିଷୟରେ ଅବଗତ ହେଲେ ହିଁ ଦେଶର ଓ ସେନାର ସଠିକ ସହଯୋଗୀ ହୋଇ ପାରିବେ ଓ ରାଷ୍ଟ୍ରୀୟ ସୁରକ୍ଷା ସୁନିଶ୍ଚିତ ହେବ। ଏଇ ଯେମିତି ବିମର୍ଶ ଯୁଦ୍ଧ, ଛାୟା ଯୁଦ୍ଧ, ସାଇବର ଯୁଦ୍ଧ ଆଧୁନିକ ସମୟର ମରଣାସ୍ତ୍ର ଭାବେ ଉଭା ହୋଇଛି। ଏପରି ପରିଦୃଶ୍ୟ ରେ ରାଷ୍ଟ୍ରୀୟ ସୁରକ୍ଷା ଜାଗରଣ ମଞ୍ଚ ପରି ସଂଗଠନର ଗୁରୁତ୍ୱ ଅନାସ୍ୱୀକାର୍ଯ୍ୟ ବୋଲି ସେ ମତବ୍ୟକ୍ତ କରିଥିଲେ। ସଂସ୍କୃତ ବାଙ୍ଗମୟ ପଠନ ପୂର୍ବକ ଭାରତ ବର୍ଷର ପରିକଳ୍ପନାକୁ ବୁଝିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଉଭୟ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଷ୍ଟ୍ରୀୟ ସୁରକ୍ଷା ଜାଗରଣ ମଞ୍ଚର ପ୍ରାକ୍ତନ ରାଷ୍ଟ୍ରୀୟ ସଂଗଠନ ମନ୍ତ୍ରୀ ଗୋଲୋକ ବିହାରୀ ରାୟ ଇରାନ, ପାଲେଷ୍ଟିନ, ୟୁକ୍ରେନ କାହିଁକି ଅଶାନ୍ତ ତାହା ବର୍ଣ୍ଣନା କରିଥିଲେ। ବିଶ୍ୱ ନେତୃତ୍ୱର ସ୍ୱାର୍ଥାନ୍ୱେସୀ ମନୋଭାବ ଓ ଭୌତିକ ସୁଖ ଲାଳସା ବିଶ୍ୱକୁ ଯୁଦ୍ଧ ମୁହଁକୁ ଠେଲି ଦେଇଛି ବୋଲି ସେ ମତବ୍ୟକ୍ତ କରିଥିଲେ।

# ବେଙ୍ଗାଲୁରୁରେ ସେମିକଣ୍ଡକ୍ଟର ପ୍ରଯୁକ୍ତିବିଦ୍ୟା ଶିଖିଲେ ଏକଲବ୍ୟ ଛାତ୍ରଛାତ୍ରୀ

ଭୁବନେଶ୍ୱର,୨୨।୮ (ମହାଭାରତ): ଓଡିଶାର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (ଇଏମଆରଏସ୍)ର ପାଞ୍ଚ ଜଣ ମେଧାବୀ ଛାତ୍ରଛାତ୍ରୀ ବେଙ୍ଗାଲୁରୁର ଭାରତୀୟ ବିଜ୍ଞାନ ସଂସ୍ଥାନର ନାନୋ ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ସେଂଟରରେ ଏକ ଦୁଇ ଦିନିଆ ସେମିକଣ୍ଡକ୍ଟର ତାଲିମ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଛାତ୍ରଛାତ୍ରୀମାନଙ୍କୁ ସେମିକଣ୍ଡକ୍ଟର ବିଜ୍ଞାନ, ଉନ୍ନତ ଗବେଷଣା ସୁବିଧା, କ୍ଲିନ୍-ରୁମ୍ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ କ୍ୟାରିଅର ସୁଯୋଗ ପ୍ରଦାନ କରିବା ପାଇଁ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଏସଟିଇଏମ୍ ପଦକ୍ଷେପ ଅଧୀନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ତାଲିମ୍ କାର୍ଯ୍ୟକ୍ରମରେ ଇଏମଆରଏସ୍), ଗିଧିବାସର ପ୍ରବୀଣ କୁମାର ନାୟକ ଏବଂ ଗୀତାଞ୍ଜଳି ମହନ୍ତ, ଇଏମଆରଏସ୍, ବହଲଦାର ଦୁଷ୍ମନ୍ତ ମାଝୀ, ଏବଂ ଇଏମଆରଏସ୍,



ଧାଙ୍ଗେରାର ହୀରାମଣି ବାସ୍କେ ଏବଂ ଫୁଲମଣି ସିଂ ଭାଗ ନେଇଥିଲେ । ଇଏମଆରଏସ୍), ଗିଧିବାସର ଦେବସ୍ମିତା ପ୍ରିୟଦର୍ଶିନୀ ବେହେରା ଛାତ୍ରଛାତ୍ରୀମାନଙ୍କ ସହିତ ଏସ୍କର୍ଟ ଶିକ୍ଷୟିତ୍ରୀ ଭାବେ ଗସ୍ତ କରିଥିଲେ ।

ପ୍ରଥମ ଦିନରେ ଛାତ୍ରଛାତ୍ରୀମାନେ ସେମିକଣ୍ଡକ୍ଟର ପ୍ରଯୁକ୍ତିବିଦ୍ୟା, କ୍ଲିନ୍-ରୁମ୍ ସୁରକ୍ଷା, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ୱେଫର ପ୍ରକ୍ରିୟାକରଣ ଶିଖିବାକୁ ପାଇଥିଲେ । ଛାତ୍ରଛାତ୍ରୀମାନେ ସ୍ୱତନ୍ତ୍ର ଅପ୍ଟିକ୍ସ, ବୈଦ୍ୟୁତିକ, ଯାନ୍ତ୍ରିକ, ଟ୍ରାନ୍ସମିସନ୍ ଇଲେକ୍ଟ୍ରୋନ୍ ମାଇକ୍ରୋସ୍କୋପି ଏବଂ ସ୍କାନିଂ ଇଲେକ୍ଟ୍ରୋନ୍ ମାଇକ୍ରୋସ୍କୋପି ପ୍ରୟୋଗଶାଳା ମଧ୍ୟ ପରିଦର୍ଶନ କରିଥିଲେ । ଉନ୍ନତ ବୈଜ୍ଞାନିକ ଉପକରଣ, ଗବେଷଣା ସୁବିଧା ଏବଂ ପ୍ରୟୋଗଶାଳା ଅଭ୍ୟାସ ଦେଖିଥିଲେ। ଦ୍ୱିତୀୟ ଦିନରେ ସେମିକଣ୍ଡକ୍ଟର ନିର୍ମାଣ ଏବଂ ସମ୍ପୂର୍ଣ୍ଣ ଉତ୍ପାଦନ ପ୍ରକ୍ରିୟା ଉପରେ ଧ୍ୟାନ ଦିଆଯାଇଥିଲା । ଛାତ୍ରଛାତ୍ରୀମାନଙ୍କୁ କ୍ଲିନ୍-ରୁମ୍ ପରିବେଶ, ସଠିକ୍ ଉତ୍ପାଦନ କୌଶଳ ଏବଂ ସୁରକ୍ଷା ପ୍ରୋଟୋକଲ ସହିତ ପରିଚିତ କରାଯାଇଥିଲା । ଏଥି ସହିତ ଭାରତର ପ୍ରଯୁକ୍ତିବିଦ୍ୟା ଏବଂ ରଣନୈତିକ ବିକାଶରେ ସେମିକଣ୍ଡକ୍ଟରର ଗୁରୁତ୍ୱ ବିଷୟରେ ମଧ୍ୟ ଶିକ୍ଷା ଦିଆଯାଇଥିଲା । ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷା ଗ୍ରହଣ କରିବାକୁ ଓ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଏବଂ ଗବେଷଣାରେ କ୍ୟାରିଅର ଗଢିବାକୁ ଉତ୍ସାହିତ କରିବା ପାଇଁ ଏକ ସ୍ୱତନ୍ତ୍ର କ୍ୟାରିଅର ମାର୍ଗଦର୍ଶନ ଏବଂ ପରାମର୍ଶ ଅଧିବେଶନ ଆୟୋଜନ କରାଯାଇଥିଲା । ଏହି ପଦକ୍ଷେପ ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ଅତ୍ୟାଧୁନିକ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ସହିତ ଜଡିତ କରିବା ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

# ଆୟୁଷ୍ମାନ ତାଲିକାଭୁକ୍ତ ହସ୍ପିଟାଲମାନଙ୍କୁ ହେଲ୍ପ ଡେସ୍କ ସ୍ଥାପନ ନିର୍ଦ୍ଦେଶ

ଭୁବନେଶ୍ୱର,୨୨।୮ (ମହାଭାରତ): ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା - ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଅଧୀନରେ ତାଲିକାଭୁକ୍ତ ହସ୍ପିଟାଲମାନଙ୍କୁ କାର୍ଡଧାରୀମାନଙ୍କ ସହାୟତା ନିମନ୍ତେ ୨୪ ଘଂଟିଆ ହେଲ୍ପ ଡେସ୍କ ସ୍ଥାପନ, ପି. ଏମ୍ - ରାହତରେ ମାଗଣା ଜରୁରୀକାଳୀନ ଚିକିତ୍ସା ଏବଂ ଆୟୁଷ୍ମାନ ଡିଜିଟାଲ ମିଶନ ଅନୁପାଳନ ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଭରସା ସମିତି ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡାକ୍ତର ବୃନ୍ଦା ଡି. ଘରୋଇ ହସ୍ପିଟାଲମାନଙ୍କରେ ଏସବୁ ଯୋଜନାର ଅନୁପାଳନ ସମୀକ୍ଷା କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ଡାକ୍ତର ବୃନ୍ଦା ସ୍ପଷ୍ଟ କରିଦେଇଛନ୍ତି ଯେ ଅଗଷ୍ଟ ମାସ ୩୧ ତାରିଖ ସୁଦ୍ଧା ପଞ୍ଜୀକୃତ ହସ୍ପିଟାଲମାନେ ଆୟୁଷ୍ମାନ ଡିଜିଟାଲ ମିଶନ ଦ୍ୱାରା ନିର୍ଦ୍ଧାରିତ ହସ୍ପିଟାଲ ପରିଚାଳନା ସୂଚନା ବ୍ୟବସ୍ଥା , ଆୟୁଷ୍ମାନ ଭାରତ ହେଲ୍ଥ ଆକାଉଣ୍ଟ ଆଧାରିତ ରୋଗୀମାନଙ୍କର ମେଡିକାଲ ରେକର୍ଡ, ହସ୍ପିଟାଲରେ ସେବା ସୁବିଧା ରେଜିଷ୍ଟ୍ରି ଏବଂ ସ୍ୱାସ୍ଥ୍ୟସେବା ଯୋଗାଉଥିବା ଡାକ୍ତର ଓ ନର୍ସମାନଙ୍କର ରେଜିଷ୍ଟ୍ରି ଆଦିକୁ ଏ. ବି. ଡି. ଏମ୍ ସଫ୍ଟୱୟାର ସହ ସଂଯୁକ୍ତ ନକଲେ ଆୟୁଷ୍ମାନ ଯୋଜନାରେ ସମ୍ପୃକ୍ତ ହସ୍ପିଟାଲ ପାଇଁ ମିଳୁଥିବା ପ୍ରୋତ୍ସାହନ ରାଶି ବନ୍ଦ ହୋଇଯିବ । ଏପରି ଅବସ୍ଥା ବଜାୟ ରଖିଲେ ପରବର୍ତ୍ତୀ ସମୟରେ ହସପିଟାଲକୁ ତାଲିକା ବହିର୍ଭୂତ କରାଯାଇପାରେ ।




ଏବିପିଏମଜେଏୱାଇ ଗାଇଡଲାଇନ୍ ଅନୁସାରେ ପ୍ରତି ପଞ୍ଜୀକୃତ ହସ୍ପିଟାଲରେ ନିଜନିଜ ହସ୍ପିଟାଲରେ ମୁଖ୍ୟ ପ୍ରବେଶ ନିକଟ ସଦୃଶ୍ୟ ସ୍ଥାନରେ ଏବିପିଏମଜେଏୱାଇ ସହାୟତା କେନ୍ଦ୍ର ସ୍ଥାପନ କରିବେ ଏବଂ ଏହି କେନ୍ଦ୍ର ଦାୟିତ୍ୱରେ ପ୍ରଧାନମନ୍ତ୍ରୀ ଆରୋଗ୍ୟ ମିତ୍ର ନିୟୋଜନ କରିବେ । କେନ୍ଦ୍ରକୁ ୨୪ ଘଣ୍ଟିଆ ଭିତ୍ତିରେ କାର୍ଯ୍ୟକ୍ଷମ ରଖିବା ନିମନ୍ତେ ଆବଶ୍ୟକୀୟ ସଂଖ୍ୟକ ଆରୋଗ୍ୟ ମିତ୍ର ନିୟୋଜିତ କରିବେ । ସେମାନେ ଆୟୁଷ୍ମାନ କାର୍ଡଧାରୀ ମାନଙ୍କର ଚିହ୍ନଟ, ରେଜିଷ୍ଟ୍ରେସନ୍ ସହ ସେମାନଙ୍କୁ ଚିକିତ୍ସା ସମ୍ବନ୍ଧୀୟ ସୂଚନା ଦେବେ ଏବଂ ଆବଶ୍ୟକୀୟ ସହାୟତା ମଧ୍ୟ ଯୋଗାଇବେ । ହେଲ୍ପ ଡେସ୍କର କେତୋଟି ନମୁନା ଚିତ୍ର ମଧ୍ୟ ହସ୍ପିଟାଲମାନଙ୍କୁ ପ୍ରଦର୍ଶନ କରାଯାଇଥିଲା। ଏ. ବି. ଡି. ଏମ୍ କାର୍ଯ୍ୟକାରୀ ହେଲେ ରୋଗୀଙ୍କୁ ନିଜର ପୁରୁଣା ମେଡିକାଲ ଫାଇଲ କିମ୍ବା ରିପୋର୍ଟ ସାଙ୍ଗରେ ଧରି ବୁଲିବାକୁ ପଡିବ ନାହିଁ । ଗୋଟିଏ ହସପିଟାଲରୁ ଅନ୍ୟ ହସ୍ପିଟାଲକୁ ରୋଗୀ ରେଫର୍ ହେଲେ ରୋଗୀଙ୍କ ଚିକିତ୍ସା ବିବରଣୀ ଓ ପରୀକ୍ଷା ଆଦିର ତଥ୍ୟ ମଧ୍ୟ ସୁବିଧାରେ ଓ ଶୀଘ୍ର ସ୍ଥାନାନ୍ତର ହୋଇପାରିବ । ପରବର୍ତ୍ତୀ ଚିକିତ୍ସା ପାଇଁ ସି. ଟି, ଏମ୍. ଆର୍. ଆଇ ଆଦିର ଡିଜିଟାଲ ରେକର୍ଡ ମଧ୍ୟ ସହଜରେ ଉପଲବ୍ଧ କରାଯାଇପାରିବ।

ପ୍ରଧାନମନ୍ତ୍ରୀ ରାହତ ଯୋଜନାକୁ ସଠିକ୍ ଭାବେ ପ୍ରତି ହସ୍ପିଟାଲ କାର୍ଯ୍ୟକାରୀ କରିବା ପାଇଁ ମଧ୍ୟ ଡାକ୍ତର ବୃନ୍ଦା ନିର୍ଦ୍ଦେଶ ଦେଇଥିଲେ ।

# ୩ କୋଟିରୁ ଅଧିକ ସରକାରୀ ଅର୍ଥ ହଡ଼ପ

ଭୁବନେଶ୍ୱର,୨୨।୮ (ମହାଭାରତ): ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ସହ ଜଡ଼ିତ ଏକ ବଡ଼ ଆର୍ଥିକ ଅନିୟମିତତା ମାମଲାରେ ଓଡ଼ିଶା ଭିଜିଲାନ୍ସ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ନେଇଛି। ୩ କୋଟି ୨ ଲକ୍ଷ ୯୫ ହଜାର ଟଙ୍କା ସରକାରୀ ଅର୍ଥ ହଡ଼ପ ଅଭିଯୋଗରେ ଦୁଇଜଣ ପୂର୍ବତନ ସରକାରୀ ଅଧିକାରୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ- ଭଞ୍ଜ କିଶୋର ବେହେରା, ପୂର୍ବତନ ଏସଆରଏ, ତିର୍ତ୍ତୋଲ ବ୍ଲକ, ବର୍ତ୍ତମାନ ନାଉଗାଁ ତହସିଲରେ ଏସଆରଏ ଭାବେ କାର୍ଯ୍ୟରତ। ଅନ୍ୟଜଣେ ହେଲେ ପ୍ରଦୀପ୍ତ କୁମାର ମଲ୍ଲିକ, ପୂର୍ବତନ ପିଇଓ, ତିର୍ତ୍ତୋଲ ବ୍ଲକ (ଅବସରପ୍ରାପ୍ତ)।

୨୦୧୧-୧୨ ରୁ ୨୦୨୧-୨୨ ପର୍ଯ୍ୟନ୍ତ ଆର୍ଥିକ ବର୍ଷଗୁଡ଼ିକୁ ନେଇ ହୋଇଥିବା ବ୍ୟାପକ ତଦନ୍ତ ସମୟରେ ଓଡ଼ିଶା ଭିଜିଲାନ୍ସ ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟକୁ କେନ୍ଦ୍ର କରି ଦୀର୍ଘଦିନ ଧରି ଚାଲିଥିବା ଏକ ସୁଚିନ୍ତିତ ଆର୍ଥିକ ଅନିୟମିତତାର ପର୍ଦ୍ଦାଫାଶ କରିଛି। ଏଥିରେ ଭଞ୍ଜ କିଶୋର ବେହେରା, ପୂର୍ବତନ ଏସଆରଏ, ପ୍ରଦୀପ୍ତ କୁମାର ମଲ୍ଲିକ, ପୂର୍ବତନ ପିଇଓ ଏବଂ ତତ୍କାଳୀନ ତିର୍ତ୍ତୋଲ ବ୍ଲକର ପୂର୍ବତନ ଏଇଇ ସ୍ୱର୍ଗତ ରାଜଦୀପ ହାଁସଦାଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି।

ତଦନ୍ତରୁ ଜଣାପଡ଼ିଛି ଯେ, ତିନିଜଣ ଅଭିଯୁକ୍ତ ଅଧିକାରୀ ସରକାରୀ ବେତନ ରେଜିଷ୍ଟର ଏବଂ ଅର୍ଥ ବିତରଣ ସମ୍ବନ୍ଧୀୟ ଦଲିଲରେ ଜାଲିଆତି ଓ ହେରଫେର କରି ସରକାରୀ ଅର୍ଥ ହଡ଼ପ କରିଥିଲେ। ସେମାନେ ଅନୁମୋଦିତ ବଜେଟ୍ ବ୍ୟବସ୍ଥାଠାରୁ ବହୁଗୁଣ ଅଧିକ ମୂଲ୍ୟର ଜାଲି ଓ ଫୁଲାଯାଇଥିବା ବେତନ ବିଲ୍ ପ୍ରସ୍ତୁତ କରି ଦାଖଲ କରିଥିଲେ। ପରେ ହଡ଼ପ କରାଯାଇଥିବା ଅର୍ଥକୁ ସେମାନଙ୍କ ବ୍ୟକ୍ତିଗତ ସେଭିଂସ୍ ବ୍ୟାଙ୍କ ଖାତାକୁ ସିଧାସଳଖ ଟ୍ରାନ୍ସଫର କରାଯାଇଥିବା ମଧ୍ୟ ତଦନ୍ତରୁ ଜଣାପଡ଼ିଛି।

ଏହି ଘଟଣା ସମ୍ପର୍କରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ କଟକ ଭିଜିଲାନ୍ସ ଥାନାରେ କେସ୍ ନଂ. ୩୦, ତାରିଖ ୧୨.୦୮.୨୦୨୬ ରେ ପିସି (ସଂଶୋଧିତ) ଆକ୍ଟ, ୨୦୧୮ର ଧାରା ୧୩(୨) ସହ ୧୩(୧)(ଏ) ଏବଂ ଆଇପିସିର ଧାରା ୪୦୯/୪୨୦/୪୬୭/୪୬୮/୪୭୧/୩୪ ଅନୁଯାୟୀ ମାମଲା ରୁଜୁ କରାଯାଇଛି।

ପୂର୍ବତନ ଏସଆରଏ ଶ୍ରୀ ବେହେରା ଏବଂ ପୂର୍ବତନ ପିଇଓ ଶ୍ରୀ ମଲ୍ଲିକଙ୍କୁ ଆଜି ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସ, କଟକଙ୍କ ଅଦାଲତରେ ହାଜର କରାଯାଉଛି। ମାମଲାର ତଦନ୍ତ ବର୍ତ୍ତମାନ ଜାରି ରହିଛି।

# ବ୍ଲକ୍ ଓ ତହସିଲ ପର୍ଯ୍ୟନ୍ତ ସମ୍ପ୍ରସାରିତ ହେବ ଓସ୍ୱାସ୍ ୩.୦

ଭୁବନେଶ୍ୱର,୨୨।୮ (ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଓଡ଼ିଶା ସଚିବାଳୟ କାର୍ଯ୍ୟପ୍ରଣାଳୀର ପରବର୍ତ୍ତୀ ପିଢ଼ିର ଡିଜିଟାଲ୍ ପ୍ଲାଟଫର୍ମ 'ଓସ୍ୱାସ୍ ୩.୦'ର କାର୍ଯ୍ୟାନ୍ୱୟନ ପାଇଁ ଟିସିଏସ୍ କୁ ସିଷ୍ଟମ୍ ଡେଭଲପର ଭାବେ ନିଯୁକ୍ତ କରିବା ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏଥିପାଇଁ ୧୨୨ କୋଟି ୬୦ ଲକ୍ଷ ୨୫ ହଜାର ୪୩୬ ଟଙ୍କା (ଜିଏସ୍‌ଟି ବାଦ) ବ୍ୟୟ ହେବ।

ଓଡ଼ିଶା ସରକାରଙ୍କ ଏହି ପ୍ରମୁଖ ଡିଜିଟାଲ୍ ପ୍ରଶାସନିକ ପ୍ରକଳ୍ପ ଦ୍ୱାରା ସମୟୋପଯୋଗୀ ଓ ତଥ୍ୟଭିତିକ ନିଷ୍ପତି ଗ୍ରହଣ ସହଜ ହେବା ସହ ପ୍ରଶାସନିକ ଏବଂ ପ୍ରକ୍ରିୟାଗତ ବିଳମ୍ବ ହ୍ରାସ ପାଇଛି। ଏହା ଦ୍ୱାରା ଦକ୍ଷ, ସ୍ୱଚ୍ଛ, ଉତରଦାୟୀ ଓ ସକ୍ରିୟ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି।

ଓସ୍ୱାସ୍ ବ୍ୟବସ୍ଥାକୁ ବ୍ଲକ୍ ଓ ତହସିଲ୍‌ସ୍ତରୀୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯାଇଛି। ଏହା ଫଳରେ ରାଜ୍ୟରେ ସମ୍ପୂର୍ଣ୍ଣ ଡିଜିଟାଲ୍ ଫାଇଲ୍ ପ୍ରକ୍ରିୟାକରଣ ଏବଂ କାଗଜବିହୀନ କାର୍ଯ୍ୟାଳୟ ବ୍ୟବସ୍ଥା ପ୍ରତିଷ୍ଠା ଲକ୍ଷ୍ୟ ଅଧିକ ଗତିଶୀଳ ହୋଇଛି। ୨୦୨୫-୨୬ ବର୍ଷରେ ଓସ୍ୱାସ୍ ୨.୦ର କାର୍ଯ୍ୟକାରିତାରେ ଉଲ୍ଲେଖନୀୟ ବୃଦ୍ଧି ଘଟିଥିଲା। ବ୍ଲକ୍ ସ୍ତରୀୟ କାର୍ଯ୍ୟାଳୟଗୁଡ଼ିକୁ ଏହାର ପରିସରଭୁକ୍ତ କରାଯିବା ସହ ଏକ ବର୍ଷ ମଧ୍ୟରେ ସଂଯୁକ୍ତ କାର୍ଯ୍ୟାଳୟ ସଂଖ୍ୟାରେ ୬୩୮ ପ୍ରତିଶତ ଏବଂ ବ୍ୟବହାରକାରୀଙ୍କ ସଂଖ୍ୟାରେ ୨୪୭ ପ୍ରତିଶତ ବୃଦ୍ଧି ହୋଇଥିଲା।

ନୂଆ ବ୍ୟବସ୍ଥାର ଲକ୍ଷ୍ୟ ହେଉଛି ଶାସନ ସେବା ପ୍ରଦାନରେ ବିସ୍ତାରକ୍ଷମତା, ସୁରକ୍ଷା, ପରସ୍ପର କାର୍ଯ୍ୟକ୍ଷମତା ଏବଂ ସାମଗ୍ରିକ ପ୍ରଭାବଶୀଳତା ବୃଦ୍ଧି କରିବା। ଓସ୍ୱାସ୍ ୩.୦ ପାଇଁ ନୂତନ ସିଷ୍ଟମ୍ ଡେଭଲପର ଚୟନ ନିମନ୍ତେ ଇ-ନିବିଦା ପୋର୍ଟାଲ୍ ମାଧ୍ୟମରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏଥିରେ ଟିସିଏସ୍ ଏକମାତ୍ର ବିଡ୍ ଦାଖଲ କରିଥିଲା। ନିର୍ଦ୍ଦେଶାବଳୀ ଅନୁଯାୟୀ ବିଡ୍ ର ମୂଲ୍ୟାୟନ ଏବଂ ଚୁକ୍ତି ପୂର୍ବ ଆଲୋଚନା ପରେ ଟିସିଏସ୍ ୧୨୨ କୋଟି ୬୦ ଲକ୍ଷ ୨୫ ହଜାର ୪୩୬ ଟଙ୍କା (ଜିଏସ୍‌ଟି ବାଦ) ବ୍ୟୟରେ ଓସ୍ୱାସ୍ ୩.୦ର କାର୍ଯ୍ୟାନ୍ୱୟନ ସହିତ ପାଂଚ ବର୍ଷ ପାଇଁ ସହାୟତା ଯୋଗାଇବାକୁ ସମ୍ମତି ଦେଇଥିଲା।

# ଓଡ଼ିଶା ଅର୍ବାନ୍ ଏକାଡେମୀ ଏବଂ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ଚୁକ୍ତି

ଭୁବନେଶ୍ୱର,୨୨।୮ (ମହାଭାରତ): ଖାରବେଳ ଭବନର ୩ୟ ମହଲା ସମ୍ମିଳନୀ କକ୍ଷରେ ଗୁରୁବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।ବୈଠକରେ ଓଡ଼ିଶାର ସହରୀ ଶାସନ ବ୍ୟବସ୍ଥାରେ ମାନବ-କେନ୍ଦ୍ରିକ ଦକ୍ଷତା ବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ଅର୍ବାନ୍ ଏକାଡେମୀ ଏବଂ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ରଣନୈତିକ ବୁଝାମଣା ପତ୍ର ଚୂଡ଼ାନ୍ତ କରିବା ଉପରେ ଏହି ବୈଠକରେ ଆଲୋଚନା କରାଯାଇଥିଲା।

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଏହି ପଦକ୍ଷେପର ପରିସର, ଉଦ୍ଦେଶ୍ୟ ଏବଂ ପ୍ରସ୍ତାବିତ କାର୍ଯ୍ୟକାରିତା ଢାଂଚା ସମ୍ପର୍କରେ ସୂଚନା ଦେଇଥିଲେ । ଏହି ବୈଠକରେ ପୌର ପ୍ରଶାସନ ନିର୍ଦ୍ଦେଶକ ଶ୍ରୀ ଅରିନ୍ଦମ ଡାକୁଆ, ଓଡ଼ିଶା ଅର୍ବାନ୍ ଏକାଡେମୀର ନିର୍ଦ୍ଦେଶକ ସୁଭେନ୍ଦୁ ସାହୁ, ୱାଟକୋର ପ୍ରବନ୍ଧ ନିର୍ଦ୍ଦେଶକ ଦେବବ୍ରତ ମୋହାନ୍ତି, ଯୁଗ୍ମ ସଚିବ ଶ୍ରୀମତୀ ମମତାରାଣୀ ନାୟକ ଏବଂ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଭାଗିଦାରୀ ଅଧୀନରେ, ଓଡିଶା ଅର୍ବାନ ଏକାଡେମୀ ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ମିଳିତ ଭାବେ



ସରକାରୀ ଅଧିକାରୀ, ପୌର କାର୍ଯ୍ୟନିର୍ବାହୀ ଏବଂ ସହରୀ ସ୍ଥାନୀୟ.ସଂସ୍ଥାର କର୍ମଚାରୀଙ୍କ ପାଇଁ ଚାପ ପ୍ରବନ୍ଧନ , ଧ୍ୟାନ, ବିବାଦ ସମାଧାନ, ଶାନ୍ତି ପ୍ରତିଷ୍ଠା ଏବଂ ଏହା ସହ ଜଡ଼ିତ ଅନ୍ୟାନ୍ୟ କ୍ଷେତ୍ରରେ ବିଶେଷଜ୍ଞ ଦକ୍ଷତା-ବୃଦ୍ଧି କାର୍ଯ୍ୟକ୍ରମ ପ୍ରସ୍ତୁତ ଓ ପରିଚାଳନା କରିବେ ।

ଏହି ପଦକ୍ଷେପର ଅନ୍ୟତମ ମୁଖ୍ୟ ଅଙ୍ଗ ହେଉଛି ମନୋ-ସାମାଜିକ ଏବଂ ଆଇନଗତ ସହାୟତା ପ୍ରଦାନ ପାଇଁ ବ୍ୟବସାୟିକ ଭାବେ ତାଲିମପ୍ରାପ୍ତ କାଉନସେଲର (ପରାମର୍ଶଦାତା)ଙ୍କର ଏକ କ୍ୟାଡର ସୃଷ୍ଟି କରିବା । ଏହି ସହଯୋଗିତା ଜରିଆରେ ସୁବିଧାସୁଯୋଗରୁ ବଂଚିତ ଏବଂ ପହଂଚ ବାହାରେ ଥିବା ସହରୀ ସମୁଦାୟଗୁଡ଼ିକୁ ସହାୟତା ଓ ଦକ୍ଷତା-ବୃଦ୍ଧି କାର୍ଯ୍ୟକ୍ରମ ସମ୍ପ୍ରସାରିତ କରିବା ପାଇଁ ଡିଜିଟାଲ୍ ଟେକ୍ନୋଲୋଜିର ବ୍ୟବହାର ଉପରେ ମଧ୍ୟ ଅନୁଧ୍ୟାନ କରାଯିବ । ନୈତିକ ନେତୃତ୍ୱ, ଭାବପ୍ରବଣ ସୁସ୍ଥତା, ସମ୍ବେଦନଶୀଳତା, ପେଷାଦାରିତା ଏବଂ ନାଗରିକ-କେନ୍ଦ୍ରିକ ଶାସନ ଉପରେ ଆଧାରିତ ଏକ 'କର୍ମଯୋଗୀ' କାର୍ଯ୍ୟ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ । ଓଡ଼ିଶାର ସହରଗୁଡ଼ିକୁ ଅଧିକ ଅନ୍ତର୍ଭୁକ୍ତ., ସହନଶୀଳ , ଦକ୍ଷ ଏବଂ ବିଶ୍ୱସ୍ତରରେ ବାସଯୋଗ୍ୟ କରିବା ପାଇଁ ସରକାରଙ୍କ ପ୍ରଚେଷ୍ଟାରେ ଏହା ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ ।







# ବିକଳ୍ପ ଇନ୍ଧନ ଚିନ୍ତା

ଯଦି ଗୋବର୍ଦ୍ଧନ ଯୋଜନା ସଫଳ ହେବ ତେବେ ଭାରତରେ ବାର୍ଷି ହାରାହାରି ୫ ବିଲିୟନ ଡଲାର ସଂଚିତ ହୋଇପାରିବ। କହିବା ବାହୁଲ୍ୟ ଯେ, ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ସମଗ୍ର ବିଶ୍ୱ ଉପରେ ପଡ଼ିଛି। ଏହାର ପ୍ରଭାବରେ ଇନ୍ଧନ ସଙ୍କଟ ଅତି ଜଟିଳ ହୋଇଛି। କାରଣ ମଧ୍ୟପ୍ରାଚ୍ୟ ହିଁ ତୈଳ ଉତ୍ପାଦନର କେନ୍ଦ୍ରସ୍ଥଳ। ଇରାନ ନିଜେ ଏକ ତୈଳ ସମୃଦ୍ଧ ରାଷ୍ଟ୍ର। ଏହା ଛଡ଼ା ସାଉଦୀ ଆରବ, ୟୁଏଇ, ଓମାନ, ବାହାରିନ,କୁଏଟ, କାଟାର ଇତ୍ୟାଦି ଜିସିସି ସଦସ୍ୟଭୁକ୍ତ ରାଷ୍ଟ୍ର ବିଶ୍ୱର ପ୍ରମୁଖ ତୈଳ ଉତ୍ପାଦନକାରୀ ରାଷ୍ଟ୍ର। ସେଠାରୁ ଉତ୍ପାଦିତ ତୈଳ ବିଶ୍ୱର ଅଧାରୁ ଅଧିକ ଅଞ୍ଚଳକୁ ରପ୍ତାନୀ ହୋଇଥାଏ। ଯୁଦ୍ଧ ଯୋଗୁ କେବଳ ତୈଳ ଉତ୍ପାଦନ ବ୍ୟାହତ ହୋଇନି, ତୈଳ ରପ୍ତାନୀ ମଧ୍ୟ ପ୍ରଭାବିତ ହୋଇଛି। କାରଣ ମଧ୍ୟପ୍ରାଚ୍ୟ ତଥା ପଶ୍ଚିମ ଏସିଆରୁ ଯେଉଁ ରୁଟ ଦେଇ ତୈଳ ସମୁଦ୍ର ପଥରେ ପରିବହନ ହୋଇଥାଏ ସେହି ରାସ୍ତାରେ ଇରାନ ଆକ୍ରମଣ କରୁଛି। ବିଶେଷ କରି ହରମୁଜ ପ୍ରଣାଳୀ ଦେଇ ପଶ୍ଚିମ ଏସିଆରୁ ଅଧିକାଂଶ ତୈଳବାହୀ ଜାହାଜ ଯାଇଥାଏ। ଯୁଦ୍ଧ ପୂର୍ବରୁ ଇରାନ ଧମକ ଦେଇଥିଲା ଯେ ଏହି ରୁଟକୁ ଅବରୋଧ କରିବ। ଏବେ ତାହା ହିଁ ହୋଇଛି। ହରମୁଜ ପ୍ରଣାଳୀ ଦେଇ ଯାଉଥିବା ପଣ୍ୟବାହୀ ଜାହାଜ ଉପରେ ଇରାନ ଆକ୍ରମଣ କରିବା ଫଳରେ ଏହି ପଥରେ ଜାହାଜ ଚଳାଚଳ ଏକରକମ ବନ୍ଦ ହୋଇଯାଇଛି। ଏହା ହିଁ ତୈଳ ସଙ୍କଟର ପ୍ରମୁଖ କାରଣ। ଏଥିରେ ଭାରତ ମଧ୍ୟ ଗୁରୁତର ପ୍ରଭାବିତ ହୋଇଛି। ଭାରତରେ ଏବେ ସୁଦ୍ଧା ପେଟ୍ରୋଲ ଏବଂ ଡିଜେଲ ଦର ବୃଦ୍ଧି ପାଇନି କିମ୍ବା ଏହାର ଅଭାବ ଅନୁଭବ କରାଯାଉନି। କାରଣ ଭାରତରେ ପ୍ରଚୁର ପରିମାଣର ଅଶୋଧିତ ତୈଳ ମହଜୁଦ ରହିଛି। ଆଗକୁ କ'ଣ ହେବ ତାହା ଭିନ୍ନ କଥା। କିନ୍ତୁ ଏବେ ପେଟ୍ରୋଲ ଏବଂ ଡିଜେଲ ଅଭାବ ନାହିଁ। ବିଦେଶରୁ ଏଲପିଜି ବା ଗ୍ୟାସ ଟ୍ୟାଙ୍କର ଆସିବା ବନ୍ଦ ହୋଇଯିବାରୁ ଭାରତରେ ଏହାର ସଙ୍କଟ ଦେଖାଦେଇଛି। ଏଥିପାଇଁ ସରକାରଙ୍କୁ ଦୋଷ ଦେବା ଅନୁଚିତ। ଲୋକେ ଯେପରି ଆତଙ୍କିତ ହେଉଛନ୍ତି ସେଥିରେ ସଙ୍କଟ ଅଧିକ ଘନୀଭୂତ ହେବା ସ୍ୱାଭାବିକ। କିନ୍ତୁ ଲୋକେ ଅଯଥା ଛାନିଆ ହୋଇ ଗ୍ୟାସ ପାଇଁ ଡହଳ ବିକଳ ହେବା ଅନୁଚିତ। ଏବେ ବିକଳ୍ପ ଇନ୍ଧନ ଚିନ୍ତା କରିବାର ସମୟ ଆସିଛି। ପେଟ୍ରୋଲ ଏବଂ ଡିଜେଲ ବଦଳରେ ଅଧିକ ସଂଖ୍ୟାରେ ବିଦ୍ୟୁତ ଚାଳିତ ଗାଡ଼ି ବା ଇଭି ବ୍ୟବହାରକୁ ପ୍ରୋତ୍ସାହିତ କରାଯିବା ଉଚିତ। ସେହିପରି ଏଲପିଜି ପରିବର୍ତ୍ତେ ଲୋକେ ଇଣ୍ଡକସନ ବ୍ୟବହାରକୁ ଆପଣାଇବା ଉଚିତ। ଏଲପିଜି ବ୍ୟବହାରକୁ ବନ୍ଦ କରାଯାଇପାରିବନି। କିନ୍ତୁ ଏହାକୁ ହ୍ରାସ କରାଯାଇପାରିବ। କିନ୍ତୁ କାଠଚୁଲା, କୋଇଲା ଏହାର ବିକଳ୍ପ ନୁହେଁ। ଏଲପିଜିର ଆଉ ଏକ ଭଲ ବିକଳ୍ପ ହେଲା ଗୋବର ଗ୍ୟାସ ବା ବାୟୋଗ୍ୟାସ। ବହୁ ବର୍ଷ ହେବ ଏହା ଉଦ୍ଭାବିତ ହେଲାଣି। କିନ୍ତୁ ବ୍ୟାପକ ପ୍ରଚାର ପ୍ରସାର ନଥିବାରୁ ଏହାକୁ ଲୋକେ କାର୍ଯ୍ୟକାରୀ କରୁ ନାହାଁନ୍ତି। କେବଳ ଗ୍ରାମାଞ୍ଚଳରେ ଏହାର ବ୍ୟବହାର ସୀମିତ ରହିଛି। ସହରାଞ୍ଚଳରେ ଗାଈ ଗୋରୁଙ୍କ ସଂଖ୍ୟା ଖୁବ କମ ଥିବାରୁ ଏଭଳି ହୋଇଛି। ଏବେ ସମୟ ଆସିଛି ଲୋକେ ପୁଣି ଗୋ ସମ୍ପଦକୁ ଆପଣାଇବା ଉଚିତ। ସେହିପରି ସୋଲାର ପାୱାରକୁ ମଧ୍ୟ ସର୍ବାଧିକ ଗୁରୁତ୍ୱ ଦିଆଯିବା ଉଚିତ। ଘରେ ଘରେ ସୋଲାର ପାୱାର ଉତ୍ପାଦନ କରାଯାଇ ଏହା ମାଧ୍ୟମରେ ଇନ୍ଧନ ସଙ୍କଟକୁ ଦୂର କରାଯାଇପାରିବ। ଭାରତ ଭଳି ଏକ ଗ୍ରୀଷ୍ମପ୍ରଧାନ ଦେଶରେ ସୋଲାର ପାୱାର ଉତ୍ପାଦନ ବୃଦ୍ଧିର ବ୍ୟାପକ ସମ୍ଭାବନା ରହିଛି। ଏହା ଦ୍ୱାରା ଏଲପିଜି ଉପରେ ନିର୍ଭରଶୀଳତା ୫୦% ହ୍ରାସ ପାଇପାରିବ। ବିଦେଶରୁ ଏଲପିଜି କିଣିବାକୁ ଆଉ ବାଧ୍ୟବାଧକତା ପଡ଼ିବନି। ଆମ ଦେଶରେ ବି ଗ୍ୟାସ ଉତ୍ପାଦିତ ହେଉଛି। ବିଦେଶରୁ ଆଉ ଅଳ୍ପ କିଛି ଗ୍ୟାସ ଆମଦାନୀ କରିଲେ କାମ ଚଳିଯିବ।

# କ୍ଷେପଣାସ୍ତ୍ରଧାରୀ ବେଲୁନ ପାଇଁ ଚିନ୍ତା

॥ ସୌମେନ୍ଦ୍ର ଜେନା ॥

“ ଆମେରିକା ପ୍ରତିରକ୍ଷା ଅଧ୍ୟୟନ ସଂସ୍ଥାର ଅଧ୍ୟକ୍ଷ ପଲ୍ କ୍ରେସ୍‌ପୋ ଆଶଙ୍କା ପ୍ରକାଶ କରି କହିଛନ୍ତି ଯେ ନିକଟରେ ଆମେରିକା ଏବଂ କାନାଡାର ଜାତୀୟ ଆକାଶ ସୀମାକୁ ଅତିକ୍ରମ କରିପାରିଥିବା ଚୀନର ବେଲୁନ ସାହାଯ୍ୟରେ ଆକ୍ରମଣ ପାଇଁ ଏହା ଅଭ୍ୟାସ ମାତ୍ର ରହିଥିଲା। ପୂର୍ବରୁ ଚୀନ ପକ୍ଷରୁ ହାଇପରସୋନିସ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା ହେବା ବେଳେ ତାହା ଚୀନର ଆକାଶ ସୀମାରେ ହୋଇଥିଲା।

ଆମେରିକାର ପ୍ରତିରକ୍ଷା ବିଭାଗର ତଥ୍ୟ ସଂଗ୍ରହ କରୁଥିବା ଚୀନର ବିଶାଳକାୟ ବେଲୁନକୁ ଆମେରିକା ବାୟୁସେନା କ୍ଷେପଣାସ୍ତ୍ର ମାଡକରି ନଷ୍ଟ କରିଥିବା ଖବର ନିକଟରେ ସମସ୍ତଙ୍କ ଦୃଷ୍ଟିକୁ ଆସିଛି । ଉକ୍ତ ବେଲୁନଟି ଦୀର୍ଘ ସମୟ ଘରି ତଥ୍ୟ ଚୋରୀ କରିବାକୁ ଫଟୋ ଉଠାଉଥିବା କଥା କୁହାଯାଇଥିଲା । ଆମେରିକା ଏବଂ କାନାଡାରେ ଏମିତି ପ୍ରାୟ ତିନୋଟି ବେଲୁନ ସଂପ୍ରତି ଦେଖିବାକୁ ମିଳିଛି । ଚୀନ ସରକାର ଏହାକୁ ପାଣିପାଗ ପରୀକ୍ଷା ପାଇଁ ଛଡାଯାଇଥିବା କଥା କହୁଥିଲେ ହେଁ ଏହି ବେଲୁନର ସହାୟତାରେ ଆଗାମୀ ଦିନରେ କିପରି ମହାକାଶରୁ ବହୁ ଉଚ୍ଚରୁ ହାଇପରସୋନିକ କ୍ଷେପଣାସ୍ତ୍ର ମାଡ କରାଯାଇପାରିବ ସେହି ଲକ୍ଷ୍ୟରେ ଚୀନ ପରୀକ୍ଷା-ନିରୀକ୍ଷା ଚଳାଇଛି ।

ଚୀନ ସରକାରଙ୍କ ମାଲିକାନାରେ ଥିବା ସିସିଟିଭିରେ ୨୦୧୮ରେ ଏମିତି ଏକ ଭିଡିଓ ଛଡାଯାଇଥିଲା ଯେଉଁଥିରେ ବହୁ ଉଚ୍ଚକୁ ଖୋଲା ମଇଦାନରୁ ବେଲୁନଟିକୁ ଛଡାଯାଉଛି । ବେଲୁନଟି ସହ ତ୍ରିକୋଣ ବିଶିଷ୍ଟ କ୍ଷେପଣାସ୍ତ୍ର ସବୁ ଏକ ହାଇପରସୋନିକ ଗ୍ଲାଇଡ ଭେହିକିଲସରେ ଲାଗିଥିବା ଅବସ୍ଥାରେ ଉପରକୁ ଉଠୁଛନ୍ତି । ପରେ ନିର୍ଦ୍ଦିଷ୍ଟ ଉଚ୍ଚତାକୁ ବେଲୁନ୍‌ଟି ଉଠିବା ପରେ ଗୋଟିଏ ପରେ କ୍ଷେପଣାସ୍ତ୍ରଗୁଡିକ ତଳମୁହାଁ ହୋଇ ଖସୁଛି ଗୋଟିଏ ଯାହାକୁ ସେତେବେଳେ ଚୀନ କର୍ତ୍ତୃପକ୍ଷ କ୍ଷେପଣାସ୍ତ୍ର ପରୀକ୍ଷାର ଆଖ୍ୟା ଦେଇଥିଲେ । ହଂକଂସ୍ଥିତ ସାଉଥ୍ ଚାଇନା ମର୍ଣ୍ଣିଂ ପୋଷ୍ଟ ଜଣାଇଥିଲା ଯେ ବେଲୁନ ଆକାଶରୁ ତଳକୁ ପକାଉଥିବା ହାଇପରସୋନିକ୍ ଗ୍ଲାଇଡ ଭେହିକିଲଗୁଡିକ ହାଇପରସୋନିକ କ୍ଷେପଣାସ୍ତ୍ର ବିକାଶ କାର୍ଯ୍ୟକ୍ରମର ଅନ୍ତର୍ଗତ, ଯାହାକି ଆଗାମୀ ଦିନରେ ଚୀନ ସେନାକୁ ଅଦମ୍ୟ ଆଣବିକ ଅସ୍ତ୍ରର କ୍ଷମତା ପ୍ରଦାନ କରିବ । ୨୧ ସେପ୍ଟେମ୍ବର ୨୦୧୮ରେ 'ଦାଫେଙ୍ଗ୍ କାଓ' ନାମଟ ଟ୍ୱିଟର ଆକାଉଣ୍ଟରୁ ଏ ସଂକ୍ରାନ୍ତରେ ଏକ ପୋଷ୍ଟ କରାଯାଇଥିଲା । ଯେଉଁଥିରେ କୁହାଯାଉଥିଲା ଯେ ବହୁ ଉଚ୍ଚରୁ ବେଲୁନ ସାହାଯ୍ୟରେ ତଳକୁ କ୍ଷେପଣାସ୍ତ୍ର ମାଡର ପରୀକ୍ଷା ସଫଳତାର ସହ ଶେଷ ହୋଇଛି । ଚୀନର ଉତ୍ତର ପଶ୍ଚିମରେ ଆକାଶରେ ଏହି ପରୀକ୍ଷା ହୋଇଥିଲା । ଦିନ ୧୨ଟା ୪୭ମିନିଟରେ ୨୫ସେକେଣ୍ଡର ଭିଡିଓଟିକୁ ଟ୍ୱିଟର ଆକାଉଣ୍ଟରେ ଅପ୍‌ଲୋଡ କରିବା ଦେଖାଯାଇଥିଲା ।

ଚୀନର ମଧ୍ୟମ ଦୂରଗାମୀ ବାଲିଷ୍ଟିକ କ୍ଷେପଣାସ୍ତ୍ର ଡଙ୍ଗଫେଙ୍ଗ୍-୧୭ ଯାହା ୫-୧୦ ମାକ୍ ଗତିରେ ଯିବାର କ୍ଷମତା ରଖିଛି ଏବଂ ଯେଉଁଥିରେ ପାରମ୍ପାରିକ ଏବଂ ଆଣବିକ କ୍ଷେପଣାସ୍ତ୍ର ବହନ କରିବାର କ୍ଷମତା ମଧ୍ୟ ରହିଛି , ତାହା ଏହି ବେଲୁନକୁ ମହାକାଶକୁ ନେଇଯାଇପାରିବ । ଡଙ୍ଗଫେଙ୍ଗର ଓଜନ ୧୫ଟନ ଥିଲାବେଳେ ମାରକ କ୍ଷମତା ୧୮୦୦ରୁ ୨୫୦୦କିମି ପର୍ଯ୍ୟନ୍ତ ରହିଥିବାର ଜଣାଯାଏ । ଭିଡିଓ ଦୃଶ୍ୟରେ ଆକାଶରୁ ତଳକୁ ବେଲୁନ ସାହାଯ୍ୟରେ କ୍ଷେପଣାସ୍ତ୍ରମାଡ କରାଯିବା ଦୃଶ୍ୟକୁ ସେ ସମୟରେ ଆମେରିକାର ପ୍ରତିରକ୍ଷା ବିଶେଷଜ୍ଞମାନେ ଗୁରୁତ୍ୱର ସହ ନେଇଥିଲେ । ଜୁଲାଇ ୨୦୨୧ରେ ଚୀନ ସେନା ପକ୍ଷରୁ ଅତି ଗୋପନୀୟ ଭାବେ ହୋଇଥିବା ଏହି ପରୀକ୍ଷା ସମୟକ୍ରମେ ଭାରତ, ତାଇୱାନ ଏବଂ ଜାପାନର ଆକାଶ ସୀମାରେ ମଧ ହୋଇଥିବା କଥା କୁହାଯାଉଛି । ସେହି ପରୀକ୍ଷା ବେଳେ ୨୪୮୦୦ ମାଇଲ (୩୯୯୧୧ କିମି) ଦୂରକୁ ମହାକାଶରେ ଅତିକ୍ରମ କରି ତାହା ବାୟୁମଣ୍ଡଳରେ ପ୍ରବେଶ କରି ମାଟି ଉପରେ ଥିବା ଟାର୍ଗେଟକୁ କ୍ଷେପଣାସ୍ତ୍ରମାଡ କରିବାକୁ ସକ୍ଷମ ହୋଇଥିଲା । ଏହି ବିଷୟରେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିରକ୍ଷା ଗୋଇନ୍ଦା ବିଭାଗ (ଡିଆଇଓ)ର ରିପୋର୍ଟରେ ମଧ ପ୍ରକାଶ ପାଇଥିଲା । ସେଥିଲେ ଉଲ୍ଲେଖ କରାଯାଇଥିଲା ଯେ ପରୀକ୍ଷା ୧୦୦ ମିନିଟରୁ ଅଧିକ ସମୟ ପାଇଁ ହୋଇଥିଲା, ଯାହା ଚୀନ ଦ୍ୱାରା ପ୍ରସ୍ତୁତ କୌଣସି ସ୍ଥଳଭାଗ ଆକ୍ରମଣକାରୀ ଅସ୍ତ୍ର ବ୍ୟବସ୍ଥାଠାରୁ ସର୍ବାଧିକ ଦୂର ଅତିକ୍ରମ କରିବା ସହ ଟାର୍ଗେଟକୁ ଧ୍ୱଂସ କରିବାକୁ ସକ୍ଷମ ହୋଇଥିଲା । ଆମେରିକାକୁ ଟାର୍ଗେଟ କରି ଆକ୍ରମଣ ପାଇଁ ଚୀନ ପକ୍ଷରୁ ଚାଲିଥିବା ପ୍ରସ୍ତୁତିର ସେହି ପରୀକ୍ଷା ଏକ ଅଂଶ ବିଶେଷ ବୋଲି ଆମେରିକା ସେନାର ଉପମୁଖ୍ୟ ଜେନେରାଲ ଜନ୍ ହାଇଟେନ୍ ସେତେବେଳେ ପ୍ରକାଶ କରିଥିଲେ । ପ୍ରଥମେ ଆଣବିକ ଆକ୍ରମଣ ପାଇଁ ଉକ୍ତ ଗୋପନୀୟ ପରୀକ୍ଷା ଉଦ୍ଦିଷ୍ଟ ଥିବା କଥା କୁହାଯାଇଥିଲା।

ଆମେରିକା ପ୍ରତିରକ୍ଷା ଅଧ୍ୟୟନ ସଂସ୍ଥାର ଅଧ୍ୟକ୍ଷ ପଲ୍ କ୍ରେସ୍‌ପୋ ଆଶଙ୍କା ପ୍ରକାଶ କରି କହିଛନ୍ତି ଯେ ନିକଟରେ ଆମେରିକା ଏବଂ କାନାଡାର ଜାତୀୟ ଆକାଶ ସୀମାକୁ ଅତିକ୍ରମ କରିପାରିଥିବା ଚୀନର ବେଲୁନ ସାହାଯ୍ୟରେ ଆକ୍ରମଣ ପାଇଁ ଏହା ଅଭ୍ୟାସ ମାତ୍ର ରହିଥିଲା । ପୂର୍ବରୁ ଚୀନ ପକ୍ଷରୁ ହାଇପରସୋନିସ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା ହେବା ବେଳେ ତାହା ଚୀନର ଆକାଶ ସୀମାରେ ହୋଇଥିଲା । ଇପୋକ୍ ଟାଇମ୍ସକୁ ନିଜର ପ୍ରତିକ୍ରିୟା ପ୍ରଦାନ କରି କ୍ରେସ୍‌ପୋ କହିଛନ୍ତି ଯେ, ଆମେରିକା ଉପରକୁ ଉଚ୍ଚାକାଶରେ ଉଡିବାକୁ ସକ୍ଷମ ଏହିପରି ଗୋଟିଏ କିମ୍ବା ଅଧିକ ବେଲୁନ ସହ ଛୋଟ ଆଣବିକ ଇଏମ୍‌ପି (ଇଲେକ୍ଟ୍ରୋ ମ୍ୟାଗନେଟିକ୍ ପଲ୍ସ ) ସାହାଯ୍ୟରେ ଆକ୍ରମଣ ହେବାର ଆଶଙ୍କା ରହିଛି । କେବଳ ଏତିକି ନୁହେଁ ଉଚ୍ଚାକାଶରୁ ସେମାନେ ବିନା ଗୁଳିରେ ଏହି ବେଲୁନ ସାହାଯ୍ୟରେ ଆମେରିକାର ଯୋଗାଯୋଗ ଏବଂ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ବର୍ଷାଧିକ କାଳ ପାଇଁ ନଷ୍ଟ କରିଦେବାକୁ ସକ୍ଷମ ହେବା ସହ ଜନସାଧାରଣଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିପାରିବେ । କାରଣ ଆମେରିକାର ବାଇଡେନ ପ୍ରଶାସନ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାର ସୁରକ୍ଷାଗତ ସଂକ୍ରାନ୍ତରେ ବିଶେଷ ସଚେତନ ନଥିବା ହେତୁ ଏପରି ଆକ୍ରମଣ ହେବା କିଛି ବଡ କଥା ନୁହେଁ ବୋଲି କୁହାଯାଉଛି । ମହାକାଶରୁ ସ୍ଥଳଭାଗ ଉପରେ ଆକ୍ରମଣ ସଂକ୍ରାନ୍ତରେ ଜୁଲାଇ ୨୦୨୦ରେ ଯୁକ୍ତରାଷ୍ଟ୍ର ଆମେରିକାର ଇଏମ୍‌ପି ଟାସ୍କଫୋର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଦାୟିତ୍ୱରେ ଥିବା ତତ୍‌କାଳୀନ ଅଧିକାରୀ ଡକ୍ଟର ପିଟର ଭିନସେଣ୍ଟ ପ୍ରି ତାଙ୍କର ଏକ ରିପୋର୍ଟରେ ଜାତୀୟ ଏବଂ ପ୍ରାଦେଶିକ ସୁରକ୍ଷା ବିଷୟରେ ଉଲ୍ଲେଖ କରି ପ୍ରକାଶ କରିଥିଲେ ଯେ ଚୀନରୁ ପ୍ରକାଶିତ ପ୍ରତିରକ୍ଷା ସଂକ୍ରାନ୍ତୀୟ ଅନେକ ଲେଖାରେ ଆମେରିକା ବିରୁଦ୍ଧରେ ଉଚ୍ଚାକାଶରୁ ବିସ୍ଫୋରଣ କରି ଗାମାରଶ୍ମିର ବିକିରଣ ଦ୍ୱାରା ସ୍ଥଳଭାଗରେ କାର୍ଯ୍ୟରତ ସଂଚର ଏବଂ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ନଷ୍ଟ କରିବା ପାଇଁ ହେଉଥିବା ଆଲୋଚନା ନିଶ୍ଚିତ ରୂପେ ଆମେରିକା ବିରୁଦ୍ଧରେ ଯୁଦ୍ଧ ପ୍ରସ୍ତୁତି ବୋଲି ବୁଝିବାକୁ ହେବ । କାରଣ ଆମେରିକା ପ୍ରତିରକ୍ଷା ବିଭାଗର ବିଶେଷଜ୍ଞଙ୍କ କହିବାନୁସାରେ ଆମେରିକାର ପୂର୍ବ ଉପକୂଳରେ ଇଏମ୍‌ପି ଦ୍ୱାରା ଆକ୍ରମଣ ହେଲେ ଗୋଟିଏ ବର୍ଷ ଭିତରେ ୯୦ ପ୍ରତିଶତ ଜନସଂଖ୍ୟାକୁ ଧ୍ୱଂସ କରାଯାଇପାରିବ ଏବଂ ସେହି ଅଞ୍ଚଳରେ ବିଦ୍ୟୁତ ବ୍ୟବସ୍ଥାକୁ ଠିକ୍ କରିବାକୁ ୧୮ମାସ ସମୟ ଲାଗିବ । ଏହି ପରିସ୍ଥିତିରେ ୯୯ ଆଣବିକ ରିଆକଟର ଥଣ୍ଡା ହେବା ପାଇଁ ବିଦ୍ୟୁତ ନପାଇ ତରଳିଯିବେ । ଆଣବିକ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ଅଞ୍ଚଳର ୪୧ଲକ୍ଷ ଲୋକଙ୍କୁ ବାସଚ୍ୟୁତ ହେବାକୁ ପଡିବ ।

ଦେଖିବାକୁ ଗଲେ କେବଳ ଚୀନ ଯେ ଉଚ୍ଚାକାଶ ବେଲୁନ ଆକ୍ରମଣ କଥା ଏକାକୀ ଚିନ୍ତା କରୁଛି ତା ନୁହେଁ । ଆମେରିକା ସମେତ ଅନେକ ରାଷ୍ଟ୍ର ଏ କ୍ଷେତ୍ରରେ ଗୋପନରେ ସେମାନଙ୍କ ଗବେଷଣା ଜାରି ରଖିଛନ୍ତି । ଉଚ୍ଚାକାଶର ୨୩୦୦୦ ଫୁଟରୁ ୬୭୦୦୦ ଫୁଟ ମଧ୍ୟରେ ସଂଖ୍ୟାଧିକ ଡ୍ରୋନ ସାହାଯ୍ୟରେ ମଧ ଶତ୍ରୁପକ୍ଷ ଉପରେ ଆକ୍ରମଣ ପାଇଁ ଯୋଜନା ହେଉଛି । ଶତ୍ରୁପକ୍ଷର ନିରୀକ୍ଷଣକାରୀ ଗୁଇନ୍ଦା ଉପକରଣ, ହାଇପରସୋନିକ ଅସ୍ତ୍ର ଉପରେ ନଜର ରଖିବାଲାଗି ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିରକ୍ଷା ବିଭାଗ ଲକ୍ଷ ଲକ୍ଷ କୋଟି ଡଲାର ବେଲୁନ ପ୍ରସ୍ତୁତି ଏବଂ ଉଡାଣ ପାଇଁ ଖର୍ଚ୍ଚ କରୁଛି । ତେବେ ଚଳିତମାସ ୧୦ ଫେବୃଆରୀ ଦିନ ବାଇଡେନ ପ୍ରଶାସନ ପକ୍ଷରୁ ଚୀନର ଗୁଇନ୍ଦା ତଥ୍ୟ ସଂଗ୍ରହକାରୀ ବେଲୁନ ସଂପର୍କରେ ସୂଚନା ପ୍ରଦାନ କରାଯାଇଛି । ଏଥିରେ କୁହାଯାଇଛି ଯେ ଚୀନ ଦ୍ୱାରା ଯେଉଁସବୁ ବେଲୁନଗୁଡିକୁ ୫ଟି ଉପମହାଦେଶର ୪୦ଟି ଦେଶ ଉପରେ ଉଡି ତଥ୍ୟ ସଂଗ୍ରହ ପାଇଁ ଛଡାଯାଇଥିଲା, ଏହି ବେଲୁନ ତନ୍ମଧ୍ୟରୁ ଗୋଟିଏ । ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେସନ ଦ୍ୱାରା ପରିଚାଳିତ ଭର୍ଜିନିଆର କ୍ୟାଣ୍ଟିକୋ ପରୀକ୍ଷାଗାରରେ ଚୀନା ବେଲୁନର ପରୀକ୍ଷା କରାଯାଇଥିଲା । ଏହିପରି ଏକ ବେଲୁନ ଗତ ୩୧ ଡିସେମ୍ବର ୨୦୨୨ଦିନ ତାଇୱାନର ଟେଙ୍ଗଚେନ୍‌ଫେଙ୍ଗ୍ (ନାନ୍‌ତୋଓ)ଠାରେ ଉଡୁଥିବା ଅବସ୍ଥାରେ ଗୁଳିକରି ଖସାଯାଇଥିଲା । ତେବେ ଏହି ବିଷୟକୁ ନେଇ ଆମେରିକାର ସଂସଦରେ ଏବେ ଢେର ତୁମ୍ବିତୋଫାନ ହୋଇଛି । ଚୀନ ପକ୍ଷରୁ ଏହି ବେଲୁନ ଆକ୍ରମଣ ପାଇଁ ଜାପାନ ଓ ଭାରତ ଟାର୍ଗେଟରେ ଥିବାରୁ ଭାରତ ସରକାର ଏବେଠୁ ସତର୍କ ହେବା ଜରୁରୀ ।

ଭାରତୀୟ ସମ୍ବାଦ ସେବା (ଭାସ)
ଭୁବନେଶ୍ୱର-୭୫୧୦୦୩

# ଗୋପବନ୍ଧୁ ଦୀନବନ୍ଧୁ

॥ ବାଦଲ ଭୂୟାଁ ॥

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଉତ୍କଳମାତାର ଯୋଗ୍ୟତମ ସନ୍ତାନ। ସମାଜ ସେବା କ୍ଷେତ୍ରରେ ଗୋପବନ୍ଧୁଙ୍କ ଦାନ ଅତୁଳନୀୟ। ତୁଳସୀ ଦୁଇ ପତ୍ରରୁ ବାସିବା ପରି ଗୋପବନ୍ଧୁଙ୍କ ସେବା ମନୋବୃତ୍ତିର ପରିପ୍ରକାଶ ପିଲାଟି ଦିନରୁ ଘଟିଥିଲା। ଗୋପବନ୍ଧୁ ଥିଲେ ରୂପାଦେଇପୁର ଭର୍ଣ୍ଣାକୁଲାର ସ୍କୁଲର ଛାତ୍ର। ଏକଦା ସ୍କୁଲ ପଣ୍ଡିତଙ୍କ ଦେହ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କ ପାଇଁ ଲେମ୍ବୁଟିଏ ଯୋଗାଡ଼ କରିବାକୁ ଗୋପବନ୍ଧୁ ଭାର୍ଗବୀ ନଦୀର ଖଇଫୁଟା ବାଲି ଉପରେ ଚାଲିଥିଲେ। ପଣ୍ଡିତଙ୍କୁ ଲେମ୍ବୁ ପାଣି ପିଆଇବା ପରେ ପଣ୍ଡିତ ସେଦିନ କହିଥିଲେ 'ଗୋପ ଦିନେ ଭାରି ବଡ଼ ଲୋକ ହେବ। ଦୀନ, ଦୁଃଖୀ, ଦରିଦ୍ରଙ୍କ ସେବାରେ ଜୀବନ ଉତ୍ସର୍ଗ କରିବ।' ପଣ୍ଡିତଙ୍କ କଥା ସତ ହେଲା। ଦୀନ, ଦୁଃଖୀଙ୍କ ସେବାରେ ଗୋପବନ୍ଧୁ ସଳିତା ଭଳି ଆଜୀବନ ଜଳିଥିଲେ ଏବଂ ପାଲଟିଯାଇଥିଲେ ସମଗ୍ର ଉତ୍କଳର ତ୍ରାଣକର୍ତ୍ତା। ଗୋପବନ୍ଧୁ କେବଳ ଜନସେବକ ନଥିଲେ; ଏକାଧାରରେ ସେ ଦେଶପ୍ରେମୀ, ସଂଗଠକ, ସଂସ୍କାରକ, ସାହିତ୍ୟିକ ଓ ବାଗ୍ମୀ ଥିଲେ। ୧୯୦୯ରେ ପ୍ରତିଷ୍ଠା କରିଥିଲେ ସାକ୍ଷୀଗୋପାଳ ବନ ବିଦ୍ୟାଳୟ। ଏହାଥିଲା ଆଦର୍ଶ ମାନବ ନିର୍ମାଣ କାରଖାନା। ୧୯୨୧ରେ ମହାତ୍ମା ଗାନ୍ଧୀ ପ୍ରଥମ ଥର ଓଡ଼ିଶା ଆସିଥିବାବେଳେ ବନ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପରେ ସେ ୟଙ୍ଗ ଇଣ୍ଡିଆରେ ଲେଖିଥିଲେ ଏ ଭଳି ନିଷ୍ଠାପର ଶିକ୍ଷକ ଓ ଛାତ୍ର ଯଦି ଦେଶରେ ସୃଷ୍ଟି ହୁଅନ୍ତେ, ତେବେ ବର୍ଷକ ମଧ୍ୟରେ ସ୍ୱରାଜ୍ୟ ଲାଭ କରିବା କିଛି ବିସ୍ମୟକର କଥା ନୁହେଁ ବୋଲି ମୋର ବିଶ୍ୱାସ। ଗୋପବନ୍ଧୁ ଥିଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ବିନ୍ଧାଣି। ବୈଜ୍ଞାନିକ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ଗୋପବନ୍ଧୁଙ୍କୁ ଉତ୍କଳମଣି ଉପାଧି ଦେଇଥିଲେ। ଗୋପବନ୍ଧୁଙ୍କ ପ୍ରସିଦ୍ଧ ସାରସ୍ୱତ ସୃଷ୍ଟି ମଧ୍ୟରୁ ବନ୍ଦୀର ଆତ୍ମକଥା, ଧର୍ମପଦ, କାରା କବିତା, ଗୋ-ମାହାତ୍ମ୍ୟ, ନଚିକେତା ଉପାଖ୍ୟାନ, ଅବକାଶ ଚିନ୍ତା ଅନ୍ୟତମ। ୧୮୭୭, ଅକ୍ଟୋବର ୯ ତାରିଖ ଦିନରେ ସାକ୍ଷୀଗୋପାଳ ଥାନା ଅନ୍ତର୍ଗତ ସୁଆଣ୍ଡୋ ଗ୍ରାମରେ ଜନ୍ମ ହୋଇଥିଲେ ଓଡ଼ିଶାର ମଉଡମଣି ଗୋପବନ୍ଧୁ ଦାସ।

ଓଡ଼ିଶାର ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ଥିଲା ଉତ୍କଳ ପ୍ରାଣ ଗୋପବନ୍ଧୁଙ୍କ କର୍ମ ଓ ତ୍ୟାଗର କ୍ଷେତ୍ର। ଓଡ଼ିଆ ଭାଷା ଆଜି ଏଠାରେ ଦ୍ୱିତୀୟ ରାଜ୍ୟ ଭାଷାର ମର୍ଯ୍ୟାଦା ପାଇଛି। ଉତ୍କଳମଣିଙ୍କ ପ୍ରଧାନ ଓ ପ୍ରଥମ କର୍ମଭୂମି ଥିଲା ସିଂହଭୂମ। କଟକ, ପୁରୀ, ବାଲେଶ୍ୱର ଅଞ୍ଚଳରେ ୧୯୨୦ ପର୍ଯ୍ୟନ୍ତ ସେଥିଲେ ଜଣେ ସମାଜସେବୀ। ଗାଁ ଗାଁ ବୁଲି ବଢ଼ି, ମରୁଡ଼ି ସମୟରେ ସ୍ୱେଚ୍ଛାସେବୀ ମାନଙ୍କୁ ଧରି ଚୂଡ଼ା, ଚାଉଳ ବାଣ୍ଟୁଥିଲେ। ସିଂହଭୂମର ଚକ୍ରଧରପୁର ଠାରେ ତାଙ୍କ ରାଜନୈତିକ ଜୀବନର ଆରମ୍ଭ ହୋଇଥିଲା କହିଲେ ଭୁଲ ହେବନାହିଁ। ଏଠାରେ ହୋଇଥିବା ଉତ୍କଳ ସମ୍ମିଳନୀ ଅଧିବେଶନରେ ସେ ସମୟର ରାଜନେତା ମାନଙ୍କୁ ବିରୋଧ ଏଇ ସିଂହଭୂମ ମାଟିରୁ କରିଥିଲେ। କଂଗ୍ରେସ ଦଳର ବାର୍ତ୍ତାକୁ ପ୍ରଚାର ପ୍ରସାର କରି ସେ ସମୟର ନେତା ମାନଙ୍କ ଭିତରେ ମଧ୍ୟରେ ହୋଇପାରିଥିଲେ ଅଗ୍ରଣୀ। ଗୋପବନ୍ଧୁଙ୍କ ଅତି ଆଦରର କର୍ମପୀଠ ସିଂହଭୂମ ଓଡ଼ିଆ ଜାତି ପାଇଁ ଏକ ତୀର୍ଥ ଭୂମିଠୁଁ କମ ନଥିଲା। ୧୯୨୩ ବେଳର କଥା। ସେ ସମୟରେ ଜମିଦାର ମାନଙ୍କର ସେପରି ଥାଟବାଟ ନଥାଏ। ନାମ ଓ ସଞ୍ଜ୍ଞା ସାର ହୋଇ ରହିଯାଇଥିଲେ ରାଜ ପରିବାର, କର୍ପୁର ଉଡିଯାଇ କନା ପଡ଼ି ରହିଥିବା ପରି କଥା। ନାଁ ଥିଲା ଅର୍ଥର ପ୍ରାବଲ୍ୟ ନାଁ କ୍ଷମତା, ପ୍ରତିପତ୍ତି। ଇଂରେଜ ମାନଙ୍କ କଡ଼ା ଶାସନ ଫଳରେ ଜମିଦାର ମାନଙ୍କର ଗୌରବ, ଗାଥା ସବୁ ଅସ୍ତମିତ ହୋଇ ଆସିଥିଲା। ୧୯୧୨ ମସିହାରେ ବିହାର ସହିତ ଏ ଅଞ୍ଚଳକୁ ମିଶେଇ ଦେବା ଫଳରେ ଓଡ଼ିଆ ଭାଷା, କଳା, ସଂସ୍କୃତି ସୁଦ୍ଧ ଲୋପ ପାଇବା ଉପରେ ଥିଲା। କେରା ଆସି ଗୋପବନ୍ଧୁ ଦେଖିଲେ ବିହାରୀମାନେ ଓଡ଼ିଆ ଭାଷାର କଣ୍ଠରୋଧ କରିବା ପାଇଁ ଯେଉଁ ପ୍ରପଞ୍ଚ ଚଳେଇଛନ୍ତି ଜମିଦାର ଠାକୁର ଲକ୍ଷ୍ମୀ ନାରାୟଣଙ୍କଠୁ ଶୁଣି ସେ ସ୍ତବ୍ଧ ହୋଇଯାଇଥିଲେ। ଓଡ଼ିଆ ମାରଣ ନୀତି ତାଙ୍କ ମନ ମଗଜକୁ ଦଗ୍ଧ କରିଦେଇଥିଲା। ସିଂହଭୂମର ବିସ୍ତୃତି ଅଞ୍ଚଳ ଭ୍ରମଣ କରି, ଚାଇବସା, ଚକ୍ରଧରପୁର, ପୋଡାହାଟ, ଷଢ଼େଇକଳା, ଖରସୁଆଁ ଓ ବହଳାଗୋଡ଼ାର ପଞ୍ଚରୁଲିଆ, ଚୟନପୁର, ଆନନ୍ଦପୁର, ଧଳଭୂମ ଆଦି ଅଞ୍ଚଳକୁ ଆସି ସେଠାକାର ବିଶିଷ୍ଟ ଓଡ଼ିଆ ମାନଙ୍କ ସହିତ ସମନ୍ୱୟ ରକ୍ଷା କରି କିପରି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ସୁରକ୍ଷା ହୋଇପାରିବ ତାର ସରଜମିନ ତଥ୍ୟ ଗ୍ରହଣ କରି ଉପରସ୍ଥ ବ୍ରିଟିଶ ଶାସକ ମାନଙ୍କୁ ବୁଝାଇ ଥିବାର କଥା ନଜରକୁ ଆସେ।

ୟୁରୋପରେ ବିଶ୍ୱଯୁଦ୍ଧ ଲାଗି ରହିଥିଲା ବେଳେ ସେ ଏଠାରେ ପଇସିକିଆ ଫଣ୍ଡର ଅବଧାରଣା ଆରମ୍ଭ କରିଥିଲେ। କାରଣ ତାଙ୍କ ଦ୍ୱାରା ସ୍ଥାପିତ ଓଡ଼ିଆ ବିଦ୍ୟାଳୟ ସବୁ ଅର୍ଥ ଅଭାବରୁ ବନ୍ଦ ହୋଇନଯାଉ। ୧୭.୧୧.୧୯୨୭ ତାରିଖ ସମାଜରେ ସେ ଲେଖିଥିଲେ ଅର୍ଥ ଅଭାବପରୁ ସିଂହଭୂମ, ଫୁଲଝର ପ୍ରଭୃତି ସ୍ଥାନରେ କରାଯାଇଥିବା ଓଡ଼ିଆ ସ୍କୁଲ ଗୁଡ଼ିକ ଏତେ ବେଳକୁ ଭାଙ୍ଗିଗଲାଣି। ମୁଁ ସେଥିରେ ମର୍ମାହତ। ୧୯୨୨ ପରେ ଗୋପବନ୍ଧୁ ସିଂହଭୂମ ଆଡ଼କୁ ଆଉ ପ୍ରାୟ ଆସି ନାହାନ୍ତି। ତଥାପି କଟକ, ପୁରୀ ଆଦି ଅଞ୍ଚଳରେ ରହି ମଧ୍ୟ ସେ ସିଂହଭୂମ ଓଡ଼ିଆ ଆନ୍ଦୋଳନ ପ୍ରତି ଆନ୍ତରିକ ଦୃଷ୍ଟି ରଖିଥିଲେ। ଏ ବିଷୟରେ ୨୨.୧୧.୧୯୨୭ ସଂଖ୍ୟା ସମାଜରେ ପ୍ରକାଶିତ।

ସିଂହଭୂମର ବିଶିଷ୍ଟ କବି ଦିଲ୍ଲୀପ ଷଡ଼ଙ୍ଗୀ, ଦେବାନନ୍ଦ ବଟ କବିତାରେ ଗୋପବନ୍ଧୁଙ୍କ ବିଷୟରେ ଲେଖିଥିଲେ, କଟକ ଠୁ ଶହ ଶହ ମାଇଲ ଏ ପାରେ, ଏଇ ସିଂହଭୂମରେ ଯେବେ ଥାପେ ତୁମ ଘଟ, ପୂଜା ପାଇଁ ତୁମରି କଳସ, ଜଣେ ମତେ ପ୍ରଶ୍ନ କଲେ କିଏ ଥିଲେ ଗୋପବନ୍ଧୁ ଦାସ ? ଜଣେ ସମ୍ବାଦିକ ଗୋପବନ୍ଧୁ ଶତ ବାର୍ଷିକ ପାଳିତ ପାଳନ ଅବସରରେ ପଚାରିଥିବା ପ୍ରଶ୍ନ ଗୋପବନ୍ଧୁ କିଏ ଥିଲେ ? ଉତ୍ତରରେ କବି ଦିଲ୍ଲୀପ ଷଡ଼ଙ୍ଗୀ ଏକଥା ଲେଖିଥିଲେ। ଆଜି ପ୍ରବାସର ଏହି ସୁଦୂର ଝାଡ଼ଖଣ୍ଡର ଟାଟାନଗରରେ ପ୍ରବାସୀ ଓଡ଼ିଆ ମାନଙ୍କ ସହିତ ଗୋପବନ୍ଧୁଙ୍କ ଜୟନ୍ତୀ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହେଉଛି।

୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫,

# ନକାରାତ୍ମକ ବ୍ୟବହାର ଅବସାଦର କାରଣ

॥ ଡାକ୍ତର ସମ୍ରାଟ କର ॥

ସୂର୍ଯ୍ୟପ୍ରକାଶ ବହୁ ଦିନ ପରେ ଫୋନ କରି ତାଙ୍କ ବ୍ୟସ୍ତତା ଜଣାଇଲେ। ତାଙ୍କ ସାନ ଭାଇ ବେଳେ ବେଳେ ଉତ୍ତେଜିତ ହୋଇ ଅନ୍ୟମାନଙ୍କ ପ୍ରତି ବିରକ୍ତିକର ମନ୍ତବ୍ୟ ଦେବା ସହ ଉତ୍ତେଜିତ ହୋଇ ହିଂସାତ୍ମକ କାର୍ଯ୍ୟକଳାପ କିଛି କରିଦେଉଛି। ଯାହାଫଳରେ ତାହା ବ୍ୟକ୍ତିଗତ ଜୀବନ ଓ କର୍ମମୟ ଜୀବନ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇସାରିଲାଣି। ମୁଁ ତାଙ୍କ ବ୍ୟସ୍ତତା ସବୁ ଜାଣି କହିଲି ବାସ୍ତବରେ ଏହା ହେଉଛି, ଅନ୍ୟର କ୍ଷତି କରୁଥିବା ନକାରାତ୍ମକ ବ୍ୟବହାର କିମ୍ବା କଥାକୁ ମନୋବିଜ୍ଞାନରେ ଟକ୍ସିକ ବିହେଭିୟର ବୋଲି କୁହାଯାଉଛି। ଏହାଦ୍ୱାରା ଭାବନାତ୍ମକ ଭାବେ ଜଣେ ବ୍ୟକ୍ତି ଆହାତ ହୋଇଥାଏ। ଯାହାକି ମାନସିକ ସ୍ତରରେ ଅସନ୍ତୁଳନ ସୃଷ୍ଟି କରେ। ଏହି ଟକ୍ସିକ ବିହେଭିୟର ଅନେକ ପ୍ରକାର ହୋଇଥାଏ। ଯଥା କାହାକୁ ଧମକାଇବା, ଉକ୍ତ ବ୍ୟକ୍ତିର ଭାବନାକୁ ଆଘାତ ଦେବା, ପ୍ରତ୍ୟେକ କ୍ଷେତ୍ରରେ ନକାରାତ୍ମକ ମନ୍ତବ୍ୟ ଦେବା, ଅନ୍ୟର ଆଚରଣକୁ ତାଚ୍ଛଲ୍ୟ କରି କହିବା, ଅତ୍ୟଧିକ ରାଗିଯାଇ କାହାକୁ ଆକ୍ରମଣ କରିବା ଇତ୍ୟାଦି। ଏଭଳି ବ୍ୟବହାର ଦ୍ୱାରା ପୀଡ଼ିତ ଥିବା ବ୍ୟକ୍ତିର ଭାବନାତ୍ମକ ସ୍ୱାସ୍ଥ୍ୟ ଗଭୀର ଭାବେ ପ୍ରଭାବିତ ହୋଇଥାଏ, ଯାହାକି ଚିନ୍ତା, ଅବସାଦ, ଏଙ୍ଗଜାଇଟି ଏବଂ ନିଜ ପ୍ରତି ହୀନମନ୍ୟତା ଭାବ ସୃଷ୍ଟି କରେ। ଏହା କେବଳ ପୀଡ଼ିତ ବ୍ୟକ୍ତିଙ୍କ କ୍ଷେତ୍ରରେ ନୁହେଁ, ଟକ୍ସିକ ବ୍ୟବହାର ପ୍ରଦର୍ଶନ କରୁଥିବା ବ୍ୟକ୍ତିଙ୍କ ମାନସିକ ସ୍ୱାସ୍ଥ୍ୟକୁ ମଧ କ୍ଷତି ପହଞ୍ଚାଇ ଥାଏ ବୋଲି ଏବେ ଏକ ନୂତନ ପରୀକ୍ଷଣରୁ ଜଣାପଡ଼ିଛି। କାରଣ ସବୁବେଳେ ଏଭଳି ବ୍ୟବହାର କରିବା ଦ୍ୱାରା ମସ୍ତିଷ୍କରେ ଏକ ନକାରାତ୍ମକ ଭାବନାର ଏକ ଫିଡବ୍ୟାକ ସଂଗୃହୀତ ହୋଇରହିଥାଏ। ଏହା ଧୀରେ ଧୀରେ ମସ୍ତିଷ୍କର ଦକ୍ଷତା ଉପରେ ପ୍ରଭାବ ପକାଏ ଏବଂ ଅସୁସ୍ଥ ମସ୍ତିଷ୍କ ଦ୍ୱାରା ଶାରୀରିକ କାର୍ଯ୍ୟପ୍ରଣାଳୀରେ ଅସନ୍ତୁଳନ ଦେଖାଯାଏ। ଉକ୍ତ ବ୍ୟକ୍ତିଙ୍କ ଠାରେ ଅବସାଦ, ଚିନ୍ତା, ଚିଡ଼ଚିଡ଼ାପଣ ଏବଂ ହାଇପରସେନ୍ସିଟିଭିଟି ଦେଖାଯାଏ। ଅନ୍ୟମାନଙ୍କ ସହ ଦୁର୍ବ୍ୟବହାର କରିବା ଦ୍ୱାରା ସେଲଫ ଓ୍ୱର୍ଥ, ବା ଆତ୍ମସମ୍ମାନ ମଧ ହାନି ହୋଇଥାଏ। ଏହା ଯୋଗୁଁ ନିଜ ଭିତରେ ଲଜ୍ଜ୍ୟାବୋଧ, ଅପରାଧ ଭାବନା ଓ ଆତ୍ମ ସନ୍ଦେହର ଭାବନା ଅନୁଭୂତ ହୋଇଥାଏ। ଟକ୍ସିକ ବିହେଭିୟର ଯୋଗୁଁ ନିଜ ଭିତରେ ଅଧିକ ଦିନ ପର୍ଯ୍ୟନ୍ତ ନିଜ ଭିତରେ ଏକ ନିରାଶାବୋଧ ମଧ ଅନୁଭୂତ ହୋଇଥାଏ। ଟକ୍ସିକ ବିହେଭିୟର ପ୍ରଦର୍ଶନ କରୁଥିବା ବ୍ୟକ୍ତିଙ୍କ ସହିତ କେହି ମିଶିବାକୁ ପସନ୍ଦ କରନ୍ତି ନାହିଁ। ତେଣୁ ସେମାନେ ଧୀରେ ଧୀରେ ଏକୁଟିଆ ହୋଇଯାନ୍ତି, ଯାହାଦ୍ୱାରା ସେମାନେ ଅବସାଦଗ୍ରସ୍ତ ହୋଇ ଆତ୍ମହତ୍ୟା କରିବାକୁ ମଧ ପଛାଇ ନଥାନ୍ତି। ଟକ୍ସିକ ବିହେଭିୟରର କୌଣସି ଲକ୍ଷଣ ଜଣାପଡୁ ନଥିଲେ ଅନ୍ୟମାନଙ୍କ ସହିତ କିଭଳି ବ୍ୟବହାରକୁ ଟକ୍ସିକ କୁହାଯାଏ ତାହାର କିଛି ନିର୍ଦ୍ଦିଷ୍ଟ ତଥ୍ୟ ରହିଛି। ଯଥା ଅନ୍ୟ କାହାର ବ୍ୟବହାର, ବିଚାର ଓ ଭାବନା ସହିତ ଖେଳିବା କିମ୍ବା ନିଜର କର୍ତ୍ତୃତ୍ୱ ଜାହିର କରିବା, ନିଜ ତ୍ରୁଟି ପାଇଁ ସବୁବେଳେ ଅନ୍ୟମାନଙ୍କୁ ଦୋଷ ଦେବା, ନିଜର ଭୁଲ ମାନିବାକୁ ସବୁବେଳେ ମନା କରିବା, ନିଜର କାମ ପାଇଁ ଅନ୍ୟମାନଙ୍କ ଉପରେ ଲଦି ଦେବା, ଅନ୍ୟ ସହିତ ଛଳକପଟ କରିବା, ଅନ୍ୟମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ ନକରିବା, ଅନ୍ୟର ଭାବନାକୁ ଆଘାତ କରିବା, ଅନ୍ୟମାନଙ୍କ ପ୍ରତି ଗାଳି ବା ଅପଶବ୍ଦ ବ୍ୟବହାର କରିବା କିମ୍ବା ହାଥ ଉଠାଇବା ଇତ୍ୟାଦି ଟକ୍ସିକ ବିହେଭିୟର ଅନ୍ତର୍ଗତ। ତେଣୁ ଏଭଳି ଦୁର୍ବ୍ୟବହାର କରିବାର ମନୋବୃତ୍ତିକୁ ପରିବର୍ତ୍ତନ କରିବା ନିତାନ୍ତ ଆବଶ୍ୟକ। କାରଣ ଏହା ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରିବ।

ଏ କ୍ଷେତ୍ରରେ ଲୋକଟିର ପାଖ ଲୋକମାନଙ୍କର ଗୁରୁଦାୟିତ୍ୱ ରହିଛି। ସେମାନେ ସବୁବେଳେ ପୀଡ଼ିତ ଜଣଙ୍କ ପ୍ରତି ବିରକ୍ତିକର ବ୍ୟବହାର ନଦେଖାଇ ଉତ୍ତମ ବ୍ୟବହାର ସହ ତାଙ୍କ ପାଇଁ ଏକ ଭଲ ରୁଟିନ ଜୀବନ ତିଆରି କରନ୍ତୁ। ତାଙ୍କ ଖାଇବା, ବିଶ୍ରାମ ଓ କର୍ମବ୍ୟସ୍ତତା ସମ୍ପର୍କରେ ମଧ ସଚେତନ ରୁହନ୍ତୁ। ଅଧିକ କୌଣସି ସମସ୍ୟା ଦେଖାଗଲେ ବା ପରିସ୍ଥିତି ଜଟିଳ ଅନୁଭବ କଲେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

## ନ୍ୟାୟ ଦାବିରେ ଏସଡିପିଓଙ୍କୁ ଭେଟିଲା ଗୋଣ୍ଡୱାନା ଛାତ୍ର ସମାଜ ୧୦ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନହେଲେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ

ଉମରକୋଟ, (ମହାଭାରତ) : ରାଇଘର ଅଞ୍ଚଳରେ ଦୁଇ ଜଣଙ୍କ ପ୍ରତି କଥିତ ଅନ୍ୟାୟ, ଧମକ ଓ ଜାତିଆଣ ଆକ୍ଷେପ ଅଭିଯୋଗ ଘଟଣାରେ ନ୍ୟାୟ ଦାବି କରି ଗୋଣ୍ଡୱାନା ଯୁବ ଛାତ୍ର ସଂଗଠନର ଏକ ପ୍ରତିନିଧି ଦଳ ଶୁକ୍ରବାର ଉମରକୋଟ ଏସଡିପିଓ କାର୍ଯ୍ୟାଳୟରେ ପହଞ୍ଚି ଏସଡିପିଓ ଶୁଭେନ୍ଦୁ ଶବରଙ୍କୁ ଭେଟିଥିଲେ। ଏହି ଅବସରରେ ସଂଗଠନର କର୍ମକର୍ତ୍ତାମାନେ ଘଟଣାରେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ନ୍ୟାୟ ଦାବି କରିଥିଲେ। ସୂଚନାନୁସାରେ, ରାଇଘର ଅଞ୍ଚଳର କିଷାନ ଗଣ୍ଡ ଓ ଜିତେନ୍ଦ୍ର ଗଣ୍ଡଙ୍କୁ ଜଣେ ପ୍ରଭାବଶାଳୀ ରାଜନୈତିକ ବ୍ୟକ୍ତି ଓ ତାଙ୍କ ସହଯୋଗୀମାନେ ଭୟଭୀତ କରିବା, ଧମକ ଦେବା, ଜୀବନରୁ ମାରିଦେବାକୁ ଧମକ ଦେବା ସହ ଜାତିଆଣ ଆକ୍ଷେପ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ନେଇ ଅଭିଯୋଗ ହୋଇଛି। ଏନେଇ ଉଭୟ ପୀଡ଼ିତ ରାଇଘର ଥାନାରେ ଲିଖିତ ଅଭିଯୋଗ କରିଥିବା କୁହାଯାଇଛି। ତେବେ ଘଟଣାକୁ ୪୧ ଦିନ ବିତିଥିଲେ ମଧ୍ୟ ପୁଲିସ ପକ୍ଷରୁ ଆଶାନୁରୂପ କାର୍ଯ୍ୟାନୁଷ୍ଠାନ ହୋଇନଥିବା ଗୋଣ୍ଡୱାନା ଛାତ୍ର ସମାଜର ନେତାମାନେ ଅଭିଯୋଗ କରିଛନ୍ତି। କେବଳ ଜଣେ ବ୍ୟକ୍ତିଙ୍କ ବିରୋଧରେ ସାଧାରଣ ମାମଲା ରୁଜୁ କରି ପୁଲିସ ଚୁପ୍? ବସିଥିବା ସେମାନେ ଅଭିଯୋଗ କରିବା ସହ ଅଭିଯୋଗରେ ଉଲ୍ଲେଖିତ ଜାତିଆଣ ଆକ୍ଷେପକୁ ନେଇ ଆଦିବାସୀ ସମ୍ପର୍କିତ ଆଇନର ଉପଯୁକ୍ତ ଧାରାରେ ମାମଲା କାହିଁକି ରୁଜୁ ହୋଇନାହିଁ ବୋଲି ପ୍ରଶ୍ନ ଉଠାଇଥିଲେ। ଅଭିଯୋଗ ଉପରେ ଏସଡିପିଓ ଶୁଭେନ୍ଦୁ ଶବର ଛାତ୍ର ନେତାମାନଙ୍କୁ ଘଟଣାର ତଦନ୍ତ ଚାଲିଥିବା ଏବଂ ତଦନ୍ତରେ ଯିଏ ଦୋଷୀ ପ୍ରମାଣିତ ହେବେ, ତାଙ୍କ ବିରୋଧରେ ଆଇନ ଅନୁସାରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେବ ବୋଲି ଆଶ୍ୱାସନ ଦେଇଥିବା ଜଣାପଡ଼ିଛି। ତେବେ ଆଗାମୀ ୧୦ ଦିନ ମଧ୍ୟରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନହେଲେ ଗୋଣ୍ଡୱାନା ଛାତ୍ର ସମାଜ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବ ବୋଲି ଛାତ୍ର ନେତାମାନେ ଚେତାବନୀ ଦେଇଛନ୍ତି। ଏହି ଆଲୋଚନାରେ ଗୋଣ୍ଡୱାନା ଛାତ୍ର ସଂଘ ସଭାପତି ନକୁଳ ଗଣ୍ଡ, ପୂର୍ବତନ ସଭାପତି ବିଜୟ ଗଣ୍ଡ, ଜିତେନ୍ଦ୍ର ଗଣ୍ଡ, ଧନି ଗଣ୍ଡ, ପୂର୍ବତନ ଜୋନ ସଭାପତି ନରସିଂ ଗଣ୍ଡ, ପୂର୍ବତନ ଜୋନ ଉପସଭାପତି ଶମ୍ଭୁ ଗଣ୍ଡ, ରାମପ୍ରସାଦ ଗଣ୍ଡ, ପିଙ୍କୁ ଗଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।

## ନଅ ଟିକିଆ ହାତୀପୋଲ ଚାଷ ଜମି ନଷ୍ଟ କରିବା ସହ ଖାଇଲେ ଧାନ ଫସଲ

ପାଟଣା, (ମହାଭାରତ) : ନଅ ଟିକିଆ ହାତୀ ପୋଲ ଙ୍କ ଚାଷ ଜମି ରେ ତାଣ୍ଡବ ଖାଉ ଛନ୍ତି ଧାନ ଫସଲ ନଷ୍ଟ କରୁଛନ୍ତି ଧାନ ବିଲ । ସୂଚନା ରୁ ପ୍ରକାଶ କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ଅନ୍ତର୍ଗତ ସାନଜାମୁପଶି ଗ୍ରାମରେ ଏକର ଏକର ଧାନ ବିଲ ରେ ନଅ ଟିକିଆ ହାତୀ ପୋଲ ତାଣ୍ଡବ ରଚିବା ସହ ଖାଉ ଛନ୍ତି ଧାନ ଫସଲ ସହିତ ବିଲ ମାଡ଼ି ନଷ୍ଟ କରୁ ଥିବା ଦେଖିବାକୁ ମିଳିଛି। ଏପଟେ ଚାଷୀ ଧାନ ଫସଲ ସହ ବିଲ ନଷ୍ଟ କୁ ନେଇ ହତାସ ହୋଇ ପଡି ଥିବ ତେବେ ବନାଞ୍ଚଳ ପକ୍ଷ ରୁ କୌଣସି କର୍ମଚାରୀ ଙ୍କ ଦେଖି ମିଳୁ ନ ଥିବା ଚାଷୀ ମହଲ ଅସନ୍ତୋଷ ଦେଖା ଦେଇ ଛି। ଏନେଇ କ୍ଷତିଗ୍ରସ୍ଥ ଚାଷୀ ସୃଘ୍ନ ମହାନ୍ତ,ଯୁଧିଷ୍ଟିର ମହାନ୍ତ,ନବଘନ ମହାନ୍ତ,ଦିପୁନ କୁମାର ମହାନ୍ତ, ପୁରୋଷତ୍ତମ ମହାନ୍ତ, ଭଗବାନ ମହାନ୍ତ,ଅନିଲ କୁମାର ମହାନ୍ତ ଲିଖିତ ଅଭିଯୋଗ କରିବା ସହିତ କ୍ଷତି ପୂରଣ ଯୋଗାଇ ଦେବାକୁ ଦାବି କରିଛନ୍ତି। ତେବେ ଚାଷୀ ଙ୍କୁ ବନାଞ୍ଚଳ ପକ୍ଷ ରୁ କେବେ କ୍ଷତି ପୂରଣ ଯୋଗାଇ ଦିଆଯାଉ ଛି । ତାହା ଦେଖିବାକୁ ବାକି ରହିଲା।

## ରକ୍ତଦାନ ଶିବିର, ସ୍ୱେଚ୍ଛାକୃତ ଭାବେ ରକ୍ତ ଦେଇ ସମ୍ମାନିତ ହେଲେ ଯୁବ ସାମ୍ବାଦିକ ଜଗନ୍ନାଥ ଧରୁଆ

ପାଟଣାଗଡ, (ମହାଭାରତ) : ସମ୍ବାଦ ଖବର କାଗଜ ଓ କନକ ନ୍ୟୁଜ୍? ତଥା ଆମ ଓଡ଼ିଶା ରକ୍ତଦାନ ଅଭିଯାନ ଆନୁକୂଲ୍ୟରେ ଆଜି ପାଟଣାଗଡ଼ ଠାରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ଓ ସ୍ୱାଭିମାନ ପରିବାର ର ମିଳିତ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ୧୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଏହି ଶିବିରରେ ଯୁବ ସାମ୍ବାଦିକ ତଥା ରିପୋର୍ଟର ଟୁଡ଼େ,ମହାଭାରତ ଖବର କାଗଜ ର ଯୁବ ସାମ୍ବାଦିକ ଜଗନ୍ନାଥ ଧରୁଆ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିଥିଲେ ।ରକ୍ତଦାନ ପରେ ଆୟୋଜକଙ୍କ ପକ୍ଷରୁ ସେ ପ୍ରମାଣପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିବା ବେଳେ ରକ୍ତଦାନ ହେଉଛି ଏକ ମହତ୍? କାର୍ଯ୍ୟ ବୋଲି କହିଛନ୍ତି । ଆମର ଦାନ କରିଥିବା ରକ୍ତ ଜଣେ ଆବଶ୍ୟକତାରେ ଥିବା ମଣିଷର ଜୀବନ ବଞ୍ଚାଇ ପାରିବ । ଏ ଭଳି ମହତ ଅଭିଯାନରେ ସାମିଲ ହୋଇ ରକ୍ତଦାନ କରିବାର ସୁଯୋଗ ପାଇଥିବାରୁ ସେ ନିଜକୁ ଗର୍ବିତ ମନେ କରିଛନ୍ତି । ସମସ୍ତେ ସ୍ୱେଚ୍ଛାକୃତ ରକ୍ତଦାନ କରିବାକୁ ଅନୁରୋଧ କରିବା ସହ ରକ୍ତଦାନ କରି ମାନବିକତାର ଉଦାହରଣ ସୃଷ୍ଟି କରିବା ପାଇଁ ନିବେଦନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପାଟଣାଗଡ଼ ସମ୍ବାଦ ପ୍ରତିନିଧି ସୁବୀର ପାଢୀ, ଶିଶିରକାନ୍ତ ଖମାରୀ,କନକ ନ୍ୟୁଜ ପ୍ରତିନିଧି ପ୍ରବୀଣ କୁମାର ପୁରୋହିତ ପରିଚାଳନା କରିଥିବା ବେଳେ ଉପଖଣ୍ଡ ଡ଼ାକ୍ତରଖାନା ରକ୍ତଭଣ୍ଡାର ଟେକ୍ନେସିଆନ ରକ୍ତ ସଂଗ୍ରହ କରିଥିଲେ। ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ଯୁଗ୍ମ ସଂପାଦକ ଗିରିରାଜ ଭୋଇ, ଚୁଡ଼ାମଣି ଭୂଏ,ଗୌରୀ ଶଙ୍କର ବରିହା, ହୃଷୀକେଶ ଭୋଇ, ସନତ ମିର୍ଦ୍ଧା, ଗଣନାଥ ମିର୍ଦ୍ଧା, ବିନୋଦ ମାଝୀ, ସମାଜ ସେବୀ ସରୋଜ ସାହୁ, ପ୍ରକାଶ ସାହୁ, ପ୍ରଦ୍ୟୁମ୍ନ ମେହେର, ଶିକ୍ଷାବିତ ମନୋଜ ନନ୍ଦ ଓ ଯୁବ ସାମ୍ବାଦିକ ଲିଙ୍ଗରାଜ ପୋଡ଼ ଙ୍କ ସହ ସ୍ୱାଭିମାନ ପରିବାର କର୍ମକର୍ତ୍ତା ସଦସ୍ୟ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଗୁରୁତର ଛାତ୍ରଙ୍କୁ ମେଡିକାଲରେ ଛାଡ଼ି ପ୍ରଧାନଶିକ୍ଷକ ଫେରାର

କରଞ୍ଜିଆ, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅଞ୍ଚଳର ମହୁଲଡିହା ପଞ୍ଚାୟତ ଅଧୀନ ଜାମନାଳିଆ ସେବାଶ୍ରମ ବିଦ୍ୟାଳୟରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ବ୍ରେନ୍ ମ୍ୟାଲେରିଆରେ ପୀଡ଼ିତ ଜଣେ ଗୁରୁତର ଅନ୍ତେବାସୀ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରିବା ପରେ ତାଙ୍କ ଦେଖାଶୁଣା ପାଇଁ ବିଦ୍ୟାଳୟର କୌଣସି ଶିକ୍ଷକ କିମ୍ବା କର୍ମଚାରୀ ଉପସ୍ଥିତ ନଥିବା ଅଭିଯୋଗ ହୋଇଛି। ଏପରିକି ଛାତ୍ରଙ୍କ ଅଭିଭାବକଙ୍କୁ ମଧ୍ୟ ସମୟରେ ଖବର ଦିଆଯାଇନଥିବା ଅଭିଯୋଗ ଘଟଣାକୁ ଅଧିକ ଗୁରୁତର କରିଛି। ସୂଚନା ଅନୁସାରେ, ଜାମନାଳିଆ ସେବାଶ୍ରମରେ ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ପ୍ରାୟ ୮ ବର୍ଷ ବୟସର ଛାତ୍ର କୁଲୁ ମୁଣ୍ଡୁରିଙ୍କ ହଠାତ୍ ଦେହ ଖରାପ ହୋଇଥିଲା। ଛାତ୍ର ଜଣକ ବିଦ୍ୟାଳୟରେ ଅନ୍ତେବାସୀ ଭାବେ ରହୁଥିବାରୁ ପ୍ରଧାନଶିକ୍ଷକ ନୟନ ପଣ୍ଡା ତାଙ୍କୁ ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତରୀ ପରୀକ୍ଷା ପରେ ଛାତ୍ରଙ୍କ ରକ୍ତହୀନତା ଥିବା ସହ ସେ ବ୍ରେନ୍ ମ୍ୟାଲେରିଆରେ ପୀଡ଼ିତ ଥିବା ଜଣାପଡ଼ିଥିବା କୁହାଯାଇଛି। ଛାତ୍ରଙ୍କ ଅବସ୍ଥାକୁ ଦୃଷ୍ଟିରେ ରଖି ଅଧିକ ଭଲ ଚିକିତ୍ସା ପାଇଁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ନେବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ତେବେ ଏହି ପରାମର୍ଶରେ ପ୍ରଧାନଶିକ୍ଷକ ରାଜି ହୋଇନଥିବା ଏବଂ ଛାତ୍ରଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ସକାଳ ପ୍ରାୟ ୮ଟା ସମୟରେ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସନ୍ଧ୍ୟା ପ୍ରାୟ ୭ଟା ପର୍ଯ୍ୟନ୍ତ ଛାତ୍ରଙ୍କ ପାଖରେ ବିଦ୍ୟାଳୟର କୌଣସି ଶିକ୍ଷକ, କର୍ମଚାରୀ କିମ୍ବା ଅଭିଭାବକ ଉପସ୍ଥିତ ନଥିବା ଅଭିଯୋଗ ହୋଇଛି। ଗୁରୁତର ଅସୁସ୍ଥ ଅନ୍ତେବାସୀ ଛାତ୍ରଙ୍କୁ ଏଭଳି ଭାବେ ମେଡିକାଲରେ ଛାଡ଼ି ଦିଆଯିବା ଘଟଣା ବିଦ୍ୟାଳୟର ଦାୟିତ୍ୱବୋଧ ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି। ଅନ୍ୟପକ୍ଷରେ, ଗୁରୁତର ଅବସ୍ଥାରେ ଥିବା ଛାତ୍ରଙ୍କ ସ୍ୱାସ୍ଥ୍ୟ ହଠାତ୍ ଖରାପ ହେଲେ ଦାୟିତ୍ୱ କିଏ ନେବ, ଏବଂ ତାଙ୍କ ଅଭିଭାବକଙ୍କୁ କାହିଁକି ତୁରନ୍ତ ସୂଚନା ଦିଆଯାଇନଥିଲା—ଏହାକୁ ନେଇ ସ୍ଥାନୀୟ ମହଲରେ ପ୍ରଶ୍ନ ଉଠିଛି। ଏପରି ସମ୍ବେଦନଶୀଳ ଘଟଣାରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ସମ୍ପୃକ୍ତ ବିଭାଗ ଘଟଣାର ତଦନ୍ତ କରି ସତ୍ୟାସତ୍ୟ ସାମ୍ନାକୁ ଆଣିବା ସହ ଗୁରୁତର ଛାତ୍ରଙ୍କ ଚିକିତ୍ସା ଓ ସୁରକ୍ଷା ପ୍ରତି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।

## ପାରାଦୀପ ମହାବିଦ୍ୟାଳୟରେ ଇନୋଭେସନ ଓ ଷ୍ଟାର୍ଟଅପ ସଚେତନତା କାର୍ଯ୍ୟକ୍ରମ



ପାରାଦୀପ, (ମହାଭାରତ) : ପାରାଦୀପ ମହାବିଦ୍ୟାଳୟରେ ଇନୋଭେସନ ଓ ଷ୍ଟାର୍ଟଅପ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜଗତସିଂହପୁର ଜିଲ୍ଲା ନିଯୁକ୍ତି ଅଧିକାରୀ ଅଜିତ ଉତ୍ତରରାୟ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ନବ ସୃଜନ ଚିନ୍ତାଧାରା ରଖିଲେ ସେମାନେ ଜୀବନରେ ଉନ୍ନତି କରିପାରିବେ ବୋଲି ନିଜର ବକ୍ତବ୍ୟ ରଖିଥିଲେ। ପାରାଦୀପ ମହାବିଦ୍ୟାଳୟର ଅଧକ୍ଷା ଡ଼ଃ. ସସ୍ମିତା ଶତପଥୀ ଏହି ସଭାରେ ପୌରୋହିତ୍ୟ କରିବା ସହ ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ। ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ସଂଗ୍ରାମ କେଶରୀ ପରିଡ଼ା, ଆଲୁମିନି ଡଃ.ପ୍ରଶାନ୍ତ କୁମାର ମହାପାତ୍ର ଓ ଯୁବ ଉଦ୍ୟୋଗୀ ଇଞ୍ଜିନିୟର ଦୀପକ କୁମାର ଷଡ଼ଙ୍ଗୀ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ପ୍ରକଳ୍ପକୁ ମୂଲ୍ୟାୟନ କରିଥିଲେ । ଇଂରାଜୀ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଗଣେଶ୍ୱର ପାତ୍ର ବକ୍ତବ୍ୟ ରଖି ଛାତ୍ରଛାତ୍ରୀ ମାନଙ୍କୁ ନୂତନ ଭାବେ ଚିନ୍ତା କଲେ ଜଣେ ଷ୍ଟାର୍ଟଅପରେ ସଫଳ ହୋଇପାରିବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମକୁ ପାରାଦୀପ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ଅଧ୍ୟାପକ ସୁବ୍ରଥ ରଞ୍ଜନ ସଂଯୋଜନା କରିଥିଲେ । ପ୍ରକଳ୍ପ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ ଉତ୍ସବକୁ ଇଂରାଜୀ ଅଧ୍ୟାପକ ଜୀବନାନନ୍ଦ ଦାସ ପରିଚାଳନା କରିଥିଲେ । ଏଥିରେ ପ୍ରାୟ ୧୫୦ ଜଣ ଛାତ୍ରଛାତ୍ରୀ ଓ ବହୁ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ । ଶେଷରେ ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପିକା ସୌମ୍ୟା ପି.ରାଟସିଂହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଖଲାସୀଙ୍କ ସମସ୍ୟା ସମାଧାନ ଓ ଆର୍‌ଏମ୍‌ସି ବ୍ୟବସ୍ଥା ସୁଧାର ପାଇଁ ବିଧାୟକଙ୍କୁ ଗୁହାରି



ଗଜପତି, (ମହାଭାରତ) : ଖଲାସୀମାନଙ୍କ ସ୍ୱାର୍ଥ ସୁରକ୍ଷା ଓ ସେମାନଙ୍କ ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଖଲାସୀ ସଂଘ ପକ୍ଷରୁ ବିଧାୟକ ରୂପେଶ ପାଣିଗ୍ରାହୀଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ଏଥିସହ ଆର୍‌ଏମ୍‌ସି ବ୍ୟବସ୍ଥାରେ ସୁଧାର ଆଣିବା ସହ ଖଲାସୀମାନଙ୍କ ପାଇଁ ଆବଶ୍ୟକ ମୌଳିକ ସୁବିଧା ଯୋଗାଇଦେବାକୁ ମଧ୍ୟ ସଂଘ ପକ୍ଷରୁ ଦାବି କରାଯାଇଛି। ସୂଚନା ଅନୁସାରେ, ଖଲାସୀମାନେ ଦୀର୍ଘଦିନ ଧରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇ ଆସୁଛନ୍ତି। ବିଶେଷକରି ନିଜର ସାମଗ୍ରୀ ରଖିବା ଓ କାର୍ଯ୍ୟ ସୁବିଧା ପାଇଁ ଏକ ନିର୍ଦ୍ଦିଷ୍ଟ ଗୋଦାମ ଗୃହର ଆବଶ୍ୟକତା ରହିଛି। ହାଟପଦା ନିକଟରେ ଥିବା ଏକ ପୁରୁଣା ଗୋଦାମ ଗୃହର ପୁନରୁଦ୍ଧାର କରାଯାଇଥିଲେ ମଧ୍ୟ ତାହା ଖଲାସୀମାନଙ୍କ କାର୍ଯ୍ୟରେ ବ୍ୟବହାର ହୋଇପାରୁନଥିବା ନେଇ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯାଇଛି। ଖଲାସୀ ସଂଘର ସଦସ୍ୟମାନେ ଆଜି ବିଧାୟକ ରୂପେଶ ପାଣିଗ୍ରାହୀଙ୍କ କାର୍ଯ୍ୟାଳୟକୁ ଯାଇ ସେମାନଙ୍କ ସମସ୍ୟା ସମ୍ପର୍କରେ ବିସ୍ତୃତ ଭାବେ ଗୁହାରି ଜଣାଇଥିଲେ। ଗୋଦାମ ଗୃହ ବ୍ୟବହାର ପାଇଁ ଖଲାସୀମାନଙ୍କୁ ଅନୁମତି ପ୍ରଦାନ, ଆର୍‌ଏମ୍‌ସି ବ୍ୟବସ୍ଥାରେ ଆବଶ୍ୟକ ସୁଧାର, ଖଲାସୀମାନଙ୍କ କାର୍ଯ୍ୟ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି ଓ ସେମାନଙ୍କ ଦୀର୍ଘଦିନର ସମସ୍ୟାର ସମାଧାନ ଭଳି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। ଖଲାସୀ ସଂଘର ଦାବି ଶୁଣିବା ପରେ ବିଧାୟକ ରୂପେଶ ପାଣିଗ୍ରାହୀ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଏନେଇ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗର କର୍ତ୍ତୃପକ୍ଷଙ୍କୁ ଅବଗତ କରାଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବେ ବୋଲି ବିଧାୟକ ସଂଘର ସଦସ୍ୟମାନଙ୍କୁ ଜଣାଇଛନ୍ତି। ଖଲାସୀମାନେ କହିଛନ୍ତି ଯେ, ସେମାନଙ୍କ ଜୀବିକା ସହ ଜଡ଼ିତ ସମସ୍ୟାଗୁଡ଼ିକର ସମାଧାନ ହେଲେ କାର୍ଯ୍ୟ ପରିଚାଳନାରେ ସୁବିଧା ହେବା ସହ ଆର୍‌ଏମ୍‌ସିର ସାମଗ୍ରିକ ବ୍ୟବସ୍ଥା ମଧ୍ୟ ଅଧିକ ସୁଚାରୁ ହୋଇପାରିବ। ତେଣୁ ପ୍ରଶାସନ ଓ ସମ୍ପୃକ୍ତ କର୍ତ୍ତୃପକ୍ଷ ଏହି ଦାବିଗୁଡ଼ିକୁ ଗୁରୁତ୍ୱ ଦେଇ ଶୀଘ୍ର ସମାଧାନ କରିବାକୁ ଖଲାସୀ ସଂଘ ପକ୍ଷରୁ ଆଶା ପ୍ରକାଶ କରାଯାଇଛି। ଏହି ଦାବିକୁ ନେଇ ଆଜି ଖଲାସୀ ସଂଘର ସଦସ୍ୟମାନେ ବିଧାୟକଙ୍କ ସହ ଆଲୋଚନା କରିଥିବା ବେଳେ ଆଗାମୀ ଦିନରେ ପ୍ରଶାସନିକ ସ୍ତରରେ ଏହାର ସମାଧାନ ପାଇଁ ପଦକ୍ଷେପ ନିଆଯିବା ନେଇ ଆଶା ପ୍ରକାଶ ପାଇଛି।

## ଦଶପଲ୍ଲା ସ୍ମାର୍ଟ ପାର୍କ ଏବେ 'ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ଗୋବିନ୍ଦ ଚନ୍ଦ୍ର ମିଶ୍ର ସ୍ମାର୍ଟ ପାର୍କ' ଭାବେ ହେବ ନାମିତ

ଦଶପଲ୍ଲା, (ମହାଭାରତ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍.ଏ.ସି.) ଅଧୀନରେ ନିର୍ମିତ ସ୍ମାର୍ଟ ପାର୍କର ନାମକରଣ ମହାନ ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ସ୍ମୃତିରେ କରିବା ପାଇଁ ରାଜ୍ୟ ସରକାର ଅନୁମୋଦନ ପ୍ରଦାନ କରିଛନ୍ତି। ଏଣିକି ଏହି ପାର୍କଟି 'ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ଚନ୍ଦ୍ର ମିଶ୍ର ସ୍ମାର୍ଟ ପାର୍କ' ଭାବରେ ହେବ ପରିଚିତ । ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଏ ସଂକ୍ରାନ୍ତରେ ଦଶପଲ୍ଲା ଏନ୍.ଏ.ସି.ର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ (ପତ୍ର ସଂଖ୍ୟା: ୨୩୮୧, ତା. ୨୦/୦୮/୨୦୨୪) ସରକାରୀ ନିର୍ଦ୍ଦେଶ ଜଣାଇଛନ୍ତି। ଗତ ୨୨/୦୭/୨୦୨୪ ତିଖରେ ଅନୁଷ୍ଠିତ ଦଶପଲ୍ଲା ଏନ୍.ଏ.ସି. ସାଧାରଣ ପରିଷଦ ବୈଠକରେ ଏହି ନାମକରଣ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇ ବିଭାଗୀୟ ମନ୍ତ୍ରୀଙ୍କ ଅନୁମୋଦନ ପାଇଁ ପଠାଯାଇଥିଲା। ମାନ୍ୟବର ମନ୍ତ୍ରୀଙ୍କ ବିଚାରବିମର୍ଶ ପରେ ଏହି ପ୍ରସ୍ତାବକୁ ସରକାରୀ ସ୍ୱୀକୃତି ମିଳିଛି। ଏହି ପାର୍କର ଆନୁଷ୍ଠାନିକ ନାମକରଣ ସହ ଆବଶ୍ୟକୀୟ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭାଗ ପକ୍ଷରୁ ଅନୁମତି ଦିଆଯାଇଛି। ସ୍ୱାଧୀନତା ସଂଗ୍ରାମୀଙ୍କ ନାମରେ ଏହି ପାର୍କ ନାମିତ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

## ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରକ୍ତଦାନ ଶିବିର



ବାଣପୁର, (ମହାଭାରତ): ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ବାଣପୁରର ଦିବ୍ୟଜ୍ୟୋତି ଭବନଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମକୁମାରୀ ସୁଜାତା ମୁଖ୍ୟ ସଞ୍ଚାଳିକା ଭାବେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ରକ୍ତଦାନ ଶିବିରରେ ଯୁବ ସମାଜସେବୀ ତଥା ବାଣପୁର ବିଜେପି ଯୁବ ସଂଗଠକ ଶ୍ରୀ ଦେବୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବାଣପୁର ବ୍ଲକ ବିରଜା ମଣ୍ଡଳ ସଭାପତି ଶ୍ରୀ ଜିତେନ୍ଦ୍ର କୁମାର ଭୋଳ ଏବଂ ଡାକ୍ତର ଶ୍ରୀ କୃତାର୍ଥ କିଶୋର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିକୂଳ ପାଗ ସତ୍ତ୍ୱେ ରକ୍ତଦାତାମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ଶିବିରରେ ସମୁଦାୟ ୧୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶ୍ରୀ ଭୋଳ ନିଜେ ରକ୍ତଦାନ କରିବା ସହ ଅନ୍ୟମାନଙ୍କୁ ମଧ୍ୟ ରକ୍ତଦାନ ପାଇଁ ଉତ୍ସାହିତ କରିଥିଲେ। ଖୋର୍ଦ୍ଧା ଜିଲ୍ଲା ରକ୍ତଭଣ୍ଡାରର ଡାକ୍ତର ଶ୍ରୀ ସୌରଭ ସୁନ୍ଦର ରାୟ, ଶ୍ରୀ ଅରୁଣ କୁମାର ସାହୁ, ଶ୍ରୀ ଅନିରୁଦ୍ଧ ସ୍ୱାଇଁ ଓ ଶ୍ରୀମତୀ ଲକ୍ଷ୍ମୀପ୍ରିୟା ପ୍ରଧାନଙ୍କ ସହଯୋଗରେ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଶିବିରରେ ସଂଗ୍ରାମ ଦାସ, ମାମଲି ବାରିକ, କାର୍ତ୍ତିକେଶ୍ୱର ସ୍ୱାଇଁ, ରଶ୍ମିତା ଦାସ, କଳ୍ପନା ଦାସ, ଲିଙ୍ଗରାଜ ମହାରଣା, ମମତା ଆଚାର୍ଯ୍ୟ, ସସ୍ମିତା, ଚିତ୍ତରଞ୍ଜନ ପାଇକରାୟ, ଅନିଲ କୁମାର ସୁବୁଦ୍ଧି, ଗିରିଜା ଶଙ୍କର ସେନାପତି, ସଞ୍ଜୀବ କୁମାର ନାୟକ, ମମତା ମହାନ୍ତି, ନିରଞ୍ଜନ ମୁଦୁଲି, ସୁଧାଂଶୁ ଶେଖର ପ୍ରଧାନ, ଉମାଶଙ୍କର ସାମନ୍ତରାୟ, ସୌରଭ ମହାନ୍ତି ଓ ଶ୍ରୀ ଜିତେନ୍ଦ୍ର କୁମାର ଭୋଳ ପ୍ରମୁଖ ରକ୍ତଦାନ କରିଥିଲେ। ରକ୍ତଦାନ ଭଳି ମହତ୍ କାର୍ଯ୍ୟ ମାଧ୍ୟମରେ ସମାଜରେ ମାନବିକତା ଓ ସେବାର ବାର୍ତ୍ତା ପହଞ୍ଚାଇବା ପାଇଁ ଶ୍ରୀ ଦେବୀ ପ୍ରସାଦ ମିଶ୍ର ଯୁବ ସମାଜକୁ ଆହ୍ୱାନ ଦେଇଥିଲେ।

## ଅରୂପା ତରଫରୁ ମାଲକାନଗିରିରେ ପ୍ରଥମ ଥର ପାଇଁ ବାଣିଜ୍ୟ ମେଳା



ମାଲକାନଗିରି, (ମହାଭାରତ) : ଓଡ଼ିଶାର ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଉତ୍ପାଦକ ସଂଘ 'ଅରୂପା' ତରଫରୁ ପ୍ରଥମ ଥର ପାଇଁ ମାଲକାନଗିରିରେ ଏକ ବିଶାଳ ବାଣିଜ୍ୟ ମେଳା ଆୟୋଜିତ ହୋଇଯାଇଛି। 'ଅରୂପା' ହେଉଛି ଭୁବନେଶ୍ୱରସ୍ଥିତ ଏକ ପ୍ରମୁଖ ସଂସ୍ଥା, ଯାହା ୧୯୯୦ ମସିହାରୁ ଗ୍ରାମାଞ୍ଚଳ ଓ ସହରାଞ୍ଚଳର କାରିଗର, ବୁଣାକାର କୃଷକ ଏବଂ ଗଝଗର ସେକ୍ଟରର ବିକାଶ ପାଇଁ ନିରନ୍ତର କାର୍ଯ୍ୟ କରିଆସୁଛି। ବିଶେଷ କରି ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ହସ୍ତଶିଳ୍ପ ମେଳା ଆୟୋଜନ କରି କାରିଗରମାନଙ୍କୁ ସ୍ୱାବଲମ୍ବୀ କରିବା ଏବଂ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ବିକ୍ରିବଟା ପାଇଁ ସୁଯୋଗ ସୃଷ୍ଟି କରିବା 'ଅରୂପା'ର ମୁଖ୍ୟ ଲକ୍ଷ୍ୟ। ଦୀର୍ଘ ୩୬ ବର୍ଷ ଧରି ଏହି ସଂସ୍ଥା ନିଜର କାର୍ଯ୍ୟକ୍ରମ ଜାରି ରଖିଛି। କାରିଗରମାନଙ୍କୁ ବିଭିନ୍ନ ପ୍ରକାରର ତାଲିମ (ଟ୍ରେନିଂ) ପ୍ରଦାନ। ସ୍ୱାସ୍ଥ୍ୟ ବୀମା ଓ ସ୍ୱାସ୍ଥ୍ୟ ସେବା ସୁବିଧା। କାରିଗର ଚିହ୍ନଟ ପତ୍ର ପ୍ରଦାନ ଏବଂ କଞ୍ଚାମାଲ ଯୋଗାଣ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ସମସ୍ତ ଜିଲ୍ଲାର କାରିଗରଙ୍କୁ ଅବଗତ କରାଇବା। ମେଳାର ମୁଖ୍ୟ ଆକର୍ଷଣ ଗତ ଅଗଷ୍ଟ ୫ ତାରିଖରୁ ମାଲକାନଗିରିରେ ଆରମ୍ଭ ହୋଇଥିବା ଏହି ବାଣିଜ୍ୟ ମେଳା ଅଗଷ୍ଟ ୩୦ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ନୂଆଗୁଡ଼ା ଷ୍ଟାଡିୟମ୍ ପଡ଼ିଆଠାରେ ଚାଲୁରହିବ। ଏହି ମେଳାରେ ଘର ସଜାବଟ ସାମଗ୍ରୀ, କାଠର ଗୃହୋପକରଣ, ମାଟି ନିର୍ମିତ ସାମଗ୍ରୀ, ବାଉଁଶ ତିଆରି ଜିନିଷ ଓ ମୀନା ବଜାର। ପିଲାମାନଙ୍କ ପାଇଁ ଦୋଳି ଓ ବିଭିନ୍ନ ମନୋରଞ୍ଜନର ବ୍ୟବସ୍ଥା। ବୁଣାକାରମାନଙ୍କ ଦ୍ୱାରା ତିଆରି ସମ୍ବଲପୁରୀ, ବ୍ରହ୍ମପୁରୀ, ପାଟ ଶାଢ଼ୀ, କାଠକାମ, ଗୁରୁଜୀ ଡ୍ରେସ, ଆୟୁର୍ବେଦିକ ଔଷଧ, କଟକର ସୁନା-ରୂପା ତାରକସି କାମ ଏବଂ ରାଜସ୍ଥାନୀ ଗହଣା ଆଦି ସୁଲଭ ମୂଲ୍ୟରେ ଉପଲବ୍ଧ। ପ୍ରତ୍ୟେକ ସଂଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ। ଏହି ମେଳା ଅଗଷ୍ଟ ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବାକୁ ଥିବାରୁ ସ୍ଥାନୀୟ ଜନସାଧାରଣ ଏହାର ଭରପୂର ଫାଇଦା ଉଠାଇବା ପାଇଁ ଆୟୋଜକଙ୍କ ତରଫରୁ ନିବେଦନ କରାଯାଇଛି।

## ପାରାଦୀପ -ବିକଶିତ ଭାରତ ଓ ଓଡିଶା ଅର୍ଥନୀତି ର ରାଜଧାନୀ ପାଲଟିବ ପାରାଦୀପ ବନ୍ଦର




ପାରାଦୀପ, (ମହାଭାରତ) : ଦୁଇଦିନିଆ ପାରାଦୀପ ଗସ୍ତ ରେ କେନ୍ଦ୍ର ଜାହାଜ ଚଳାଚଳ ଓ ବନ୍ଦର ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ । ଏହି ଅବସରରେ ପାରାଦୀପ ରେ ଅନେକ ବିକାଶ ମୂଳକ ପ୍ରକଳ୍ପ ର ଶୁଭାରମ୍ଭ କରିବା ସହିତ ଭିତ୍ତିପ୍ରସ୍ତର ଓ ଶିଳାନ୍ୟାସ କରିଛନ୍ତି କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୱାଲ । ଆଜି ପାରାଦୀପ ବନ୍ଦର ପୂର୍ବ ଭାରତ ବିକାଶ ର ଦ୍ୱାରଦେଶ ପାଲଟିବା ସହିତ ବିକଶିତ ଭାରତ ଓ ବିକଶିତ ଓଡିଶା ର ମୁଖ୍ୟଦ୍ୱାର ପାଲଟିଛି ପାରାଦୀପ ବନ୍ଦର । ଦୁଇଦିନିଆ ପାରାଦୀପ ଗସ୍ତ ଅବସରରେ କେନ୍ଦ୍ରମନ୍ତ୍ରୀ ୮.୫ ମିଟର ଡ୍ରିପ୍ ଡ୍ରାଫ୍ଟକୁ ଉଦ୍ଘାଟନ କରିଛନ୍ତି। ଏହି ଡ୍ରିପ୍ ଡ୍ରାଫ୍ଟ ଦ୍ୱାରା ପାରାଦୀପ ବନ୍ଦରରେ ଅଧିକ କାର୍ଗୋ ବୋଝେଇ ବଡ଼ ବଡ଼ ଜାହାଜ ସହଜରେ ଲାଗିପାରିବ। ଫଳରେ ସମୟ ବଞ୍ଚିବ, ଖର୍ଚ୍ଚ କମିବ ଏବଂ ପାରାଦୀପରେ ଅଧିକ କାର୍ଗୋ ହ୍ୟାଣ୍ଡଲିଂ ହୋଇପାରିବ। ପାରାଦୀପ ପୋର୍ଟ ଯେଉଁ ୩୦୦ ମିଲିୟନ ମେଟ୍ରିକ୍ ଟନ୍ କାର୍ଗୋ ଲକ୍ଷ୍ୟ ରଖିଛି ତାହା ଏହା ଦ୍ୱାରା ସହଜରେ ସଫଳ ହେବ। କ୍ରୀଡ଼ା କ୍ଷେତ୍ରରେ ବିକାଶ ପାଇଁ ପାରାଦୀପ ଗୋପବନ୍ଧୁ ଷ୍ଟାଡିୟମରେ ଏକ ସ୍ପୋର୍ଟ୍ସ ହଷ୍ଟେଲର ଉଦଘାଟନ କରିବା ସହିତ ପାରାଦୀପ ବନ୍ଦର ଟାଉନସିପ୍‌ରେ ପିଏନଜି ଭିତ୍ତିଭୂମିର ଉଦଘାଟନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ମଧୁବନରେ ୨୦ କୋଟି ଟଙ୍କା ବ୍ୟୟରେ ୫୪୬ ଟି କ୍ୱାର୍ଟରକୁ ପିଏନଜି ସଂଯୋଗ ଯୋଗାଇ ଦିଆଯିବ। ଏହି ପଦକ୍ଷେପ ପାରାଦୀପ ବାସିନ୍ଦାଙ୍କ ପାଇଁ ନିରାପଦ, ନିର୍ଭରଯୋଗ୍ୟ ଏବଂ ସ୍ୱଚ୍ଛ ଶକ୍ତି ସୁନିଶ୍ଚିତ କରିବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ। ପାରାଦୀପ ଭାରତବର୍ଷ ର ପ୍ରଥମ ପ୍ରମୁଖ ବନ୍ଦର ପାଲଟିଛି ଯାହାର ଆବାସିକ ଟାଉନସିପ୍‌ରେ ପିଏନଜି ସଂଯୋଗ କାର୍ଯ୍ୟ ଆରମ୍ଭ ହୋଇଛି । ଏହା ସହିତ ପାରାଦୀପରେ ଏକ ନୂଆ ବ୍ରିଜ୍ ମଧ୍ୟ ଉଦ୍ଘାଟନ କରାଯାଇଛି, ଯାହାଦ୍ୱାରା ପାରାଦୀପ ବନ୍ଦର ଅଞ୍ଚଳ ରେ ଟ୍ରାଫିକ ପରିଚାଳନା ସୁଗମ ହେବ । ଏହି ଅବସରରେ ଅନେକ ନୂତନ ପ୍ରକଳ୍ପ ନିମନ୍ତେ ଏମଓୟୁ ସ୍ୱାକ୍ଷରିତ ହେବା ସହିତ କିପରି ପାରାଦୀପ ବନ୍ଦର ଆହୁରି ବିକାଶଶିଳ ହେବ ଏବଂ ପ୍ରଧାନମନ୍ତ୍ରୀ ଙ୍କ ବିକଶିତ ଭାରତ ରେ ପାରାଦୀପ ବନ୍ଦର ପ୍ରମୁଖ ଭୂମିକା ନିଭାଇବ ଆଜିର କାର୍ଯ୍ୟକ୍ରମ ଏହାର ପ୍ରତିଫଳନ ବୋଲି କହିଛନ୍ତି ପାରାଦୀପ ବନ୍ଦର ଅଧକ୍ଷ ପି ଏଲ ହରାନାଦ । କେନ୍ଦ୍ରମନ୍ତ୍ରୀ ଙ୍କ ଏହି କାର୍ଯ୍ୟକ୍ରମ ରେ ପାରାଦୀପ ବିଧାୟକ ତଥା ଶିଳ୍ପମନ୍ତ୍ରୀ ଓ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ କେନ୍ଦ୍ରମନ୍ତ୍ରୀଙ୍କ ଏହି ଦୂର ଦୃଷ୍ଟି ସମ୍ପନ୍ନ କାର୍ଯ୍ୟ କୁ ପ୍ରଶଂସା କରିବା ସହିତ ପାରାଦୀପ ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପ୍ରଚେଷ୍ଟା କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି । ପାରାଦୀପ ବନ୍ଦର ୨୦୩୦ ସୁଦ୍ଧା ୧୦୦% ବର୍ଥ ଯାନ୍ତ୍ରିକୀକରଣ ହାସଲ କରିବ, ଯାହା ବର୍ତ୍ତମାନ ଠାରୁ ୮୦ ପ୍ରତିଶତ ବୃଦ୍ଧି ହେବ । ଯାହାଦ୍ୱାରା ଜାହାଜ ସ୍ଥାନାନ୍ତର ସମୟ ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବା ସହିତ ଦ୍ରୁତ, ସୁରକ୍ଷିତ ଏବଂ ସ୍ୱଚ୍ଛ କାର୍ଗୋ ପରିଚାଳନା ପଥ ସୁଗମ ହେବ । ଏହି ଚୁକ୍ତିନାମାଗୁଡ଼ିକ ୫ ଏମଟିପିଏ ଦକ୍ଷିଣ କ୍ୱେ ଯାନ୍ତ୍ରିକୀକରଣ ପ୍ରକଳ୍ପକୁ ସମୃଦ୍ଧି କରିବ,ଯାହା ମେସର୍ସ ଯୋଗାୟତନ ପାରାଦୀପ ଏସକ୍ୟୁଭି ଟର୍ମିନାଲ ପ୍ରାଇଭେଟ୍ ଲିମିଟେଡ୍ କୁ ?୪୯୮.୬୯ କୋଟି ନିବେଶରେ ବିଲ୍ଡ-ଅପରେଟ୍-ଟ୍ରାନ୍ସଫର୍ ଆଧାରରେ ପ୍ରଦାନ କରାଯିବା ସହିତ ୮ ଏମଟିପିଏ ବହୁମୁଖୀ ବର୍ଥ ଯାନ୍ତ୍ରିକୀକରଣ ପ୍ରକଳ୍ପ, ମେସର୍ସ କଳିଙ୍ଗ ବଲ୍କ ଟର୍ମିନାଲ ପାରାଦୀପ ପ୍ରାଇଭେଟ୍ ଲିମିଟେଡ୍ କୁ ୬୩୦.୬୭ କୋଟିରେ ପ୍ରଦାନ କରାଯାଇଛି, ଏହା ମଧ୍ୟ ବିଓଟି ଆଧାରରେ; ଏବଂ ୧୦ ଏମିଟିପିଏ କ୍ୟାପ୍‌ଟିଭ୍ ସିକ୍ୟୁ -୩ ଯାନ୍ତ୍ରିକୀକରଣ ପ୍ରକଳ୍ପ, ମେସର୍ସ ଏଏମଏନଏସ ପାରାଦୀପ ଲଜିଷ୍ଟିକ୍ସ ପ୍ରାଇଭେଟ୍ ଲିମିଟେଡ୍ କୁ ?୪୫୧ କୋଟିରେ ପ୍ରଦାନ କରାଯାଇଛି। କେନ୍ଦ୍ର ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ କହିଛନ୍ତି ଯେ ପାରାଦୀପର ବିକାଶ ଭାରତର ସାମୁଦ୍ରିକ କ୍ଷେତ୍ରରେ ଚାଲିଥିବା ବ୍ୟାପକ ପରିବର୍ତ୍ତନର ଏକ ଅଂଶ। 'ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଗତିଶୀଳ ନେତୃତ୍ୱରେ, ଭାରତ ସାମୁଦ୍ରିକ ଆଧୁନିକୀକରଣର ଏକ ଅଭୂତପୂର୍ବ ପର୍ଯ୍ୟାୟ ଆରମ୍ଭ କରିଛି। ଗତ ୧୨ ବର୍ଷ ମଧ୍ୟରେ, ଆମେ ଆମର ବନ୍ଦର, ଜଳପଥ, ଜାହାଜ ଚଳାଚଳ ଏବଂ ସାମୁଦ୍ରିକ କ୍ଷମତାକୁ ମୌଳିକ ଭାବରେ ସୁଦୃଢ଼ କରିଛୁ, ଏହି କ୍ଷେତ୍ରକୁ ଅଭିବୃଦ୍ଧିର ଏକ ଶକ୍ତିଶାଳୀ ଇଞ୍ଜିନ ଏବଂ ଆତ୍ମନିର୍ଭର ଭାରତ ଏବଂ ବାକ୍ଷିତ ଭାରତ ୨୦୪୭ ଆଡକୁ ଆମର ଯାତ୍ରାର ଏକ ପ୍ରମୁଖ ଅଂଶ ପାଲଟିବ ବୋଲି କହିଛନ୍ତି ଶ୍ରୀ ସର୍ବାନନ୍ଦ ସୋନୱାଲ ।

## ଅଜଣା ଦୁର୍ବୃତ୍ତ ଘରେ ପଶି ବୃଦ୍ଧାଙ୍କ ବେକରୁ କାଟିନେଲା ସୁନାଚେନ

ଆସିକା(ମହାଭାରତ): ଆସିକା ସହରରେ ଆଜି ଦିନ ପ୍ରାୟ ୧୦ଟା ବେଳେ ମୋଟର ସାଇକେଲ ରେ ଆସି ଜଣେ ବୃଦ୍ଧାଙ୍କ ଘରେ ପଶି ଅଜଣା ଦୁର୍ବୃର୍ତ୍ତ ବୃଦ୍ଧାଙ୍କ ବେକରୁ ସୁନା ଚେନ କାଟିନେଇଛି । ପ୍ରକାଶ ଥାଉକି ଆସିକା କଳିଙ୍ଗ ରୋଡ଼ ସ୍ଥିତ ଓମ ଶାନ୍ତି ଗାଳିରେ ରହୁଥିବା କୁମାରୀ ଜେନା ତାଙ୍କ ଘର ସମ୍ମୁଖରେ ଛିଡା ହୋଇଥିବା ବେଳେ ହଠାତ ଜଣେ ଅଜଣା ଦୁର୍ବୃର୍ତ୍ତ ମୋଟର ସାଇକେଲରେ ଆସି ବୃଦ୍ଧାଙ୍କୁ ତାଙ୍କ ପୁଅ ଘରେ ଅଛିକି ପଚାରିବା ପରେ ଘରେ ଜୋରଜବରଦସ୍ତ ପଶି ବୃଦ୍ଧା ବେକରେ ପିନ୍ଧିଥିବା ସୁନା ଚେନ କାଟି ନେଇଛି । ଏହି ଘଟଣା ଘଟିବା ପରେ ବୃଦ୍ଧା ଜଣଙ୍କ ପାଟିକରିବାରୁ ସ୍ଥାନୀୟ ଅଞ୍ଚଳ ବାସୀ ଜାଣିଲେ । ଦୁର୍ବୃର୍ତ୍ତ ଜଣଙ୍କ ଏହି ସୁନା ଚେନ ନେଇ ଏକ ଟିଭିଏସ ମୋଟର ସାଇକେଲରେ ଭଂଜନଗର ଆଡେ ଚାଲିଯାଇଥିବା ଜଣାଯାଇଛି । ଏହି ଘଟଣା ବିରୁଦ୍ଧରେ ବୃଦ୍ଧାଙ୍କ ପୁଅ ପଞ୍ଚାନନା ଜେନା (୪୫) ଆସିକା ଥାନାରେ ଏକ ଲିଖିତ ଅଭିଯୋଗ କରିଛି ପୋଲିସ ଥାନା କେସ ନମ୍ବର ୪୫୪/୨୬ରେ ମାମଲା ରୁଜୁକରି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି ।

## ଲକ୍ଷ୍ମୀପୁରରେ ୧୭ ବର୍ଷୀୟା ଛାତ୍ରୀଙ୍କ ମୃତଦେହ ଉଦ୍ଧାର

ଲକ୍ଷ୍ମୀପୁର, ମହାଭାରତ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ଅଧୀନ ତୟାପୁଟ ଗ୍ରାମର ଭାଲିଆବାଡ଼ ନିକଟସ୍ଥ ପାହାଡ଼ରୁ ଜଣେ ୧୭ ବର୍ଷୀୟା ଛାତ୍ରୀଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତ ଛାତ୍ରୀ ଅମ୍ରିତା କୁଲଦୀପ ଲକ୍ଷ୍ମୀପୁର ମହାବିଦ୍ୟାଳୟର ପ୍ରଥମ ବର୍ଷର ଛାତ୍ରୀ ବୋଲି ଜଣାପଡ଼ିଛି । ସେ ତୟାପୁଟ ଗ୍ରାମର କାଳିଆ କୁଲଦୀପ ଓ ସୁକ୍ରୀ କୁଲଦୀପଙ୍କ ଝିଅ । ସୂଚନା ଅନୁଯାୟୀ, ଶୁକ୍ରବାରଠାରୁ ଅମ୍ରିତାଙ୍କୁ ଦେଖିବାକୁ ମିଳିନଥିଲା । ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରୁଥିଲେ । ଏହି ସମୟରେ ଶନିବାର ସକାଳେ ଭାଲିଆବାଡ଼ ନିକଟସ୍ଥ ପାହାଡ଼ ଉପରେ ତାଙ୍କ ମୃତଦେହ ଠାବ ହୋଇଥିଲା । ଖବର ପାଇ ଲକ୍ଷ୍ମୀପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା । ପରେ ବ୍ୟବଚ୍ଛେଦ ପାଇଁ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା । ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।ତେବେ ଛାତ୍ରୀଙ୍କ ମୃତ୍ୟୁର ପ୍ରକୃତ କାରଣ ଏଯାବତ୍ ସ୍ପଷ୍ଟ ହୋଇନାହିଁ । ଘଟଣାକୁ ନେଇ ଲକ୍ଷ୍ମୀପୁର ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ପକ୍ଷରୁ ଘଟଣାର ବିଭିନ୍ନ ଦିଗ ନେଇ ତଦନ୍ତ ଜାରି ରହିଛି ।

## ଅରୂପା ତରଫରୁ ମାଲକାନଗିରିରେ ପ୍ରଥମ ଥର ପାଇଁ ବାଣିଜ୍ୟ ମେଳା-୨୦୨୬




ମାଲକାନଗିରି(ମହାଭାରତ): ଓଡ଼ିଶାର ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଉତ୍ପାଦକ ସଂଘ 'ଅରୂପା' ତରଫରୁ ପ୍ରଥମ ଥର ପାଇଁ ମାଲକାନଗିରିରେ ଏକ ବିଶାଳ ବାଣିଜ୍ୟ ମେଳା ଆୟୋଜିତ ହୋଇଯାଇଛି । 'ଅରୂପା' ହେଉଛି ଭୁବନେଶ୍ୱରସ୍ଥିତ ଏକ ପ୍ରମୁଖ ସଂସ୍ଥା, ଯାହା ୧୯୯୦ ମସିହାରୁ ଗ୍ରାମାଞ୍ଚଳ ଓ ସହରାଞ୍ଚଳର କାରିଗର,ବୁଣାକାର କୃଷକ ଏବଂ ଗଝଗର ସେକ୍ଟରର ବିକାଶ ପାଇଁ ନିରନ୍ତର କାର୍ଯ୍ୟ କରିଆସୁଛି ।ବିଶେଷ କରି ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ହସ୍ତଶିଳ୍ପ ମେଳା ଆୟୋଜନ କରି କାରିଗରମାନଙ୍କୁ ସ୍ୱାବଲମ୍ବୀ କରିବା ଏବଂ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ବିକ୍ରିବଟା ପାଇଁ ସୁଯୋଗ ସୃଷ୍ଟି କରିବା 'ଅରୂପା'ର ମୁଖ୍ୟ ଲକ୍ଷ୍ୟ । ଦୀର୍ଘ ୩୬ ବର୍ଷ ଧରି ଏହି ସଂସ୍ଥା ନିଜର କାର୍ଯ୍ୟକ୍ରମ ଜାରି ରଖିଛି ।କାରିଗରମାନଙ୍କୁ ବିଭିନ୍ନ ପ୍ରକାରର ତାଲିମ (ଟ୍ରେନିଂ) ପ୍ରଦାନ । ସ୍ୱାସ୍ଥ୍ୟ ବୀମା ଓ ସ୍ୱାସ୍ଥ୍ୟ ସେବା ସୁବିଧା । କାରିଗର ଚିହ୍ନଟ ପତ୍ର ପ୍ରଦାନ ଏବଂ କଞ୍ଚାମାଲ ଯୋଗାଣ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ସମସ୍ତ ଜିଲ୍ଲାର କାରିଗରଙ୍କୁ ଅବଗତ କରାଇବା ।ମେଳାର ମୁଖ୍ୟ ଆକର୍ଷଣ ଗତ ଅଗଷ୍ଟ ୫ ତାରିଖରୁ ମାଲକାନଗିରିରେ ଆରମ୍ଭ ହୋଇଥିବା ଏହି ବାଣିଜ୍ୟ ମେଳା ଅଗଷ୍ଟ ୩୦ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ନୂଆଗୁଡ଼ା ଷ୍ଟାଡିୟମ୍ ପଡ଼ିଆଠାରେ ଚାଲୁରହିବ । ଏହି ମେଳାରେ ଘର ସଜାବଟ ସାମଗ୍ରୀ, କାଠର ଗୃହୋପକରଣ, ମାଟି ନିର୍ମିତ ସାମଗ୍ରୀ, ବାଉଁଶ ତିଆରି ଜିନିଷ ଓ ମୀନା ବଜାର ।ବୁଣାକାରମାନଙ୍କ ଦ୍ୱାରା ତିଆରି ସମ୍ବଲପୁରୀ, ବ୍ରହ୍ମପୁରୀ, ପାଟ ଶାଢ଼ୀ, କାଠକାମ, ଗୁରୁଜୀ ଡ୍ରେସ, ଆୟୁର୍ବେଦିକ ଔଷଧ, କଟକର ସୁନା-ରୂପା ତାରକସି କାମ ଏବଂ ରାଜସ୍ଥାନୀ ଗହଣା ଆଦି ସୁଲଭ ମୂଲ୍ୟରେ ଉପଲବ୍ଧ ।

## ରେଢ଼ାଖୋଲରେ ବିଦ୍ୟୁତ ତାର ଚୋରି ରାକେଟର ପର୍ଦ୍ଦାଫାସ, ୧୨ ଗିରଫ



ରେଢ଼ାଖୋଲ (ମହାଭାରତ)ସମ୍ବଲପୁର ଜିଲ୍ଲା ରେଢ଼ାଖୋଲରେ ବିଦ୍ୟୁତ ତାର ଚୋରି ରାକେଟର ଏକ ଟିମକୁ ରେଢ଼ାଖୋଲ ପୋଲିସ ଧରିବାରେ ସଫଳ ହୋଇଛି । ପୋଲିସ ଏଥିରେ ସମ୍ପୃକ୍ତି ତ୍ରିବଣପୁର ୧୧ କେଭି ଫିଡର ରେଙ୍ଗାଳୀ ମଠ ନିକଟରୁ ୧୨ ଜଣ ବିଦ୍ୟୁତ ତାର ଚୋରଙ୍କୁ ପୋଲିସ ଗିରଫ କରିଛି । ଏ ନେଇ ରେଢ଼ାଖୋଲ ଥାନାରେ କେସ୍ ନଂ ୧୫୩/୨୦୨୬ ବିଦ୍ୟୁତ ଆଇନରେ ମାମଲା ରୁଜୁ ହୋଇଛି ।ପୋଲିସ ଏକ ପ୍ରେସ ଇସ୍ତାହାରରେ ଜଣାଇଛି ଯେ, ରେଢ଼ାଖୋଲ ପୋଲିସ କୌଣସି ବିଶ୍ୱସ୍ତ ସୁତ୍ରରୁ ଖବର ପାଇ ରେଢ଼ାଖୋଲ ଓଓଉ ଏକ ଟିମ୍ ଗଠନ କରି ଘଟଣାସ୍ଥଳରେ ଚଢାଉ କରିଥିଲେ । ପୋଲିସକୁ ଦେଖି ଚୋରମାନେ କଟର ଦେଖାଇ ଫେରାର ହେବାକୁ ଚେଷ୍ଟା କରିଥିଲେ ହେଁ ପୋଲିସ ସମସ୍ତଙ୍କୁ କାବୁ କରିବାରେ ସଫଳ ହୋଇଥିଲା । ସେମାନଙ୍କ ନିକଟରୁ ୩୦ ବଣ୍ଡଲ ତାର , ୨ଟି କେବୁଲ କଟର, ସହ ମିନି ଟ୍ରକ ଜବତ କରିଛି । ଏଥିରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତ କିସିଣ୍ଡା ଥାନା କଞ୍ଚନପୁର ଗ୍ରାମର ଓ ମାଷ୍ଟରମାଇଣ୍ଡ ସୁନାପାଲିର ଏମଡି ସିରାଜ ବୋଲି ପୋଲିସ କହିଛି ।ଗିରଫ ଅଭିଯୁକ୍ତମାନେ ହେଲେ ଅମର ଜିତ କିସାନ, ଅନିଲ ସେଠି, ବୁଲୁପାତ୍ର, ଗଗନ ବିଶି, କୃପାସିନ୍ଧୁ ଭୋଇ, ବିଶି କିସାନ, ରସାନନ୍ଦ ଭୋଇ, ସୁଶାନ୍ତ ଛେଣ୍ଡିଆ, ନିରଞ୍ଜସାହୁ, ସୁଧାଂଶୁ ଭୋଇ, ମୋହନ କୁମାର ଯାନୀ ଏବଂ ରଜତ କୁମାର ବିଶି । ରେଢ଼ାଖୋଲ ଥାନାରେ କେସ୍ ନଂ ୧୫୩/ ତା ୨୦/୦୮/୨୦୨୬ ୟୁ /ଏସ - ୩୧୦ (୨) ବିଏନଏସ ୨୦୨୩/ ୧୩୬ (୧)ଇଲେକ୍ଟ୍ରିସିଟି ଆକ୍ଟ ୨୦୦୩ ଆଇନରେ ମାମଲା ରୁଜୁ ହୋଇଛି । ପୋଲିସ ସମସ୍ତଙ୍କୁ କୋର୍ଟ ଚାଲାଣ କରିଛି ।

# ଅବହେଳିତ ହିନ୍ଦୋଳର ଐତିହାସିକ ନନ୍ଦିନିଆ ଜଳପ୍ରପାତ



**ହିନ୍ଦୋଳ,(ମହାଭାରତ):**ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡର ନିଘଞ୍ଚ ବନାନୀ ପର୍ଯ୍ୟଟନସ୍ଥଳୀ ମଧ୍ୟରେ ପରିପୂର୍ଣ୍ଣ ପୁରାଣବର୍ଣ୍ଣିତ ଐତିହାସିକ ନନ୍ଦିନିଆ ଜଳାଧାର ଅଞ୍ଚଳ ଅନ୍ୟତମ । ହିନ୍ଦୋଳ ଏନଏସି ଅମଲାପଡା ଠାରୁ ରାୟମୁଣ୍ଡା ଗ୍ରାମରୁ ବାମପାର୍ଶ୍ୱରେ ପ୍ରାୟ ୬ କିମି ଦୂରରେ ଅବସ୍ଥିତ ଏହି ସ୍ଥାନଟି ରାଜନୈତିକ ଅସୂୟାପାଇଁ ଆଜି ବି ଅପହଞ୍ଚ । କିମ୍ବଦନ୍ତୀ ଅନୁଯାୟୀ ବହୁପୂର୍ବେ ହିନ୍ଦୋଳ ଗଡ଼ଜାତ ଅଞ୍ଚଳର ନନ୍ଦ ମହାଦେବ ଘୋର ମହାରାଜନ ବନାନୀରେ ଶିକାର କରି ଯାଇଥିବା ସମୟରେ ଏକ ଗୁମ୍ଫାରେ ତପସ୍ୟାରତ ଜଣେ ସାଧୁଙ୍କୁ ସାକ୍ଷାତ କରିଥିଲେ । ଯାହାର ସ୍ୱରୂପ ସେହି ସାଧୁ ଉକ୍ତ ଗୁମ୍ଫାକୁ ମହାରାଜଙ୍କ ନାମାନୁସାରେ'ନନ୍ଦିନିଆ ଗୁମ୍ଫା'ନାମରେ ନାମିତ କରିଥିଲେ ।ଲୋକମୁଖରେ'ନନ୍ଦିନିଆ କୁଣ୍ଡ'ନାମରେ ଜଣାଯାଏ । ସୂର୍ଯ୍ୟଙ୍କ ପହିଲି କିରଣ ସର୍ବପ୍ରଥମେ ନିକଟରେ ଥିବା ଏହି କୁଣ୍ଡ ଉପରେ ପଡ଼ିଥାଏ । ଶୁଣାଯାଏ ଯେ ଏକଦା ଏକ ମଇଁଷି ତୃଷାତୁର ହୋଇ ଜଳାଶୟ ଅନୁସନ୍ଧାନରେ ଜୀବନ-ମୃତ୍ୟୁ ସହ ସଂଗ୍ରାମ କରୁଥିଲା । ମହାପ୍ରଭୁଙ୍କ କରୁଣାରୁ ଉକ୍ତ ଭୂମୁଖରୁ ପଡୁଥିବା ଏହି ଗୁମ୍ଫାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ବିରାଜମାନ ଏବଂ ଏହି ଚିତାଲାଗି ଅମାବାସ୍ୟା ଦିନ ଏ ଦାନ ଜଳାଧାରର ଉତ୍ପତ୍ତି ହୋଇଥିଲା । ସେହି ଜଳ ଯୋଗୁଁ ଉକ୍ତ ମଇଁଷିଟି ଜୀବନଦାନ ପାଇଥିଲା । ସେହିଦିନଠାରୁ ଏହି ସ୍ଥାନରେ ଏଠାରେ ନାମ ସଂକୀର୍ତ୍ତନ ଓ ପୂଜାପାଠ ଆୟୋଜିତ ହୋଇଥାଏ । ପ୍ରକୃତିକୋଳରେ ଅବସ୍ଥିତ ନିର୍ମିତ ଅନୁକୂଳ ପରିବେଶ ଯୋଗୁଁ ପ୍ରତିବର୍ଷ ଶୀତଦିନେ ବିଶେଷ କରି ବଡଦିନ ଓ ନୂଆବର୍ଷରେ ଏଠାରେ ଜନସମାଗମ ହୋଇଥାଏ । ଜିଲ୍ଲା ତଥା ଜିଲ୍ଲାବାହାରୁ ପର୍ଯ୍ୟଟକ ଆସି ଗୁମ୍ଫାସ୍ଥିତ ସୁଦୃଶ୍ୟ ଥିବା ଜଳାଧାର ସମେତ ଏଠାରେ ଘଞ୍ଚଜଙ୍ଗଲ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରେ । ମହାପ୍ରଭୁଙ୍କୁ ଦର୍ଶନ କରିବା ବା ସହ ସୁଜଳାଧାର ତଥା ବଣଭୋଜିର ଆନନ୍ଦ ନିଅନ୍ତି ପର୍ଯ୍ୟଟକ । ଏତେସବୁ ଉପଲବ୍ଧି ସତ୍ତ୍ୱେ ଦୁର୍ଗମ ଯାତାୟତ ପଥ ଏକ ଏବଂ ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ଏହା ମଧ୍ୟ ଲୋକଲୋଚନ ଆଢୁଆଳରେ ଅବହେଳିତ ଅବସ୍ଥାରେ ରହିଛି । ପର୍ଯ୍ୟଟନ ବିଭାଗ ଦ୍ୱାରା ପକ୍କାସଡ଼କ,ବିଜୁଳି ବ୍ୟବସ୍ଥା ତଥା ବିଶ୍ରାମଗାରର ସୁବନ୍ଦୋବସ୍ତ କରାଗଲେ ନିଶ୍ଚିତ ରୂପେ ଏହା ଢ଼େଙ୍କାନାଳ ଜିଲ୍ଲାର ଏକ ସୁଉତ୍ତମ ପର୍ଯ୍ୟଟନସ୍ଥଳୀ ରୂପେ ପରିଚିତ ହୋଇପାରିବ ବୋଲି ଆଶା କରାଯାଏ । ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ ହିନ୍ଦୋଳ ଗଡ଼ଜାତ ଅଞ୍ଚଳର ନନ୍ଦିନିଆ ଜଳାଧାର ପ୍ରତି ସ୍ଥାନୀୟ ସାଂସଦ, ବିଧାୟକ, ନିର୍ବାଚିତ ଜନପ୍ରତିନିଧି, ସରକାର ଓ ପର୍ଯ୍ୟଟନ ବିଭାଗର ଦୃଷ୍ଟି କେବେ ପଡ଼ିବ ତାହା ଦେଖିବାକୁ ବାକି ରାହିଲା ।

## ୪ ବର୍ଷ ଧରି ଭତ୍ତା ଅପେକ୍ଷାରେ ପିଲା ବାଇ



**ରାଇଘର:,(ମହାଭାରତ):** ସରକାର ଗରିବ ଅସହାୟ ଓ ବୃଦ୍ଧଙ୍କ ପାଇଁ ବିଭିନ୍ନ ଭତ୍ତା ଯୋଜନା କରିଛନ୍ତି । ହେଲେ ଯୋଜନା ଥାଇ ମଧ୍ୟ ଯଦି ଜଣେ ଅସହାୟ ବୃଦ୍ଧାଙ୍କ ପାଖରେ ତାହାର ସୁଫଳ ନ ପହଞ୍ଚେ ତେବେ ଦାୟୀ କିଏ ।ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ କୁରାବେଡା ପଞ୍ଚାୟତର କୁଣ୍ଡରାପାଣି ଗ୍ରାମର ୬୨ ବର୍ଷୀୟା ପିଲା ବାଇ ଗଣ୍ଡ ଏଭଳି ଅବହେଳାର ଶିକାର ହୋଇଥିବା ଅଭିଯୋଗ ଆସିଛି ।ପିଲା ବାଇଙ୍କ ସ୍ୱାମୀଙ୍କ ମୃତ୍ୟୁକୁ ପ୍ରାୟ ୪ ବର୍ଷ ବିତିଗଲାଣି । କିନ୍ତୁ ଏପର୍ଯ୍ୟନ୍ତ ସେ ବିଧବା ଭତ୍ତା ପାଉନାହାନ୍ତି ଏପରିକି ବାର୍ଦ୍ଧକ୍ୟ ଭତ୍ତାରୁ ମଧ୍ୟ ବଞ୍ଚିତ ଅଛନ୍ତି ବୋଲି ଅଭିଯୋଗ ।ସବୁଠାରୁ ଦୁଃଖର କଥା ହେଉଛି, ତାଙ୍କ ଘରଠାରୁ ପଞ୍ଚାୟତ କାର୍ଯ୍ୟାଳୟର ଦୂରତା ପ୍ରାୟ ଏକ କିଲୋମିଟର । ତଥାପି ଜଣେ ଅସହାୟ ବିଧବାଙ୍କ ଦୁଃଖ ପ୍ରଶାସନର ନଜରକୁ ଆସିନଥିବା ନେଇ ଏବେ ପ୍ରଶ୍ନ ଉଠିଛି ।ସରକାରୀ କାର୍ଯ୍ୟାଳୟ କେବଳ ଚେୟାରରେ ବସିବା ପାଇଁ ନୁହେଁ ଲୋକଙ୍କ ସୁଖଦୁଃଖ ବୁଝିବା ଏବଂ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ସରକାରୀ ଯୋଜନାର ସୁବିଧା ପହଞ୍ଚାଇବା ପାଇଁ । ତେବେ ପିଲା ବାଇଙ୍କ ଭଳି ଜଣେ ବୃଦ୍ଧ ବିଧବା ଯଦି ୪ ବର୍ଷ ଧରି ଭତ୍ତାରୁ ବଞ୍ଚିତ ରହୁଛନ୍ତି ତାହା ପାଇଁ ଦାୟୀ କିଏ ?ଏନେଇ ତୁରନ୍ତ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ପିଲା ବାଇଙ୍କୁ ଯଦି ସେ ଯୋଗ୍ୟ ତେବେ ନିୟମାନୁସାରେ ବିଧବା କିମ୍ବା ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଉ ଏବଂ ତାଙ୍କୁ ଏତେଦିନ ଧରି ଭତ୍ତାରୁ ବଞ୍ଚିତ ରଖିବାର କାରଣ ଖୋଜାଯାଉ ବୋଲି ଦାବି ହେଉଛି ।ପ୍ରଶାସନ କେବେ ଶୁଣିବ ପିଲା ବାଇଙ୍କ ଦୁଃଖ ।ଏବେ ନୁହେଁ ତ କେବେ ?

## ସମାଜସେବୀ ଇଶ୍ୱର ରାଉତଙ୍କୁ ଶ୍ରଦ୍ଧାଞ୍ଜଳୀ

**କେନ୍ଦ୍ରାପଡ଼ା:**ଯମପଡା ଗ୍ରାମପଞ୍ଚାୟତର ଗୌଡଗାଁ ଗ୍ରାମର ସମାଜସେବୀ ଇଶ୍ୱର ଚନ୍ଦ୍ର ରାଉତଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିସଭା କେଦାରନାଥ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଶିକ୍ଷାବୀତ ପୃଥିରାଜ ସ୍ୱାଇଁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ଜେନା, ସନାତନ ବେହେରା, ଦେବେନ୍ଦ୍ର ଦାସ, ହିମାଂଶୁ ଦାସ, ନିର୍ମଳ ପରିଡା, ରମେଶ ଚନ୍ଦ୍ର ରାଉତ, ପ୍ରଶାନ୍ତ ରାଉତ, ପ୍ରମୋଦ ସାହୁ, ଯୁବନେତା ସମ୍ବିତ ରାଉତ, ହୃଷିକେଶ ଦାସ, ରଶ୍ମୀତା ଦାସ, ପ୍ରଶାନ୍ତ ଦାସ, କ୍ଷଣପ୍ରଭା ପରିଡା, କନ୍ୟା ଦିପାଞ୍ଜଳୀ ସାହୁ, ପୁତ୍ର ଆଶିଷ ରାଉତ ଓ ରାଜେଶ ରାଉତ, ଭାରତୀ, ରେଖା, ମିନତୀ ପ୍ରମୁଖ ସ୍ୱର୍ଗତ ରାଉତଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ।

## କାକିରିଗୁମ୍ମା ଥାନା ପକ୍ଷରୁ ସାଇବର ସଚେତନତା ଶିବିର




**ଲକ୍ଷ୍ମୀପୁର: (ମହାଭାରତ):** ଦିନକୁ ଦିନ ଅନଲାଇନ୍ ସାଇବର ଠକେଇ ବୃଦ୍ଧି ପାଉଥିବା ବେଳେ ଏଥିରୁ ଲୋକଙ୍କୁ ସଚେତନ କରିବା ଏବଂ ସାଇବର ଅପରାଧରୁ କିପରି ସୁରକ୍ଷିତ ରହିହେବ, ସେନେଇ କାକିରିଗୁମ୍ମା ଥାନା ପକ୍ଷରୁ କେଲ୍ଲାର କେବିକେ ପଡ଼ିଆ ଠାରେ ଏକ ସାଇବର ସଚେତନତା ଶିବିର ଆୟୋଜନ କରାଯାଇଥିଲା । ଏହି ସଚେତନତା କାର୍ଯ୍ୟକ୍ରମରେ କେଲ୍ଲାର ଅଞ୍ଚଳର ବିଭିନ୍ନ ଗ୍ରାମରୁ ଶତାଧିକ ଲୋକ ଯୋଗଦେଇଥିଲେ । ବର୍ତ୍ତମାନ ସମୟରେ ମୋବାଇଲ୍ ଫୋନ୍, ଇଣ୍ଟରନେଟ୍ ଓ ଅନଲାଇନ୍ ଟଙ୍କା କାରବାରର ବ୍ୟବହାର ବଢ଼ିବା ସହିତ ସାଇବର ଠକେଇର ଘଟଣା ମଧ୍ୟ ବଢୁଛି । ତେଣୁ ସାଧାରଣ ଲୋକଙ୍କୁ ସାଇବର ଅପରାଧ ସମ୍ପର୍କରେ ସଚେତନ କରିବା ଉଦ୍ଦେଶ୍ୟରେ ପୁଲିସ ପକ୍ଷରୁ ଏହି ଶିବିରର ଆୟୋଜନ କରାଯାଇଥିଲା । କାକିରିଗୁମ୍ମା ଥାନାର ଥାନା ଅଧିକାରିଣୀ ଶ୍ରୀମତୀ ସୁଲଚନା ପ୍ରଧାନ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସାଇବର ଠକେଇର ବିଭିନ୍ନ ପ୍ରକାର ଓ ଏଥିରୁ କିପରି ନିଜକୁ ସୁରକ୍ଷିତ ରଖିହେବ, ସେ ସମ୍ପର୍କରେ ଲୋକଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ । ବିଶେଷକରି ଅଜଣା ଫୋନ୍ କଲ୍, ମେସେଜ୍, ଲିଙ୍କ୍ କିମ୍ବା ଆପ୍ ମାଧ୍ୟମରେ ଆସୁଥିବା ପ୍ରଲୋଭନରେ ନ ପଡ଼ିବାକୁ ସେ ପରାମର୍ଶ ଦେଇଥିଲେ । ସେହିପରି ଅଜଣା ବ୍ୟକ୍ତିଙ୍କୁ ନିଜର ବ୍ୟାଙ୍କ ଖାତା ତଥ୍ୟ, ଏଟିଏମ୍/ଡେବିଟ୍ କାର୍ଡ ସୂଚନା, ପାସୱାର୍ଡ, ଓଟିପି ଓ ଅନ୍ୟ ସମ୍ପର୍କିତ ଗୁପ୍ତ ତଥ୍ୟ ନଦେବାକୁ ଲୋକଙ୍କୁ ସଚେତନ କରାଯାଇଥିଲା । ଅନଲାଇନ୍ ଟଙ୍କା କାରବାର ସମୟରେ ସତର୍କତା ଅବଲମ୍ବନ କରିବା ସହ କୌଣସି ସାଇବର ଠକେଇର ଶିକାର ହେଲେ ତୁରନ୍ତ ପୁଲିସକୁ ଜଣାଇବା ପାଇଁ ମଧ୍ୟ ପରାମର୍ଶ ଦିଆଯାଇଥିଲା ।

## ଆଇଚର ବାଇକ ମୁହାଁ ମୁହିଁ ଧକ୍କା ବାଇକ ଆରୋହୀ ମୃତ: ଆଇଚର ଗାଡ଼ି ଡ୍ରାଇଭର ଫେରାର



ନୂଆଗାଁ (ମହାଭାରତ ) : ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥ ନୂଆଗାଁ ଥାନା ଅନ୍ତର୍ଗତ ସୋରଡ଼ା ଜିଓ ପେଟ୍ରୋଲ ଟାଙ୍କି ନିକଟରେ ମଧ୍ୟାହ୍ନ ସମୟରେ ଆଇଚର ଗାଡ଼ି ନଂ ସିଜି ୧୧ ବିକେ ୬୬୫୧ ଓ ବାଇକ ଓଡ଼ି ୨୫ ଟି ୩୧୮୪ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା ।ସୂଚନା ଅନୁଯାୟୀ ବାଇକ ଆରୋହୀ ସୁବାଷ ନାୟକ (୩୭) ସୋରଡ଼ା ଠାରେ ଥିବା ଜିଓ ପେଟ୍ରୋଲ ଟାଙ୍କିରେ ପେଟ୍ରୋଲ ପକେଇ ନିଜ ଗାଁ କୁ ଫେରୁଥିବା ବେଳେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆଇଚର ଗାଡ଼ି ଦଶପଲ୍ଲା ଅଭିମୁଖେ ଆସୁଥିଲା ଫଳରେ ମୁହାଁମୁହିଁ ଧକ୍କା ହୋଇଥିଲା ।ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକଙ୍କ ସହଯୋଗରେ ବାଇକ ଆରୋହୀ ସୁବାଷ ନାୟକ ଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ଆଇଚର ଗାଡ଼ି ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଥିବା ସୂଚନା ମିଳିଛି ।ମୃତ ବ୍ୟକ୍ତି ହେଲେ ଲୁଣିସାର ଗ୍ରାମର ମେଘନାଦ ନାୟକ ଙ୍କ ପୁଅ ସୁବାଷ ନାୟକ (୩୭) ।ମର୍ମନ୍ତୁତ ସଡ଼କ ଦୃଘଟଣା କୁ ନେଇ ଲୋକେ ଉତ୍ତକ୍ତ୍ୟ ହୋଇ ମଧ୍ୟାହ୍ନ ୧୨.୩୦ ସମୟ ରୁ ପ୍ରାୟ ଦୁଇଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ ଯାହା ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଗାଡ଼ି ଚଳାଚଳ ଠପ ହୋଇଥିଲା ।ଖବର ପାଇ ନୂଆଗାଁ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ ଏବଂ ଦଶପଲ୍ଲା ଥାନା ଅଧିକାରୀ ବିନୟ କୁମାର ପରିଡା ପହଞ୍ଚି ବୁଝାସୁଝା ପରେ ଉତ୍ତକ୍ତ୍ୟ ଲୋକେ ଧାରଣାରୁ ଉଠିଥିଲେ ।ଫଳରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା ।ଏହି ଦୁଃଖଦ ଖବର ଶୁଣି ଘଟଣାସ୍ଥଳରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ପହଞ୍ଚି ମୃତ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହ ମୃତ ସୁବାଷ ନାୟକ ଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ ।ପରବର୍ତ୍ତୀରେ ନୂଆଗାଁ ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତ ଶରୀର କୁ ଶବ ବ୍ୟାଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି ।

# ଗଜପତି ଜିଲ୍ଲା ଗସ୍ତରେ ବିଧାନସଭା ଗୃହ କମିଟି ତୃତୀୟ ବୈଠକ ଏବଂ ପରିଦର୍ଶନ



ପାରଳାଖେମୁଣ୍ଡି,(ମହାଭାରତ):ଓଡ଼ିଶା ବିଧାନସଭାର ଗୃହ କମିଟି ଶ୍ରୀଯୁକ୍ତ ଲକ୍ଷ୍ମଣ ବାଗଙ୍କ ଅଧ୍ୟକ୍ଷତାରେ ଆଜି ଗଜପତି ଜିଲ୍ଲା ଗସ୍ତ କରି ଜିଲ୍ଲାର ବିକାଶ, ପାନୀୟ ଜଳ, ଜଳସେଚନ, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଓ ଭିତ୍ତିଭୂମି ସମେତ ବିଭିନ୍ନ ଜନସ୍ୱାର୍ଥ ପ୍ରସଙ୍ଗର ସମୀକ୍ଷା କରିଛନ୍ତି । ଗସ୍ତରେ କମିଟିର ସଦସ୍ୟ ତଥା ମୋହନା ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଦାଶରଥୀ ଗମାଙ୍ଗ, ରଘୁନାଥପାଲ୍ଲି ବିଧାୟକ ଶ୍ରୀଯୁକ୍ତ ଦୁର୍ଗା ଚରଣ ତନ୍ତୀ, ଖଣ୍ଡପଡ଼ା ବିଧାୟକ ଶ୍ରୀଯୁକ୍ତ ଦୁଷ୍ମନ୍ତ କୁମାର ସ୍ୱାଇଁ ଏବଂ ମାନ୍ୟବର ବିଧାୟକ ପାରଳାଖେମୁଣ୍ଡି ଶ୍ରୀଯୁକ୍ତ ରୂପେଶ କୁମାର ପାଣିଗ୍ରାହୀଙ୍କ ସମେତ ଗଜପତି ଜିଲ୍ଲାପାଳ ଶ୍ରୀଯୁକ୍ତ ଅକ୍ଷୟ ସୁନୀଲ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଫାଲଗୁନୀ ମାଝୀ ଓ ଶ୍ରୀ ମୁନିନ୍ଦ୍ର ହୋନନାଗା, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ପୃଥ୍ୱୀରାଜ ମଣ୍ଡଳ,ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ବିରଞ୍ଚି ବାଗ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଶ୍ରୀ ଅଂଶୁମାନ ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । କମିଟି ପ୍ରଥମେ ମୋହନା ବ୍ଲକ୍ ଅନ୍ତର୍ଗତ ମାଙ୍କଡ଼ଡିଆ ଜଳପ୍ରପାତ,ଜୀରାଙ୍ଗ ସ୍ଥିତ ପଦ୍ମସମ୍ଭବ ମହାବିହାର, ଖସଡ଼ା ଜଳପ୍ରପାତ ଏବଂ ପବିତ୍ର ମହେନ୍ଦ୍ରଗିରି ପାହାଡ଼ ପରିଦର୍ଶନ କରି ସେଠାକାର ସ୍ଥିତି ଓ ବିକାଶ ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ଏଥିସହ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରି ସେଗୁଡ଼ିକର କାର୍ଯ୍ୟ ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ସ୍ଥାନୀୟ ଲୋକ ଓ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ । ପରେ ଜିଲାପାଳଙ୍କ କାର୍ଯ୍ୟଳୟ ସମ୍ମିଳନୀ କକ୍ଷଠାରେ ଗଜପତି ଜିଲ୍ଲାପାଳ ଏବଂ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ଗୃହ କମିଟିର ତୃତୀୟ ବୈଠକ ଅନୁଷ୍ଠିତ ହୋଇଥିଲା ।ବୈଠକରେ ଓଡ଼ିଶା ବିଧାନସଭାର ମାନ୍ୟବର ସଦସ୍ୟମାନଙ୍କ ଦ୍ୱାରା ଦିଆଯାଇଥିବା ବିଚାରାଧୀନ ଆବେଦନ ଏବଂ ବିଧାନସଭାରେ ଉଠାଯାଇଥିବା ବିଭିନ୍ନ ସବମିଶନର କାର୍ଯ୍ୟାନ୍ୱୟନ ସ୍ଥିତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଆଲୋଚନାରେ ପାରଳାଖେମୁଣ୍ଡି ସହରରେ ବାଇପାସ୍ ରାସ୍ତା ନିର୍ମାଣ, ଜିଲ୍ଲାର ସବର, କନ୍ଧ, ଶୁଦ୍ଧ ସବର ଆଦି ଜନଜାତିର ଛାତ୍ରଛାତ୍ରୀଙ୍କୁ ଜାତିଗତ ପ୍ରମାଣପତ୍ର ପ୍ରଦାନ, ମୋହନା ତହସିଲର ଯୋଗ୍ୟ ବାସିନ୍ଦାଙ୍କୁ ଜମି ପଟ୍ଟା ପ୍ରଦାନ ଆଦି ବିଷୟ ଉପରେ ଆଲୋଚନା ହୋଇଥିଲା । ସେହିପରି ଗୁମ୍ମା ବ୍ଲକ୍‌ର ଆଦିବାସୀ ଅଞ୍ଚଳକୁ ରାସ୍ତା ସଂଯୋଗ, ପାନୀୟ ଜଳ ଓ ବିଦ୍ୟୁତ ଭଳି ମୌଳିକ ସୁବିଧା ଯୋଗାଣ, ପବିତ୍ର ମହେନ୍ଦ୍ରଗିରି ପାହାଡ଼ର ପର୍ଯ୍ୟଟନ ବିକାଶ ଏବଂ ଗଜପତି ଜିଲ୍ଲାରୁ ଭୁବନେଶ୍ୱର ଓ ପୁରୀକୁ ତୀର୍ଥଯାତ୍ରୀଙ୍କ ଯାତାୟାତ ପାଇଁ ଉନ୍ନତ ସଡ଼କ ସଂଯୋଗ ଭଳି ବିଷୟ ମଧ୍ୟ ଆଲୋଚନା କରାଯାଇଥିଲା । ଏହାସହ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ ପ୍ରସଙ୍ଗ, ଜନସାଧାରଣଙ୍କ ସମସ୍ୟା ଏବଂ ସେଗୁଡ଼ିକର ସମାଧାନ ପାଇଁ ନିଆଯାଇଥିବା ପଦକ୍ଷେପ ନେଇ କମିଟି ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ବୈଠକରେ ଆଲୋଚିତ ବିଷୟଗୁଡ଼ିକର ତୁରନ୍ତ ସମାଧାନ ଓ ଲୋକଙ୍କ ସମସ୍ୟାର ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବା ଉପରେ ଗୃହ କମିଟି ଗୁରୁତ୍ୱାରୋପ କରିଥିଲେ ।

# ସଡ଼କ ଦୁର୍ଘଟଣା, ୪ ମୃତ

ଜୟପୁର : ରାଜସ୍ଥାନର ଜୟପୁର ଗ୍ରାମୀଣ ଜିଲ୍ଲାରେ ଏକ ବୋଲେରୋ ଧକ୍କାରେ ୪ ମୃତ୍ୟୁ ହୋଇଛି । ଫାଗି ଥାନା ଅଞ୍ଚଳରେ ରାସ୍ତା କଡ଼େର ଚାଲି ଚାଲି ଘରକୁ ଫେରୁଥିବା ୫ ଜଣଙ୍କୁ ବୋଲେରୋ ଧକ୍କା ଦେଇଥିଲା । ଏହି ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମାମଲାର ତଦନ୍ତ କରୁଛି । ଏହି ଦୁର୍ଘଟଣାରେ ଗୋଟିଏ ପରିବାରର ୪ ଜଣ ପ୍ରାଣ ହରାଇଛନ୍ତି । ଏମାନେ କ୍ଷେତରେ କାମ ସାରି ପାଦରେ ଘରକୁ ଫେରୁଥିବା ସମୟରେ ଫାଗି-ମାଧୋରାଜପୁରା ରାସ୍ତାରେ ଏହି ଦୁର୍ଘଟଣା ଘଟିଥିଲା । ଦୁର୍ଘଟଣା ପରେ ବୋଲେରୋ ଚାଳକ ଗାଡ଼ିଟିକୁ ଘଟଣାସ୍ଥଳରେ ଛାଡ଼ି ଫେରାର ହୋଇଯାଇଥିବା ଜଣାପଡ଼ିଛି । ପୋଲିସ ଗାଡ଼ିକୁ ଜବତ କରିବା ସହ ଫେରାର ଚାଳକଙ୍କୁ ଖୋଜୁଛି । ମୃତକମାନେ ହେଲେ ସତ୍ୟନାରାୟଣ (୬୫), ତାଙ୍କ ପତ୍ନୀ ମନମୋଜ (୬୦) ଏବଂ ଦୁଇ ବୋହୂ ଅମୃତା ଦେବୀ (୩୫) ଓ ଶିମ୍ଲା ଦେବୀ (୨୩) । ସେହିପରି ସତ୍ୟନାରାୟଣଙ୍କ ପୁଅ ବଦ୍ରିନାରାୟଣ ଗୁରୁତର ଆହତ ହୋଇଛନ୍ତି । ତେବେ ପରିବାରର ୪ ଜଣଙ୍କ ମୃତ୍ୟୁ ଖବର ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା । ବହୁ ସଂଖ୍ୟାରେ ଗ୍ରାମବାସୀ ହସ୍ପିଟାଲ ବାହାରେ ଏକାଠି ହୋଇ ପ୍ରତିବାଦ କରିଥିଲେ । ପରେ ସେମାନେ ପୋଷ୍ଟ ଅଫିସ୍ ତିରାହାରେ ରାସ୍ତା ଅବରୋଧ କରି କ୍ଷତିପୂରଣ ଓ ଚାଳକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ମୃତକଙ୍କ ପରିବାରକୁ ପ୍ରତ୍ୟେକଙ୍କ ପାଇଁ ୧ କୋଟି ଟଙ୍କା କ୍ଷତିପୂରଣ ଏବଂ ପରିବାରର ଜଣେ ସଦସ୍ୟଙ୍କୁ ଚାକିରି ଦେବାକୁ ମଧ୍ୟ ଗ୍ରାମବାସୀ ଦାବି କରିଛନ୍ତି ।

# ଜମ୍ମୁ କଶ୍ମୀର ପାଇଁ ତୃତୀୟ ବନ୍ଦେ ଭାରତ ଟ୍ରେନ୍ ଘୋଷଣା



ନୂଆଦିଲ୍ଲୀ: ଭାରତୀୟ ରେଳବାଇ ଜମ୍ମୁ-କଶ୍ମୀର ମଧ୍ୟରେ ତୃତୀୟ ବନ୍ଦେ ଭାରତ ଟ୍ରେନ୍ ଚଳାଇବା ପାଇଁ ପ୍ରସ୍ତୁତି କରୁଛି । କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ଏନେଇ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'ଏକ୍ସ'ରେ ଏନେଇ ଘୋଷଣା କରିଛନ୍ତି । ଏହି ଟ୍ରେନ୍‌କୁ ଜମ୍ମୁରୁ ଶ୍ରୀନଗର ମଧ୍ୟରେ ଚଳାଚଳ କରାଯିବ । ବନ୍ଦେ ଭାରତର ନେଟ୍‌ୱର୍କ ବଢ଼ାଇବା ଉଦ୍ଦେଶ୍ୟରେ ଏହି ଘୋଷଣା କରାଯାଇଛି । ଜମ୍ମୁ ଏବଂ ଶ୍ରୀନଗର ମଧ୍ୟରେ ଚଳାଚଳ କରିବାକୁ ଥିବା ତୃତୀୟ ବନ୍ଦେ ଭାରତ ଟ୍ରେନ୍, ଉଦ୍ଦମପୁର ଦେଇ ଗଡ଼ିବ । ତୃତୀୟ ବନ୍ଦେ ଭାରତ ଟ୍ରେନ୍ ସର୍ଭିର ଉଦ୍ଦେଶ୍ୟ ହେଲା ଯାତ୍ରୀଙ୍କୁ ଏକ ଭିନ୍ନ ଯାତ୍ରାରୁଟ ଉପଲବ୍ଧ କରାଇବା ଏବଂ ଉଭୟ ସହର ମଧ୍ୟରେ ଟ୍ରେନ୍ କ୍ଷମତା ବଢ଼ାଇବା । କେନ୍ଦ୍ରମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି, ସ୍ଥାନୀୟ ଜନତାଙ୍କ ଆବଶ୍ୟକତା ଏବଂ ଆମର ଦାବି ଅନୁଯାୟୀ ରେଳ ମନ୍ତ୍ରାଳୟ ଜମ୍ମୁ ଏବଂ ଶ୍ରୀନଗର ମଧ୍ୟରେ ତୃତୀୟ ବନ୍ଦେ ଭାରତ ଏକ୍ସପ୍ରେସ ପାଇଁ ଉଦ୍ଦମପୁରକୁ ଗୁରୁତ୍ୱ ଦେଇଛି । ଏହା ଉଦ୍ଦମପୁର ପାଇଁ ଖୁସି ଖବର । ରେଳମନ୍ତ୍ରୀ ଚିଠିରେ ସୂଚନା ଦେଇଛନ୍ତି ଯେ, ଏହି ଟ୍ରେନ୍ ୨୬୪୦୭/୨୬୪୦୮ ହେବ । ଏହି ଟ୍ରେନ୍ ଚେନାବ ବ୍ରିଜ୍ ଉପରେ ଗତି କରିବ, ଯାହା ଇଫିଲ ଟାୱାର ଠାରୁ ଉଚ୍ଚ ଏବଂ ବିଶ୍ୱର ସବୁଠାରୁ ଉଚ୍ଚ ପୋଲ । ଏହି ଟ୍ରେନ୍‌ର ରହଣୀରେ ଉଦ୍ଦମପୁରକୁ ସାମିଲ କରାଯାଇଛି । ଏହାରି ମଧ୍ୟରେ ଅନେକ ଲୋକ କେନ୍ଦ୍ରମନ୍ତ୍ରୀଙ୍କୁ ଆଉ ଏକ ପ୍ରଶ୍ନ କରୁଛନ୍ତି । ସାମାଜିକ ଗଣମାଧ୍ୟମରେ ହୋଇଥିବା ପୋଷ୍ଟରେ କମେଣ୍ଟ କରୁଛନ୍ତି । ଅଙ୍କିତସିଂହ ନାମକ ଜଣେ ବ୍ୟକ୍ତି ଲେଖିଛନ୍ତି ଯେ, ଲୋକଙ୍କର ଦାବି ହେଲା ଜମ୍ମୁରୁ ଶ୍ରୀନଗରକୁ ଏକ ଲୋକାଲ ଟ୍ରେନ୍‌ର ବ୍ୟବସ୍ଥା କରାଯାଉ । ଏହି ଟ୍ରେନ୍ ସବୁ ଷ୍ଟେସନରେ ରହଣୀ କଲେ ସାଧାରଣ ଜନତା ଉପକୃତ ହେବେ । ଦୟାକରି ଏଥି ପ୍ରତି ଧ୍ୟାନ ଦିଆଯାଉ । ସେହିପରି ଅନ୍ୟ ଜଣେ ବ୍ୟକ୍ତି ଅଜୁ ଲେଖିଛନ୍ତି, ଆମକୁ ଶ୍ରୀନଗର ପର୍ଯ୍ୟନ୍ତ ଏକ ଲୋକାଲ ଟ୍ରେନ୍ ଦରକାର । ସୂଚନାଯୋଗ୍ୟ, ଜମ୍ମୁ କଶ୍ମୀରରେ ଗତବର୍ଷ ଜୁନ ୬ ତାରିଖ ଦିନ ୨ଟି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ସେବା ଆରମ୍ଭ କରିଥିଲା । ଆରମ୍ଭରୁ ଏହାର ଶ୍ରୀମାତା ବୈଷ୍ଣୋଦେବୀ ଏବଂ ଶ୍ରୀନଗର ମଧ୍ୟରେ ଚଳାଚଳ କରିଥିଲା । ଚଳିତ ବର୍ଷ ଏପ୍ରିଲ ୩୦ ତାରିଖରେ ଏହି ଟ୍ରେନ୍‌କୁ ଜମ୍ମୁ ତାବି ପର୍ଯ୍ୟନ୍ତ ସଂପ୍ରସାରଣ କରାଯାଇଥିଲା । ଏହା ଦ୍ୱାରା ଜମ୍ମୁ ଏବଂ ଶ୍ରୀନଗର ମଧ୍ୟରେ ସିଧାସଳଖ ବନ୍ଦେ ଭାରତ ସଂଯୋଗ ହୋଇପାରିଥିଲା ।

## ୟୁକ୍ରେନ ସପିଙ୍ଗ୍ ମଲ୍‌ରେ ରୁଷର ଡ୍ରୋନ୍ ଆକ୍ରମଣ

ୟୁକ୍ରେନ : ୟୁକ୍ରେନର ସପିଙ୍ଗ୍ ମଲ୍ ଉପରେ ରୁଷର ଡ୍ରୋନ୍ ଆକ୍ରମଣ, ୧୬ ମୃତ, ଶତାଧିକ ଆହତ । ପୂର୍ବ ୟୁକ୍ରେନର କ୍ରିଭି ରିଗ୍ ସହରରେ ରୁଷିଆ ପକ୍ଷରୁ ଭୟାନକ ଡ୍ରୋନ୍ ଆକ୍ରମଣ କରାଯାଇଛି । ଜନଗହଳିପୂର୍ଣ୍ଣ ସପିଙ୍ଗ୍ ସେଣ୍ଟରକୁ ଲକ୍ଷ୍ୟ କରି କରାଯାଇଥିବା ଏହି ଆକ୍ରମଣରେ ୧୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୩୦ ଜଣ ଆହତ ହୋଇଛନ୍ତି । ଆହତମାନଙ୍କ ମଧ୍ୟରେ ୨୩ ଜଣ ଶିଶୁ ଅଛନ୍ତି । ସେହିପରି ମାଇକୋଲେଭ୍ ଅଞ୍ଚଳରେ ହୋଇଥିବା ଅନ୍ୟ ଏକ ଆକ୍ରମଣରେ ୩ ଜଣ ଶିଶୁଙ୍କ ସମେତ ୪ ଜଣଙ୍କର ପ୍ରାଣହାନି ଘଟିଛି । ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ଜନ୍ମସ୍ଥାନ କ୍ରିଭି ରିଗରେ ପ୍ରଥମ ଡ୍ରୋନ୍ ଆକ୍ରମଣର ପ୍ରାୟ ଅଧଘଣ୍ଟା ପରେ ଉଦ୍ଧାରକାରୀ ଦଳ ପହଞ୍ଚିଥିବା ସମୟରେ ଦ୍ୱିତୀୟ ଡ୍ରୋନଟି ସପିଙ୍ଗ୍ ସେଣ୍ଟରର ଛାତ ଉପରେ ପଡ଼ିଥିଲା ।

## ତେଲଙ୍ଗାନାର ହାଜେଲୋ ଫାର୍ମାରେ ଭୟଙ୍କର ଅଗ୍ନିକାଣ୍ଡ; ଦୁଇ ମୃତ, ଆଠ ଆହତ



ନାଲଗୋଣ୍ଡା: ତେଲଙ୍ଗାନାର ଯାଦାଦ୍ରି ଭୁବନଗିରି ଜିଲ୍ଲାର ଭୁଦାନ ପୋଚମ୍‌ପାଲ୍ଲି ମଣ୍ଡଳର ଦୋଥିଗୁଡେମରେ ଅବସ୍ଥିତ ହାଜେଲୋ ଫାର୍ମା ଶିଳ୍ପରେ ଶୁକ୍ରବାର ମଧ୍ୟରାତ୍ରିରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ପ୍ଲାଣ୍ଟ ଭିତରେ ଏକ ରାସାୟନିକ ରିଆକ୍ଟର ବିସ୍ଫୋରଣ ହେବା ପରେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା । ଅଗ୍ନିକାଣ୍ଡରେ ଦୁଇ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଆଠ ଜଣ ଗୁରୁତର ଆହତ ହୋଇଛନ୍ତି । ପ୍ରଚଣ୍ଡ ବିସ୍ଫୋରଣରେ ଭୟଭୀତ ହୋଇ ପଡ଼ୋଶୀ ଡୋଥିଗୁଡେମ ଓ ଆନ୍ଥମାଗୁଡେମ ଗାଁର ବାସିନ୍ଦାମାନେ ଘରୁ ବାହାରକୁ ବାହାରି ଆସିଲେ । ସୂଚନା ପାଇବା ମାତ୍ରେ ପୁଲିସ ଓ ଅଗ୍ନିଶମ ସେବା କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ଅଗ୍ନିଶମ କର୍ମଚାରୀମାନେ ଅକ୍ଲାନ୍ତ ପରିଶ୍ରମ କରିଥିଲେ । ପୁଲିସ ତୁରନ୍ତ ଆହତ ଶ୍ରମିକମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲା । ସ୍ଥାନୀୟ ବାସିନ୍ଦା ଓ ଶ୍ରମିକ ସଂଗଠନଗୁଡ଼ିକ ଗଭୀର କ୍ଷୋଭ ପ୍ରକାଶ କରି କହିଛନ୍ତି ଯେ, ଗତ ତିନି ମାସ ମଧ୍ୟରେ ସମାନ ୟୁନିଟରେ ଦ୍ୱିତୀୟ ବଡ଼ ଦୁର୍ଘଟଣା । ସେମାନେ ଅଭିଯୋଗ କରିଛନ୍ତି ଯେ, ମୌଳିକ ସୁରକ୍ଷା ମାନଦଣ୍ଡ ପାଳନ ନ କରିବା ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଛି । ମୃତକଙ୍କ ପରିଚୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଭୁଦାନ ପୋଚମପାଲ୍ଲି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

# ଲସ୍କର-ଏ-ତୋଇବା ମୁଖ୍ୟ ହାଫିଜ୍ ସୟିଦଙ୍କୁ ସମନ୍ ପଠାଇବାକୁ ଭାରତର ପ୍ରସ୍ତୁତି



ନୂଆଦିଲ୍ଲୀ: ୨୦୨୫ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ମାମଲାରେ ଲସ୍କର-ଏ-ତୋଇବା ମୁଖ୍ୟ ହାଫିଜ୍ ସୟିଦଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନକୁ ଭାରତ ଆଗକୁ ବଢ଼ାଇଛି । ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ)ର ସ୍ୱତନ୍ତ୍ର କୋର୍ଟ ପକ୍ଷରୁ ସୟିଦଙ୍କ ବିରୋଧରେ ଜାମିନବିହୀନ ୱାରେଣ୍ଟ ଜାରି ହେବା ପରେ, କୂଟନୈତିକ ସ୍ତରରେ ଲାହୋରରେ ଥିବା ହାଫିଜ୍ ସୟିଦଙ୍କୁ କୋର୍ଟ ସମନ୍ ପଠାଇବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ସମନ୍ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (ଏମଇଏ) ଏବଂ ଇସଲାମାବାଦସ୍ଥିତ ଭାରତୀୟ ହାଇକମିଶନ ଜରିଆରେ ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟ ନିକଟକୁ ପଠାଯିବ । ଏହି କୋର୍ଟ ସମନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସୟିଦଙ୍କୁ କୋର୍ଟରେ ହାଜର ହେବା ପାଇଁ ଆନୁଷ୍ଠାନିକ ଭାବେ ଏକ ସୁଯୋଗ ଦେବା । ଯଦି ସେ ହାଜର ନହୁଅନ୍ତି, ତେବେ ତାଙ୍କ ଅନୁପସ୍ଥିତିରେ ବିଚାର ପ୍ରକ୍ରିୟା ଜାରି ରଖିବା ପାଇଁ ଏହା ଆଇନଗତ ଭିତ୍ତିଭୂମି ପ୍ରସ୍ତୁତ କରିବ । ୨୦୨୬ ଜୁଲାଇରେ ଏନଆଇଏ ଦାଖଲ କରିଥିବା ସପ୍ଲିମେଣ୍ଟାରୀ ଚାର୍ଜସିଟରେ ସୟିଦଙ୍କୁ ପହଲଗାମ୍ ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଏବଂ ଭାରତ ବିରୋଧରେ ଯୁଦ୍ଧ ଘୋଷଣା କରିଥିବା ଅଭିଯୋଗରେ ନାମିତ କରାଯାଇଛି । ସେ ଉଭୟ ବ୍ୟକ୍ତିଗତ ଭାବେ ଏବଂ ଲସ୍କର-ଏ-ତୋଇବା ଓ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଆରଏଫ୍)ର ମୁଖ୍ୟ ନେତା ଭାବେ ଏହି ଆକ୍ରମଣ ପଛରେ ରହିଥିବା ଅଭିଯୋଗ ହୋଇଛି । ଜାମ୍ମୁର ସ୍ୱତନ୍ତ୍ର କୋର୍ଟ ହାଫିଜ୍ ସୟିଦଙ୍କ ବିରୋଧରେ ଜାମିନବିହୀନ ୱାରେଣ୍ଟ ଜାରି କରିବା ସହ ତାଙ୍କୁ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନଏସଏସ୍) ଅନୁଯାୟୀ ଫେରାର ଘୋଷଣା କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଯଦି ସମନ୍ ପାଇବା ପରେ ବି ସୟିଦ କୋର୍ଟରେ ହାଜର ନହୁଅନ୍ତି, ତେବେ ବିଏନଏସଏସର ଧାରା ୩୫୬ ଅନୁଯାୟୀ ତାଙ୍କ ଅନୁପସ୍ଥିତିରେ ହିଁ ବିଚାର କରାଯାଇପାରିବ । ପାକିସ୍ତାନରୁ ସହଯୋଗ ମିଳୁନଥିବା ସତ୍ତ୍ୱେ ଭାରତୀୟ ନ୍ୟାୟିକ ବ୍ୟବସ୍ଥା ଅଧୀନକୁ ହାଫିଜ୍ ସୟିଦଙ୍କୁ ଆଣିବା ପାଇଁ ଭାରତ ଚଳାଇଥିବା ଚେଷ୍ଟାର ଏହା ଏକ ଅଫିସିଆଲ୍ ରେକର୍ଡ ସୃଷ୍ଟି କରିବ । ଏହି କୂଟନୈତିକ ଓ ଆଇନଗତ ପଦକ୍ଷେପ ଦ୍ୱାରା ଅନ୍ତର୍ଜାତୀୟ ସ୍ତରରେ, ଖାସକରି ଫାଇନାନ୍ସିଆଲ୍ ଆକ୍ସନ୍ ଟାସ୍କ ଫୋର୍ସ (ଏଫଏଟିଏଫ୍) ଭଳି ମଞ୍ଚଗୁଡ଼ିକରେ ପାକିସ୍ତାନ ଉପରେ ଚାପ ଆହୁରି ବୃଦ୍ଧି ପାଇବ । ପାକିସ୍ତାନ ସୟିଦଙ୍କୁ ନିଜ ହାଜତରେ ରଖିଥିବା ଦାବି କରୁଥିଲେ ବି, ଭାରତୀୟ ଏଜେନ୍ସିଗୁଡ଼ିକ ଅଭିଯୋଗ କରିଛନ୍ତି ଯେ ପାକିସ୍ତାନୀ ସୁରକ୍ଷା ବାହିନୀ ତାଙ୍କୁ ଆନ୍ତର୍ଜାତୀୟ କାର୍ଯ୍ୟାନୁଷ୍ଠାନରୁ ସୁରକ୍ଷା ଦେଇ ଆସୁଛି ।

## କ୍ରିକେଟ ମୈଦାନରୁ ଜେଲର ଚାରିକାନ୍ଥ, ଇମ୍ରାନଙ୍କ ୫ ଦଶନ୍ଧିର ରୋମାଞ୍ଚକର ଯାତ୍ରା

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ଜୀବନ କୌଣସି ସୁପରହିଟ୍ ଫିଲ୍ମର କାହାଣୀ ଠାରୁ କମ୍ ନୁହେଁ । କ୍ରିକେଟ ମୈଦାନର ଜଣେ ମାରାତ୍ମକ ଦ୍ରୁତ ବୋଲର, ନାଇଟ୍ କ୍ଲବର ଗ୍ଲାମରସ୍ ଲାଇଫ୍, ବଲିଉଡ ସୁନ୍ଦରୀଙ୍କ ସହ ସମ୍ପର୍କକୁ ନେଇ ଚର୍ଚ୍ଚା, ୧୯୯୨ରେ ପାକିସ୍ତାନକୁ ବିଶ୍ୱକପ୍ ଜିତାଇବାର ଗୌରବ ଏବଂ ଶେଷରେ ଦେଶର ପ୍ରଧାନମନ୍ତ୍ରୀ... ଏହି ସବୁ ସଫଳତା ପରେ ଆଜି ସେହି ଇମ୍ରାନ ଖାନ ଜେଲର ଚାରିକାନ୍ଥ ଭିତରେ ବନ୍ଦୀ । ୨୧ ଅଗଷ୍ଟ ୨୦୨୬ରେ ଇସଲାମାବାଦର ଏକ ହସ୍ପିଟାଲରେ ଡାକ୍ତରମାନେ ଇମ୍ରାନଙ୍କୁ 'ମେଡିକାଲି ଫିଟ୍' ଘୋଷଣା କରି ପୁଣି ଜେଲକୁ ପଠାଇ ଦେଇଛନ୍ତି । ଅଗଷ୍ଟ ୨୦୨୩ରୁ ସେ କାରାଗାରରେ ଅଛନ୍ତି ଏବଂ ତାଙ୍କ ବିରୋଧରେ ୧୦୦ରୁ ଅଧିକ ମାମଲା ଚାଲିଛି । କିନ୍ତୁ ଅଡିୟାଲା ଜେଲ ପର୍ଯ୍ୟନ୍ତ ପହଞ୍ଚିବା ପୂର୍ବରୁ ଇମ୍ରାନଙ୍କ କାହାଣୀକୁ ବୁଝିବାକୁ ହେଲେ ଆମକୁ ପାଖାପାଖି ପାଞ୍ଚ ଦଶନ୍ଧି ପଛକୁ ଯିବାକୁ ହେବ । ୧୯୭୧ରେ ମାତ୍ର ୧୯ ବର୍ଷ ବୟସରେ ଇମ୍ରାନ ଖାନ ଇଂଲଣ୍ଡ ବିରୋଧରେ ଟେଷ୍ଟ ଡେବ୍ୟୁ କରିଥିଲେ । ଅକ୍ସଫୋର୍ଡରୁ ଶିକ୍ଷା ଗ୍ରହଣ କରିଥିବା ଇମ୍ରାନଙ୍କ ବୋଲିଂରେ ଏମିତି ଧାର ଥିଲା ଯେ ସେ ଅଳ୍ପ ଦିନରେ ବିଶ୍ୱର ଶ୍ରେଷ୍ଠ ବୋଲରଙ୍କ ମଧ୍ୟରେ ଗଣା ହେଲେ । ୧୯୭୬-୭୭ ଅଷ୍ଟ୍ରେଲିଆ ଗସ୍ତରେ ସିଡନୀ ଟେଷ୍ଟରେ ୧୨ଟି ୱିକେଟ୍ ନେଇ ସେ ଇତିହାସ ରଚିଥିଲେ । କେବଳ ଖେଳ ନୁହେଁ, ବରଂ ନିଜର ଆକ୍ରମଣାତ୍ମକ ଶୈଳୀ ପାଇଁ ସେ ସବୁବେଳେ ଖବରର ଶିରୋନାମାରେ ରହୁଥିଲେ । ୭୦ ଦଶକର ଶେଷ ଆଡକୁ ଇମ୍ରାନଙ୍କ ପରିଚୟ କେବଳ କ୍ରିକେଟର ମଧ୍ୟରେ ସୀମିତ ନଥିଲା । ବ୍ରିଟିଶ୍ ମିଡିଆରେ ତାଙ୍କର ନାଇଟ୍ ଲାଇଫ୍ ଓ 'ପ୍ଲେବୟ' ଇମେଜ୍ ?କୁ ନେଇ ବହୁ ଚର୍ଚ୍ଚା ହେଉଥିଲା । ୧୯୭୯ରେ ଯେତେବେଳେ ପାକିସ୍ତାନ ଦଳ ଭାରତ ଆସିଥିଲା, ସେତେବେଳେ ବଲିଉଡ ଅଭିନେତ୍ରୀ ଜିନତ ଅମାନଙ୍କ ସହ ତାଙ୍କ ନାଁ ଯୋଡ଼ା ଯାଇଥିଲା । ଏହି କଥିତ ସମ୍ପର୍କକୁ ନେଇ ଭାରତ ଓ ପାକିସ୍ତାନରେ ପ୍ରବଳ ହଙ୍ଗାମା ହୋଇଥିଲା । ଏପରିକି ପାକିସ୍ତାନର ଖରାପ ପ୍ରଦର୍ଶନ ପାଇଁ କିଛି ମିଡିଆ ଜିନତ ଅମାନଙ୍କୁ ଦାୟୀ କରିବାକୁ ମଧ୍ୟ ପଛାଇ ନଥିଲେ । ଇମ୍ରାନଙ୍କ ଜୀବନର ସବୁଠାରୁ ସ୍ମରଣୀୟ ମୁହୂର୍ତ୍ତ ଥିଲା ୧୯୯୨ ବିଶ୍ୱକପ୍ । ମେଲବର୍ଣ୍ଣର ଫାଇନାଲରେ ଇଂଲଣ୍ଡକୁ ହରାଇ ପାକିସ୍ତାନ ପ୍ରଥମ ଥର ପାଇଁ ବିଶ୍ୱବିଜୟୀ ହୋଇଥିଲା । ଏହା ପରେ ସେ ଜଣେ ଖେଳାଳିରୁ ଜାତୀୟ ନାୟକ ପାଲଟି ଯାଇଥିଲେ । ୧୯୯୬ରେ ସେ 'ପାକିସ୍ତାନ ତେହେରିକ-ଏ-ଇନସାଫ' ଗଠନ କରି ରାଜନୀତିରେ ପାଦ ଦେଲେ । ଦୀର୍ଘ ୨୨ ବର୍ଷର ସଂଘର୍ଷ ପରେ ୨୦୧୮ରେ ସେ ଦେଶର ପ୍ରଧାନମନ୍ତ୍ରୀ ହୋଇଥିଲେ । ପ୍ରଧାନମନ୍ତ୍ରୀ ଆସନରେ ବସିବା ପରେ ଇମ୍ରାନଙ୍କ ପାଇଁ ବାଟ ସହଜ ନଥିଲା । ୨୦୨୨ରେ ଅନାସ୍ଥା ପ୍ରସ୍ତାବ ଜରିଆରେ ସେ କ୍ଷମତା ହରାଇଲେ । ଏହାପରେ ତୋଷାଖାନା ମାମଲାଠାରୁ ଆରମ୍ଭ କରି ଗୋପନୀୟ ଦଲିଲ ପ୍ରଘଟ ପର୍ଯ୍ୟନ୍ତ ଅନେକ ମାମଲା ତାଙ୍କୁ କୋର୍ଟ-କଚେରୀକୁ ଟାଣି ନେଲା । ଆଜି ସେହି ବିଶ୍ୱବିଜୟୀ ଅଧିନାୟକ ଜେଲରେ ନିଜର ରାଜନୈତିକ ଓ ଆଇନଗତ ଲଢ଼େଇ ଲଢୁଛନ୍ତି । ଇମ୍ରାନ ଖାନଙ୍କ ଏହି ୫ ଦଶନ୍ଧିର ଯାତ୍ରା ପ୍ରମାଣ କରେ ଯେ ସମୟ କେମିତି ଚକ୍ର ପରି ବୁଲେ— ଯେଉଁ ହାତ ଦିନେ ବିଶ୍ୱକପ୍ ଟ୍ରଫି ଉଠାଇଥିଲା, ଆଜି ସେହି ହାତ ଜେଲର ଶିକୁଳି ମଧ୍ୟରେ ସଂଘର୍ଷ କରୁଛି ।

## କାନାଡ଼ା ସାମଗ୍ରୀ ଉପରେ ୫୦% ସୀମା ଶୁଳ୍କ ଲଗାଇଲା ଆମେରିକା: କଡ଼ା ଜବାବ ଦେବାକୁ କାର୍ନିଙ୍କ ଚେତାବନୀ

ୱାଶିଂଟନ: ଦୀର୍ଘ ଦିନର ଆଲୋଚନା ବିଫଳ ହେବା ପରେ ଶନିବାରଠାରୁ କାନାଡ଼ା ସାମଗ୍ରୀ ଉପରେ ଆମେରିକା ଅତ୍ୟଧିକ ସୀମା ଶୁଳ୍କ (ଟାରିଫ୍) ଲାଗୁ କରିଛି । ଏହାଦ୍ୱାରା ଆମେରିକାକୁ କାନାଡ଼ାର ହେଉଥିବା ପ୍ରାୟ ୨୦ ବିଲିୟନ ଡଲାର ମୂଲ୍ୟର ରପ୍ତାନି ପ୍ରଭାବିତ ହେବ ଏବଂ ଏହା ଉପରେ ୫୦ ପ୍ରତିଶତ ନୂଆ କର ଲାଗୁ କରାଯାଇଛି । ଆମେରିକାର ଏହି ପଦକ୍ଷେପ ପରେ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ନି ଦୃଢ଼ ଚେତାବନୀ ଦେଇଛନ୍ତି । ନିଜ ଦେଶର ଶ୍ରମିକ ଓ ବ୍ୟବସାୟୀଙ୍କ ସୁରକ୍ଷା ପାଇଁ କାନାଡ଼ା ମଧ୍ୟ ଆମେରିକାକୁ ସମାନ ପରିମାଣର କର ଲଗାଇ ଉଚିତ ଜବାବ ଦେବ ବୋଲି ସେ କହିଛନ୍ତି । ଆମେରିକା ବାଣିଜ୍ୟ ପ୍ରତିନିଧି ଜେମିସନ ଗ୍ରୀଅର କହିଛନ୍ତି ଯେ, ଆମେରିକା ପକ୍ଷରୁ ଇସ୍ପାତ, ଆଲୁମିନିୟମ୍, ଅଟୋମୋବାଇଲ୍ ଏବଂ କାଠ ସାମଗ୍ରୀ ଉପରୁ କର ହ୍ରାସ କରିବାର ପ୍ରସ୍ତାବ ଦିଆଯାଇଥିଲା । କିନ୍ତୁ କାନାଡ଼ା ଶେଷ ମୁହୂର୍ତ୍ତରେ ଏହି ବାଣିଜ୍ୟ ଚୁକ୍ତିକୁ ଚୂଡ଼ାନ୍ତ କରିବାକୁ ମନା କରିଦେଇଥିଲା । ଅପରପକ୍ଷରେ କାନାଡ଼ା ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଆମେରିକା ଶେଷ ମୁହୂର୍ତ୍ତରେ ରଖିଥିବା ସର୍ତ୍ତଗୁଡ଼ିକ ଅନ୍ୟାୟୀ ଏବଂ ଅପ୍ରାସଙ୍ଗିକ ଥିଲା । ଏହି କାରଣରୁ ଦୁଇ ଦେଶ ମଧ୍ୟରେ କୌଣସି ସମ୍ମତି ହୋଇପାରିନାହିଁ । ଆମେରିକାର ମଦ ଓ ଆଲକୋହଲକୁ କାନାଡ଼ା ବଜାରରୁ ହଟାଇ ଦିଆଯାଇଥିବାରୁ ଟ୍ରମ୍ପ ପ୍ରଶାସନ ଅସନ୍ତୋଷ ପ୍ରକାଶ କରିଥିଲା । ଏହି ଆଲୋଚନା ବିଫଳ ହେବା ପରେ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ବ୍ୟବସାୟିକ ସମ୍ପର୍କ ଅଧିକ ତିକ୍ତ ହୋଇପଡ଼ିଛି ।

## ତାରିକ ରହମାନଙ୍କ ଭାରତ ଗସ୍ତକୁ ନେଇ ଦ୍ୱନ୍ଦ୍ୱ!

ବାଂଲାଦେଶ : ବାଂଲାଦେଶ ପ୍ରଧାନମନ୍ତ୍ରୀ ତାରିକ ରହମାନଙ୍କ ଭାରତ ଗସ୍ତକୁ ନେଇ ବଢ଼ିଲା ଦ୍ୱନ୍ଦ୍ୱ । ଆସନ୍ତା ରବିବାର ତାରିକ ରହମାନ ଭାରତ ଆସିବା ନେଇ ଚର୍ଚ୍ଚା ଭିତରେ ହଠାତ୍ ରାଷ୍ଟ୍ରପତି ଭବନ ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି । ଆଜି ହେବାକୁ ଥିବା 'ଚେଞ୍ଜ ଅଫ୍ ଗାର୍ଡ' ସେରିମନିକୁ ବାତିଲ କରାଯାଇଥିବା ଘୋଷଣା ଏହି ଗସ୍ତକୁ ନେଇ ନୂଆ ପ୍ରଶ୍ନ ଛିଡ଼ା କରିଛି । ତେବେ ଏହା କେବଳ ଏକ ସେରିମନି ବାତିଲ ନା ଏହା ପଛରେ ରହିଛି ବଡ଼ କୂଟନୈତିକ କାରଣ? ଏହାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି । ବିଶେଷ କରି ନୂଆଦିଲ୍ଲୀ ଓ ଢାକା ମଧ୍ୟରେ ବଢୁଥିବା ରାଜନୈତିକ ତିକ୍ତତା ମଧ୍ୟରେ ଏହି ଘଟଣାକୁ ଗୁରୁତ୍ୱର ସହ ଦେଖାଯାଉଛି । ଅନ୍ୟପଟେ, ପଦଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ପ୍ରତ୍ୟର୍ପଣ ପାଇଁ ବାଂଲାଦେଶ ପକ୍ଷରୁ ଦାବି ହୋଇଆସୁଛି । ଏହି ପ୍ରସଙ୍ଗ ମଧ୍ୟ ଦୁଇ ଦେଶର ସମ୍ପର୍କରେ ଉତ୍ତେଜନା ବଢ଼ାଇଥିବା କୁହାଯାଉଛି । ତା'ସହ ଆଗକୁ ୧୨ ଓ ୧୩ ସେପ୍ଟେମ୍ବରରେ ବ୍ରିକ୍ସ ଶିଖର ସମ୍ମିଳନୀ ହେବାକୁ ଥିବାରୁ ଭାରତ-ବାଂଲାଦେଶ ସମ୍ପର୍କକୁ ନେଇ ଏହି ଘଟଣା ଆହୁରି ଗୁରୁତ୍ୱ ବହନ କରୁଛି ।

## ପୁଣେରେ ଏବିଭିପି-ଏନଏସୟୁଆଇ ଗୋଷ୍ଠୀ ସଂଘର୍ଷ: ୫୦ରୁ ଅଧିକ ଯୁବ କଂଗ୍ରେସ କର୍ମୀଙ୍କ ବିରୋଧରେ ମାମଲା ରୁଜୁ

ପୁଣେ: କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ''ଛାତ୍ରୋଁ କି ଗୁଞ୍ଜ'' କାର୍ଯ୍ୟକ୍ରମ ପୂର୍ବରୁ ପୁଣେସ୍ଥିତ ସିଓଇପି ଇଞ୍ଜିନିୟରିଂ କଲେଜ ହଷ୍ଟେଲ ପରିସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଏବଂ ଜାତୀୟ ଛାତ୍ର ସଂଘ (ଏନଏସୟୁଆଇ) କର୍ମୀଙ୍କ ମଧ୍ୟରେ ହିଂସାତ୍ମକ ସଂଘର୍ଷ ଘଟିଛି । ଏହି ଘଟଣାରେ ପୁଣେ ପୁଲିସ ଶନିବାର ୫୦ରୁ ୬୦ ଜଣ ଯୁବ କଂଗ୍ରେସ କର୍ମୀଙ୍କ ବିରୋଧରେ ମାମଲା ରୁଜୁ କରିଛି । ଏବିଭିପିର ଜଣେ ସଦସ୍ୟଙ୍କ ଅଭିଯୋଗ ଆଧାରରେ ଭାରତୀୟ ନ୍ୟାୟ ସଂହିତା (ବିଏନଏସ୍) ଏବଂ ମହାରାଷ୍ଟ୍ର ପୁଲିସ ଆକ୍ଟର ବିଭିନ୍ନ ଧାରାରେ ବେଆଇନ ଜନସମାବେଶ, ମାରପିଟ୍ ଏବଂ ଧମକ ଦେବା ଅଭିଯୋଗରେ ଏହି ଏଫଆଇଆର୍ ରୁଜୁ କରାଯାଇଛି । ଅଭିଯୋଗ ଅନୁସାରେ, ଯୁବ କଂଗ୍ରେସ କର୍ମୀମାନେ କଲେଜର ମହିଳା ଛାତ୍ରୀମାନଙ୍କୁ ରାହୁଲ ଗାନ୍ଧୀଙ୍କ କାର୍ଯ୍ୟକ୍ରମ ପାଇଁ ପଞ୍ଜୀକରଣ କରିବାକୁ ଏବଂ ଭିଡିଓ ବକ୍ତବ୍ୟ ଦେବାକୁ ବାଧ୍ୟ କରୁଥିଲେ । ଏହି ବିଷୟରେ ପଚାରିବା ପାଇଁ ଏବିଭିପି ସଦସ୍ୟମାନେ ହଷ୍ଟେଲକୁ ଯାଇଥିବା ବେଳେ କଂଗ୍ରେସ କର୍ମୀମାନେ ସେମାନଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ । ଅପରପକ୍ଷରେ କଂଗ୍ରେସ ନେତା ବିଜୟ ୱାଡେଟିୱାର ଓ ଯୁବ କଂଗ୍ରେସ ନେତା ଅକ୍ଷୟ ଜୈନ କହିଛନ୍ତି ଯେ, ବୃତ୍ତିବୃତ୍ତି (ସ୍କୋଲାରସିପ୍) ସମସ୍ୟାକୁ ନେଇ କାର୍ଯ୍ୟକ୍ରମକୁ ସମର୍ଥନ କରୁଥିବା ଦୁଇଜଣ ମହିଳା ଛାତ୍ରୀଙ୍କୁ ଏବିଭିପି କର୍ମୀମାନେ ଧମକ ଦେଇଥିଲେ । ଏହି ସଂଘର୍ଷ ପରେ ସ୍ଥିତି ନିୟନ୍ତ୍ରଣ ପାଇଁ ହଷ୍ଟେଲ ପରିସରରେ ବ୍ୟାପକ ପୁଲିସ ମୁତୟନ କରାଯାଇଛି ।

# ତେଜସ୍ ଏମ୍‌କେ-୨ର କାର୍ଯ୍ୟକ୍ଷମତା ଉପରେ ପ୍ରଶ୍ନ ଉଠାଇଲେ ପୂର୍ବତନ ବାୟୁସେନା ଉପମୁଖ୍ୟ



ନୂଆଦିଲ୍ଲୀ: ସ୍ୱଦେଶୀ ଲଢୁଆ ବିମାନ ପ୍ରକଳ୍ପ 'ତେଜସ୍'କୁ ନେଇ ପୂର୍ବତନ ବାୟୁସେନା ଉପମୁଖ୍ୟ ଏୟାର ମାର୍ଶଲ (ଅବସରପ୍ରାପ୍ତ) ନାଗେଶ କପୁର ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି । ଏୟାର ମାର୍ଶଲ (ଅବସରପ୍ରାପ୍ତ) ନାଗେଶ କପୁର ଆଶଙ୍କା ବ୍ୟକ୍ତ କରିଛନ୍ତି ଯେ, ଭାରତରେ ନିର୍ମିତ ତେଜସ୍ ଏମ୍‌କେ-୨ ଜେଟ୍ ୨୦୩୦ ବେଳକୁ ଯେତେବେଳେ ସେନାରେ ବହୁ ସଂଖ୍ୟାରେ ସାମିଲ ହେବ ସେତେବେଳେ ଏହାକୁ କାର୍ଯ୍ୟକ୍ଷମ କରାଯିବା ପ୍ରାସଙ୍ଗିକ ନ ହୋଇପାରେ । ଅବସରର ଦୁଇ ମାସ ପରେ ଏକ ଟିଭି କାର୍ଯ୍ୟକ୍ରମରେ ଏୟାର ମାର୍ଶାଲଙ୍କୁ ପ୍ରଶ୍ନ କରାଯାଇଥିଲା ଯେ, ଯେତେବେଳେ ଚୀନ୍ ଷଷ୍ଠ ପିଢ଼ିର ଲଢୁଆ ବିମାନ ଦିଗରେ ଅଗ୍ରସର ହେଉଛି ଓ ପାକିସ୍ତାନ ପଞ୍ଚମ ପିଢ଼ିର ଜେଟ୍ ବିଷୟରେ ବିଚାର କରୁଛି, ସେତେବେଳେ ୨୦୩୫ ମସିହାରେ ଭାରତ ପାଇଁ ଚତୁର୍ଥ ପିଢ଼ିର ବିମାନ ରଖିବା ଯୁକ୍ତିଯୁକ୍ତ କି ଏୟାର ମାର୍ଶାଲ ସ୍ପଷ୍ଟ ଭାବରେ କହିଥିଲେ ଯେ, ପରିଚାଳନା ହିସାବରେ ବିଲକୁଲ୍ ନୁହେଁ । ପଞ୍ଚମ ପିଢ଼ିର ଯୁଦ୍ଧ ବିମାନ ଯେପରିକି ଯୁକ୍ତରାଷ୍ଟ୍ରର ଏଫ୍-୨୨ ଓ ଚୀନ୍‌ର ଜେ-୨୦ ରେ ଷ୍ଟିଲଥ୍ କୌଶଳ, ସେନ୍ସର ଫ୍ୟୁଜନ୍ ସହିତ ରାଡାରରେ ଟ୍ରାକ୍ କରିବା କଷ୍ଟକର କରିଥାଏ ଓ ଏଥିରେ ଅସ୍ତ୍ରଶସ୍ତ୍ର ପରିବହନ କରିବା କ୍ଷମତା ରହିଛି । ଚୀନ୍‌ର ଜେ-୩୬ ଓ ଜେ-୫୦ ଭଳି ଷଷ୍ଠ ପିଢ଼ିର ଯୁଦ୍ଧ ବିମାନଗୁଡ଼ିକ ଡ୍ରୋନ୍ ୱିଙ୍ଗମ୍ୟାନ୍ ସହିତ ଏଆଇ ଚାଳିତ ସ୍ୱାୟତ୍ତତା ଓ ସିଷ୍ଟମ୍ ଅଫ୍ ସିଷ୍ଟମ୍ ଆଧୁନିକ ଜ୍ଞାନକୌଶଳ ସମ୍ପନ୍ନ ବୋଲି କହିଛନ୍ତି । କିନ୍ତୁ ଭାରତ ପାଖରେ ବର୍ତ୍ତମାନ ନା ପଞ୍ଚମ ପିଢ଼ି ନା ଷଷ୍ଠ ପିଢ଼ିର ଯୁଦ୍ଧ ବିମାନ ଅଛି ।

କେତେକ ଆକଳନ ଅନୁଯାୟୀ, ୨୦୩୦ ସୁଦ୍ଧା ଚୀନ୍ ୫୦୦ ପଞ୍ଚମ ପିଢ଼ି ଜେ-୨୦ ଯୁଦ୍ଧ ବିମାନ ମୁତୟନ କରିବାକୁ ଯାଉଛି । ଏକ ଟିଭି ଚାନେଲକୁ ସାକ୍ଷାତକାର ଦେଇ ନାଗେଶ କପୁର କହିଛନ୍ତି, ତେଜସ୍ ଏମ୍‌କେ-୨ ଶ୍ରେଣୀର ବିମାନ ଦ୍ୱାରା ଖାଲି ସ୍ଥାନ ପୂରଣ କରାଯାଇ ପାରିବ । ପଞ୍ଚମ ଓ ଷଷ୍ଠ ପିଢ଼ିର ଯୁଦ୍ଧ ଜାହାଜ ଦେଶର ବିଶାଳ ଆକାରକୁ ଦେଖିଲେ ସବୁ ସ୍ଥାନରେ ମୁତୟନ କରାଯାଇ ପାରିବ ନାହିଁ । ସେଠାରେ ତେଜସ୍ ଏମ୍‌କେ-୨ ଶ୍ରେଣୀର ବିମାନ ମୁତୟନ କରାଯାଇପାରିବ । ତେଜସ୍ ନିର୍ମାଣ କରୁଥିବା ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ (ଏଚ୍‌ଏଏଲ୍)ର ଆଭିମୁଖ୍ୟ ଉପରେ ପୂର୍ବତନ ବାୟୁସେନା ଉପମୁଖ୍ୟ ଆପତ୍ତି ପ୍ରକାଶ କରିଛନ୍ତି । ଏୟାର ମାର୍ଶଲ (ଅବସରପ୍ରାପ୍ତ) ନାଗେଶ କପୁର ତେଜସ୍ ଏମ୍‌କେ-୧ଏ ଶ୍ରେଣୀର ବିମାନ ପ୍ରଦାନରେ ହେଉଥିବା ବିଳମ୍ବକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି । ଏଚ୍‌ଏଏଲ୍‌ର ତତ୍ପରତା ଭାରତୀୟ ବାୟୁସେନାର ତତ୍ପରତା ସହିତ ସମାନ ନୁହେଁ ବୋଲି ସେ କହିଛନ୍ତି । କେବଳ ତେଜସ୍ କାର୍ଯ୍ୟକ୍ରମ ନୁହେଁ ଭାରତର ପ୍ରଥମ ସ୍ୱଦେଶୀ ଷ୍ଟିଲଥ୍ ଲଢୁଆ ବିମାନ ଏଏମ୍‌ସିଏ (ଆଡଭାନ୍ସଡ୍ ମିଡିୟମ୍ କମ୍ବାଟ୍ ଏୟାରକ୍ରାଫ୍ଟ) ର ବିକାଶ ଓ ପରୀକ୍ଷଣରେ ଏକ ଦଶନ୍ଧି ସମୟ ଲାଗିପାରେ । ଏହା ଯେତେବେଳେ ଉପଲବ୍ଧ ହେବ ସେତେବେଳେ ସେତେଟା ଗୁରୁତ୍ୱପୂର୍ଣ୍ଣ ନଥିବ ବୋଲି ଅବସରପ୍ରାପ୍ତ ଏୟାର ମାର୍ଶଲ କହିଛନ୍ତି ।

# କଲମ୍ବୋରେ ବଦଳିବ ଭାରତର ପ୍ଲେଇଂ ୧୧

ନୂଆଦିଲ୍ଲୀ,୨୨।୮ : ରବିବାର ଠାରୁ ଆରମ୍ଭ ହେବାକୁ ଯାଉଥିବା ଦ୍ୱିତୀୟ ଟେଷ୍ଟ ପାଇଁ ଭାରତୀୟ ଦଳ ଏସଏସସି ଗ୍ରାଉଣ୍ଡରେ ଅଭ୍ୟାସ ଅରମ୍ଭ କରିଛି। ନେଟ୍ସରେ ଭାରତୀୟ ବ୍ୟାଟରମାନେ ବଡ ସଟ୍ ଉପରେ ଗୁରୁତ୍ୱ ଦେଇଥିବା ଦେଖିବାକୁ ମିଳିଛି। ଅଧିକାଂଶ ବ୍ୟାଟର ସ୍ପିନ୍ ବୋଲିଂରେ ସୁଇପ ସଟ୍ ଓ କ୍ରିଜ ବାହାରକୁ ଆସି ଛକା ମାରିବାକୁ ପ୍ରୟାସ କରୁଥିବା ଦେଖିବାକୁ ମିଳିଥିଲା। ପ୍ରଥମ ଟେଷ୍ଟରେ ଶତକ ଅର୍ଜନ କରିଥିବା ଦେବଦତ୍ତ ପାଡିକଲ ଅଧିକାଂଶ ସମୟ ପେସ୍ ବୋଲରଙ୍କ ବିପକ୍ଷରେ ବ୍ୟାଟିଂ ଅଭ୍ୟାସ କରିଥିଲେ। ମାତ୍ର ଅନ୍ୟ ସବୁ ବ୍ୟାଟରମାନେ ସ୍ପିନରମାନଙ୍କୁ ସାମ୍ନା କରିଥିଲେ । ସ୍ପିନରଙ୍କ ବିପକ୍ଷରେ ଫୁଟୱାର୍କକୁ ପ୍ରାଧାନ୍ୟ ଦିଆଯାଇଥିଲା। ରିଷଭ ପନ୍ତ ଅଧିକାଂଶ ସମୟ ବାମ ହାତି ସ୍ପିନରଙ୍କୁ ସାମ୍ନା କରିଥିଲେ। ପ୍ରଥମ ଟେଷ୍ଟରେ ବିଫଳ ହୋଇଥିବା ଅଧିନାୟକ ଶୁଭମନ ଗିଲ୍ ବାମ ହାତି ସ୍ପିନର ରବିନ୍ଦ୍ର ଜାଡେଜା ଓ ମାନବ ସୁତାରଙ୍କ ସମେତ ନେଟ୍ ବୋଲର ଭାବେ ଶ୍ରୀଲଙ୍କା ଗସ୍ତ କରିଥିବା ହର୍ଷ ଦୁବେଙ୍କ ବିପକ୍ଷରେ ବିସ୍ଫୋରକ ସଟ୍ମାନ ଖେଳିବାକୁ ପ୍ରୟାସ କରିଥିଲେ। ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଭାରତୀୟ ଦଳର ସ୍ପିନ୍ କମ୍ବିନେସନକୁ ନେଇ ଚର୍ଚ୍ଚା ତୀବ୍ର ହୋଇଛି।ଚ ମଧ୍ୟପ୍ରଦେଶର ୩୩ ବର୍ଷୀୟ ଅଲରାଉଣ୍ଡର ସାରାଂଶ ଜୈନ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ଅଛି। ସାରାଂଶ ଜୈନ ଅଫ୍ ସ୍ପିନ୍ ବୋଲିଂ କରୁଥିବା ବେଳେ କୁଲଦୀପ ଯାଦବ ବାମହାତୀ ରିଷ୍ଟ ସ୍ପିନର। ଏଭଳି ପରିସ୍ଥିତିରେ କେବଳ ଗାଲେରେ ଉଭୟ ବୋଲରଙ୍କ ଭୂମିକାକୁ ପୃଥକ ଭାବରେ ଦେଖିପାରେ।

ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ସ୍ପିନ୍ ବୋଲିଂ ଅଲରାଉଣ୍ଡର ସାରାଂଶ ଜୈନ ସିନିୟର ଦଳରେ ଡେବ୍ୟୁ କରିବାର ସୁଯୋଗ ପାଇ ପାରନ୍ତି। ସାରାଂଶ ପରବର୍ତ୍ତୀ ମ୍ୟାଚ୍ ଖେଳି ପାରନ୍ତି ତାଙ୍କୁ ପ୍ଲେଇଙ୍ଗ ଏକାଦଶରେ ସାମିଲ କରାଯିବାର ସମ୍ଭାବନା ରହିଛି। କୁଲଦୀପଙ୍କ ପ୍ରଦର୍ଶନକୁ ଦେଖିଲେ ତାଙ୍କ ସ୍ଥାନରେ ସାରାଂଶଙ୍କୁ ସାମିଲ କରିବା ଟିମ୍ ଇଣ୍ଡିଆ ପାଇଁ ସିଧାସଳଖ ଓ ସ୍ୱାଭାବିକ ପରିବର୍ତ୍ତନ ହେବ ନାହିଁ। ଭାରତୀୟ ଦଳ ପଦାର୍ପଣ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ପ୍ରଥମ ଟେଷ୍ଟରେ ନିରାଶ କରିଥିବା କୁଲଦୀପ ଯାଦବଙ୍କ ସ୍ଥାନରେ ସାରାଂଶଙ୍କୁ ଖେଳିବାକୁ ସୁଯୋଗ ମିଳିପାରେ। ପ୍ରଥମ ଟେଷ୍ଟରେ ସେ ମାତ୍ର ଗୋଟିଏ ୱିକେଟ୍ ଅକ୍ତିଆର କରିଥିଲେ। ସାରାଂଶ ଜଣେ ଦକ୍ଷ ବ୍ୟାଟର ଓ ଡାହାଣ ହାତି ଅଫ ସ୍ପିନ ବୋଲର। ଶ୍ରୀଲଙ୍କା ବ୍ୟାଟିଂ ବିଭାଗରେ ଅନେକ ବାମ ହାତି ବ୍ୟାଟର ରହିଛନ୍ତି। ତେଣୁ ସାରାଂଶଙ୍କ ଅଫ ସ୍ପିନ୍ ବୋଲିଂ ପ୍ରଭାବଶାଳୀ ହେବା ଅନୁମାନ କରାଯାଉଛି। ପ୍ରଥମ ଟେଷ୍ଟରେ କୁଲଦୀପ ଦକ୍ଷତା ମୁତାବକ ବୋଲିଂ କରିବାରେ ବିଫଳ ହୋଇଥିଲେ। ତାଙ୍କ ବୋଲିଂ ଲେଙ୍ଗ୍ଥରେ ଅନେକ ତ୍ରୁଟି ଦେଖିବାକୁ ମିଳିଥିଲା । କୋକାବୁରା ବଲ୍ ପୁରୁଣା ହେବା ପରେ କୁଲଦୀପ ଲୟ ହରାଇଥିବା ଦେଖିବାକୁ ମିଳିଥିଲା। ତାଙ୍କ ତୁଳନାରେ ସାରାଂଶଙ୍କ ବ୍ୟାଟିଂ ବେଶ୍ ଉନ୍ନତ। ତେଣୁ ତାଙ୍କୁ ଖେଳାଇ ବ୍ୟାଟିଂ ବିଭାଗକୁ ଅଧିକ ସଦୃ? କରାଯାଇପାରିବ। ରବିବାର ଠାରୁ ଅର୍ଥାତ ଆସନ୍ତାକାଲିଠାରୁ ଭାରତ ବିପକ୍ଷଦ୍ୱିତୀୟ ଟେଷ୍ଟ ଆରମ୍ଭ ହେବ। ଏହି ମ୍ୟାଚ ପାଇଁ ଶ୍ରୀଲଙ୍କାଦଳ ଘୋଷଣା କରାଯାଇଛି । ପ୍ରଥମ ଟେଷ୍ଟ ପାଇଁ ଦଳରେସ୍ଥାନ ପାଇଥିବା ଦିନେଶ ଚାନ୍ଦିମଲ ଆହତ ହୋଇ ବିଦାୟନେଇଥିବା ବେଳେ ନିଶାନ ମଦୁଷ୍କା, ରମେଶ ମେଣ୍ଡିସ ଓ ଦିଲସାନମଦୁଶଙ୍କାଙ୍କୁ ଦ୍ୱିତୀୟ ଟେଷ୍ଟ ପାଇଁ ଦଳରୁ ବାଦ ଦିଆଯାଇଛି।



# ଆର୍ଜେଣ୍ଟିନା ଡିଫେଣ୍ଡର ୭ ମ୍ୟାଚରୁ ବାସନ୍ଦ

ନୂଆଦିଲ୍ଲୀ,୨୨।୮ : ଗତ ମାସରେ ଶେଷ ହୋଇଥିବା ଫିଫା ବିଶ୍ୱକପ୍ ୨୦୨୬ରେ ସ୍ପେନ୍ ଚାମ୍ପିଅନ ହୋଇଥିଲା। ଟାଇଟଲ୍ ମ୍ୟାଚ୍‌ରେ ଦଳ ଆର୍ଜେଣ୍ଟିନାକୁ ଭେଟିଥିଲା। କିନ୍ତୁ ଶେଷ ହ୍ୱିସିଲ୍ ବାଜିବା ମାତ୍ରେ ଆର୍ଜେଣ୍ଟିନା ଏବଂ ସ୍ପେନ୍ ଖେଳାଳିଙ୍କ ମଧ୍ୟରେ ପଡ଼ିଆରେ ଝଗଡ଼ା ଆରମ୍ଭ ହୋଇଥିଲା। ଆର୍ଜେଣ୍ଟିନା ମିଡ୍‌ଫିଲ୍ଡର ଲିଆଣ୍ଡ୍ରୋ ପରେଡେସ୍ ଏବଂ ଅନେକ ସ୍ପେନିସ୍ ଖେଳାଳିଙ୍କ ମଧ୍ୟରେ ଝଗଡ଼ା ଆରମ୍ଭ ହୋଇଗଲା। ଏହି ଝଗଡ଼ାରେ ପ୍ରଥମେ ସ୍ପେନ୍ ଡିଫେଣ୍ଡର ଏରିକ୍ ଗାର୍ସିଆ ସାମିଲ ଥିଲେ। ପରେଡେସ୍ ଗାର୍ସିଆଙ୍କୁ ଲାତ ମାରିଥିଲେ, ଯାହା ଫଳରେ ସେ ତଳେ ପଡ଼ିଗଲେ। ବିଶ୍ୱକପ୍ ଫାଇନାଲ୍ ପରେ ଉପୁଜିଥିବା ବିବାଦ ଉପରେ ଫିଫା ତାର ନିଷ୍ପତ୍ତି ଜାରି କରିଛି। ଆର୍ଜେଣ୍ଟିନାର ଲିଆଣ୍ଡ୍ରୋ ପରେଡେସ୍?ଙ୍କୁ ୧୦ଟି ମ୍ୟାଚ୍ ପାଇଁ ବାସନ୍ଦ କରାଯାଇଛି। ଏହି ପ୍ରତିବନ୍ଧକ କେବଳ ଅନ୍ତର୍ଜାତୀୟ ମ୍ୟାଚ୍ ଅନ୍ତର୍ଭୁକ୍ତ ହେବ। ପାରେଡେସ୍‌ଙ୍କ ପ୍ରତିବନ୍ଧକ ମୂଳତଃ ଆର୍ଜେଣ୍ଟିନା ଜାତୀୟ ଦଳରୁ ଗୋଟିଏ ବର୍ଷର ନିଲମ୍ବନ ସହିତ ସମାନ। ଦଳ ଜୁନ୍ ୨୦୨୭ ପର୍ଯ୍ୟନ୍ତ ୧୦ଟି ମ୍ୟାଚ୍ ଖେଳିବାକୁ ସ୍ଥିର ହୋଇଛି, ଯଦିଓ ବର୍ତ୍ତମାନର କାର୍ଯ୍ୟସୂଚୀ ଅନୁଯାୟୀ, ସମସ୍ତ ମ୍ୟାଚ୍ ବନ୍ଧୁତ୍ୱପୂର୍ଣ୍ଣ ହେବ। ଆର୍ଜେଣ୍ଟିନା ଡିଫେଣ୍ଡର ନାହୁଏଲ୍ ମୋଲିନାଙ୍କୁ ସାତଟି ମ୍ୟାଚ୍ ପାଇଁ ନିଷେଧ କରାଯାଇଥିଲା, ଯେତେବେଳେ ଥିଆଗୋ ଆଲମାଡାଙ୍କୁ ଗୋଟିଏ ମ୍ୟାଚ୍ ପାଇଁ ନିଷେଧ କରାଯାଇଥିଲା। ଫିଫା ପାରେଡେସ୍ ଏବଂ ମୋଲିନାଙ୍କୁ ୯୦,୦୦୦ ଡଲାର ଏବଂ ଆଲମାଡାଙ୍କୁ ୩୦,୦୦୦ ଡଲାର ଜରିମାନା କରିଥିଲା।



# ଇଂଲଣ୍ଡ ବିପକ୍ଷରେ ପାକିସ୍ତାନର ଲଜ୍ଜାଜନକ ରେକର୍ଡ

ଲଣ୍ଡନ,୨୨।୮ : ଇଂଲଣ୍ଡ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ତିନି ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜଜ ପ୍ରଥମ ମ୍ୟାଚରେ ପାକିସ୍ତାନର ବ୍ୟାଟିଂ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ହେଡିଂଲିରେ ଅଗଷ୍ଟ ୧୯ରୁ ଆରମ୍ଭ ହୋଇଥିବା ମ୍ୟାଚ୍‌ରେ ପାକିସ୍ତାନ ଦୁଇଟି ଇନିଂସରେ ମଧ୍ୟ ଦଳୀୟ ସ୍କୋର୍ ଖାତା ଖୋଲିବା ପୂର୍ବରୁ ପ୍ରଥମ ୱିକେଟ୍ ହରାଇ ଏକ ଅନାବଶ୍ୟକ ରେକର୍ଡରେ ନିଜ ନାଁରେ ଯୋଡ଼ିଛି। ପାକିସ୍ତାନ ପ୍ରଥମ ଇନିଂସରେ ମାତ୍ର ୧୭୧ ରନରେ ଅଲଆଉଟ୍ ହୋଇଥିଲା। ଇଂଲଣ୍ଡର ଓଲି ରବିନସନ୍ ଓ ଜୋଶ୍ ଟଙ୍ଗ୍ ଘାତକ ବୋଲିଂ କରି ୫ଟି ଲେଖାଏଁ ୱିକେଟ୍ ନେଇଥିଲେ। ଏହାର ଜବାବରେ ଇଂଲଣ୍ଡ ୪୦୯ ରନ୍ କରି ୨୩୮ ରନର ବଡ଼ ଅଗ୍ରଣୀ ହାସଲ କରିଥିଲା। ପାକିସ୍ତାନର ଦ୍ୱିତୀୟ ଇନିଂସ ଆରମ୍ଭ ହେବାମାତ୍ରେ ପୁଣି ବିପର୍ଯ୍ୟୟ ଦେଖାଦେଇଥିଲା। ଇମାମ୍-ଉଲ୍-ହକ୍ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ। ଏହାପରେ ଆଜାନ୍ ଆୱେସ୍ ୯ ରନ୍ କରି ଆଉଟ୍ ହୋଇଥିଲେ। ଫଳରେ ପାକିସ୍ତାନ ୧୩ ରନରେ ଦୁଇଟି ୱିକେଟ୍ ହରାଇଥିଲା।



ଏହା ସହିତ ଗୋଟିଏ ଟେଷ୍ଟର ଉଭୟ ଇନିଂସରେ ଦଳୀୟ ସ୍କୋର୍ ଶୂନ ଥିବାବେଳେ ପ୍ରଥମ ୱିକେଟ୍ ହରାଇବାର ଅନାବଶ୍ୟକ ରେକର୍ଡ ପାକିସ୍ତାନର ନାଁରେ ଯୋଡ଼ି ହୋଇଛି। ପ୍ରଥମ ଇନିଂସରେ ମଧ୍ୟ ଆଜାନ୍ ଆୱେସ୍ ପ୍ରଥମ ବଲରେ ଶୂନରେ ଆଉଟ୍ ହୋଇଥିଲେ। ପ୍ରଥମ ଇନିଂସରେ ପାକିସ୍ତାନ ପକ୍ଷରୁ ଅବଦୁଲ୍ଲା ଶଫିକ୍ ସର୍ବାଧିକ ୬୧ ରନ୍ କରିଥିଲେ। ତାଙ୍କ ବ୍ୟତୀତ ଅନ୍ୟ ବ୍ୟାଟରମାନେ ଇଂଲଣ୍ଡର ପେସ୍ ଆକ୍ରମଣ ସାମ୍ନାରେ ବିଶେଷ ପ୍ରତିରୋଧ କରିପାରିନଥିଲେ।

# ଦ୍ୱିତୀୟ ଟେଷ୍ଟ : ବାଂଲାଦେଶ ୬୪ ରନ୍‌ରେ ଅଲଆଉଟ

ମେକେ,୨୨।୮ : ବାଂଲାଦେଶ ଏବଂ ଅ?ଷ୍ଟ୍ରେଲିଆ ମଧ୍ୟରେ ଆଜିଠାରୁ ଦ୍ୱିତୀୟ ଟେଷ୍ଟ ଆରମ୍ଭ ହୋଇଛି। ବାଂଲାଦେଶ ପ୍ରଥମ ଇନିଂସରେ ମାତ୍ର ୬୪ ରନ୍ ସଂଗ୍ରହ କରି ଅଲଆଉଟ ହୋଇଛି। ମିଚେଲ ଷ୍ଟାର୍କ ଅଷ୍ଟ୍ରେଲିଆ ପାଇଁ ସର୍ବାଧିକ ୱିକେଟ୍ ନେଇଥିଲେ। ସେ ବାଂଲାଦେଶର ଛଅ ଜଣ ବ୍ୟାଟସମ୍ୟାନଙ୍କୁ ଆଉଟ୍ କରି ଏକ ନୂତନ ରେକର୍ଡ ସ୍ଥାପନ କରିଛନ୍ତି। ବାଂଲାଦେଶ ୨୦୨୬ରେ ପ୍ରଥମ ଦଳ ହୋଇଥିଲା ଯାହାକୁ ଗୋଟିଏ ଇନିଂସରେ ୧୦୦ କିମ୍ବା ତା'ଠାରୁ କମ୍ ସ୍କୋରରେ ଅଲଆଉଟ୍ କରାଯାଇଥିଲା। ବାଂଲାଦେଶର ସାତ ଜଣ ବ୍ୟାଟସମ୍ୟାନ ଦୁଇ ଅଙ୍କ ଛୁଇଁ ପାରିନଥିଲେ।

ଏହି ଦ୍ୱିତୀୟ ମ୍ୟାଚ୍‌ରେ, ଅଷ୍ଟ୍ରେଲିଆ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଷ୍ଟାର୍କ ମ୍ୟାଚ୍‌ର ପ୍ରଥମ ବଲ୍‌ରେ ଶାଦମାନ ଇସଲାମଙ୍କ ୱିକେଟ୍ ନେଇଥିଲେ। ଏହା ପରେ ବ୍ୟାଟସମ୍ୟାନମାନେ ଆସିବା ଏବଂ ଯିବା ଆସିବା କରି ଚାଲିଥିଲେ ଏବଂ ବାଂଲାଦେଶ ୧୨ ରନ୍ ହରାଇବା ପର୍ଯ୍ୟନ୍ତ ଦଳର ଅଧା ଖେଳାଳି ଫେରି ଯାଇଥିଲେ। ତାଙ୍କ ସ୍ପେଲର ଚତୁର୍ଥ ଓଭର ସୁଦ୍ଧା, ଷ୍ଟାର୍କ ପାଞ୍ଚ ୱିକେଟ୍ ହାସଲ କରିଥିଲେ।



ବାଂଲାଦେଶ ଏବେ ୨୦୨୬ରେ ଏକ ଟେଷ୍ଟ ଇନିଂସରେ ସର୍ବନିମ୍ନ ସ୍କୋର ପାଇଁ ରେକର୍ଡ ରଖିଛି। ସେମାନେ ଏହି ବର୍ଷ ୧୦୦ରୁ କମ୍ ସ୍କୋରରେ ଅଲଆଉଟ୍ ହୋଇଥିବା ପ୍ରଥମ ଦଳ ମଧ୍ୟ। ପୂର୍ବରୁ ଜୁନ୍ ମାସରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୧୦୧ ରନ୍ କରି ଅଲଆଉଟ୍ ହୋଇ ଶ୍ରୀଲଙ୍କା ଏହି ତାଲିକାର ଶୀର୍ଷରେ ଥିଲା।

ବାଂଲାଦେଶ ଗୋଟିଏ ସମୟରେ ଏତେ ଭୟଙ୍କର ପରିସ୍ଥିତିରେ ଥିଲା ଯେ ସେମାନେ ମାତ୍ର ୧୨ ରନ୍ ପାଇଁ ପାଞ୍ଚଟି ୱିକେଟ ହରାଇ ଦେଇଥିଲେ। ପ୍ରଥମ ଛଅ ଜଣ ବ୍ୟାଟସମ୍ୟାନଙ୍କ ମଧ୍ୟରୁ ଚାରି ଜଣ ନିଜର ଖାତା ଖୋଲିପାରି ନଥିଲେ, ଏବଂ ଏହାର ଶ୍ରେୟ ମିଚେଲ ଷ୍ଟାର୍କଙ୍କୁ ଯାଏ, ଯିଏ ବ୍ୟାଟସମ୍ୟାନଙ୍କ ଉପରେ ନିରନ୍ତର ବିପର୍ଯ୍ୟୟ ସୃଷ୍ଟି କରୁଥିଲେ। ସେ ତାଙ୍କ ସ୍ପ?ଲର ପ୍ରଥମ ୨୨ ବଲ୍‌ରେ ପାଞ୍ଚ ଜଣ ବ୍ୟାଟସମ୍ୟାନଙ୍କୁ ଆଉଟ୍ କରିଥିଲେ। ୨୧ ରନ୍ ସୁଦ୍ଧା ଛଅଟି ୱିକେଟ ପଡ଼ିଯାଇଥିଲା ଏବଂ ୩୫-୪୦ ରନ୍ ମଧ୍ୟ କଷ୍ଟକର ମନେ ହେଉଥିଲା। ନ୍ୟୁଜିଲାଣ୍ଡ ହେଉଛି ଏକ ଟେଷ୍ଟ ଇନିଂସରେ ସର୍ବନିମ୍ନ ସ୍କୋର କରିଥିବା ଦଳ, ଇଂଲଣ୍ଡ ବିପକ୍ଷରେ ମାତ୍ର ୨୬ ରନ୍‌ରେ ଅଲଆଉଟ୍ ହୋଇଥିଲା। ଟେଲଏଣ୍ଡରମାନଙ୍କ ଯୋଗୁଁ ବାଂଲାଦେଶର ଶେଷ ଚାରିଟି ୱିକେଟ୍ ୪୩ ରନ୍ ଯୋଡ଼ିଥିଲା, ଯାହା ସେମାନଙ୍କୁ ସର୍ବନିମ୍ନ ସ୍କୋରରେ ଆଉଟ୍ ହେବାରୁ ରକ୍ଷା କରିଥିଲା।

ମିଚେଲ୍ ଷ୍ଟାର୍କ ଇନିଂସରେ ଛଅଟି ୱିକେଟ୍ ନେଇଥିଲେ। ତାଙ୍କର ବର୍ତ୍ତମାନ ୪୪୧ ଟେଷ୍ଟ ୱିକେଟ୍ ଅଛି, ଯାହା ଡେଲ୍ ଷ୍ଟେନ୍‌ଙ୍କ ୪୩୯ ୱିକେଟ୍ ରେକର୍ଡକୁ ଅତିକ୍ରମ କରିଛି। ସେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ସର୍ବାଧିକ ୱିକେଟ୍ ପାଇଁ ରବିଚନ୍ଦ୍ରନ୍ ଅଶ୍ୱିନ (୭୬୫ ୱିକେଟ୍)ଙ୍କୁ ମଧ୍ୟ ପଛରେ ପକାଇ ଦେଇଛନ୍ତି।

# ବାଚସ୍ପତିଙ୍କୁ ଭେଟିଲେ ଭାରତର ପ୍ରଥମ ମହିଳା ମାଉଣ୍ଟ ୟୁନମ ଦଳ

ଭୁବନେଶ୍ୱର,୨୨।୮ : ଓଡ଼ିଶା ଫେରିଛନ୍ତି ଭାରତର ପ୍ରଥମ ମହିଳା ପର୍ବତାରୋହୀ ଦଳ। ହିମାଚଳ ପ୍ରଦେଶର ମାଉଣ୍ଟ ୟୁନମ ଶିଖରକୁ ସଫଳତା ସହ ଆରୋହଣ କରି ଗତକାଲି ରାତିରେ ଫେରିଥିବା ୧୧ଜଣିଆ ମହିଳା ଦଳ ଆଜି ସକାଳେ ଓଡ଼ିଶା ବିଧାନସଭା ବାଚସ୍ପତି ଶ୍ରୀମତୀ ସୁରମା ପାଢୀଙ୍କୁ ଭେଟିଛନ୍ତି । ଅଗଷ୍ଟ ୭ ତାରିଖରେ ମାଉଣ୍ଟ ୟୁନମ ଅଭିଯାନ ଆରମ୍ଭ କରିବା ପୂର୍ବରୁ ଦଳ ବାଚସ୍ପତିଙ୍କ ଠାରୁ ଗ୍ରହଣ କରିଥିବା ତ୍ରିରଙ୍ଗା ସଂଯୁକ୍ତ ଆଇସ୍ ଆକ୍ସକୁ ସସମ୍ମାନର ସହ ହସ୍ତାନ୍ତର କରିଛନ୍ତି । ଅଭିଯାନ ସମୟରେ ଦଳ ପ୍ରତିକୂଳ ପାଗ, ଅମ୍ଳଜାନର ଅଭାବ, ଶିଖରର ତୀକ୍ଷ୍ଣତା ଆଦି ବିଭିନ୍ନ ଆହ୍ୱାନପୂର୍ଣ୍ଣ ପରିବେଶରେ ୨୦,୧୦୦ ଫୁଟ୍ ଆରୋହଣ କରି ସ୍ୱାଧୀନତା ଦିବସରେ ମାଉଣ୍ଟ ୟୁନମ ଶିଖରରେ ୮୦ ମିଟର ଜାତୀୟ ପତାକା ଉ□ୋଳନ କରିଥିଲା। ୧୧ ଜଣ ସଦସ୍ୟଙ୍କ ମଧ୍ୟରୁ ଦଳନେତ୍ରୀ ଅନିତା ସ୍ୱାଇଁ, ସୋନାଲି ଭୋଇ, ପ୍ରୀତି ପୋଢ, ଲିଲି ସାହୁ ଏବଂ ଶ୍ରୀୟାଶୃତି ପାତ୍ରୋ ଶିଖରକୁ ପହ□ ପାରିଥିଲା ବେଳେ ଅନ୍ୟ ସଦସ୍ୟାମାନେ ନିକଟତର ହୋଇପାରିଥିଲେ ମଧ୍ୟ ଅସୁସ୍ଥତା ପାଇଁ ଫେରିବାକୁ ବାଧ ହୋଇଥିଲେ । ଆସୋସିଏସନ ଫର୍ ଆଡ୍‌ଭେ□ର ଆଣ୍ଡ ସୋସିଆଲ୍ ଆକ୍ଟିଭିଟିଜ୍ ଏବଂ ଓଡ଼ିଶାର ଅଗ୍ରଣୀ ବିଜ୍ଞାପନ, ଡିଜିଟାଲ ଓ ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥା ସଙ୍କେତ କମ୍ୟୁନିକେସନ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ମିଳିତ ସହଭାଗିତାରେ ଆୟୋଜିତ ଏହି ଅଭିଯାନକୁ ସଫଳ କରିବାରେ ପ୍ରଶିକ୍ଷକ ତାରାକାନ୍ତ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ନାୟକ ଏବଂ ସୋମନାଥ ରେଡ୍ଡୀ ନିରନ୍ତର ସହାୟତା କରିଥିଲେ । ୮୦ତମ ସ୍ୱାଧୀନତା ଦିବସରେ ୟୁନମ ଶିଖରରେ ୮୦ ମିଟର ଜାତୀୟ ପତାକା ଉ□ୋଳନ କରି ମହିଳାମାନେ ଏହି ଐତିହାସିକ ସଫଳତା ଓଡ଼ିଶା ପାଇଁ ଆଣିଛି ଗର୍ବ ଓ ଗୌରବ। ଏହି ଅବସରରେ ବାଚସ୍ପତି ଶ୍ରୀମତୀ ପାଢୀ ଦଳର ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ସାହସ ଓ ଦୃଢ଼ସଙ୍କଳ୍ପର ପ୍ରଂଶସା କରିଛନ୍ତି । ଏହି ଅଭିଯାନର ସଫଳତା ଆଗାମୀ ଦିନରେ ଓଡ଼ିଶାର ମହିଳାମାନଙ୍କୁ ଏହିଭଳି ଦୁଃସାହସିକ କ୍ରୀଡ଼ା ପ୍ରତି ପ୍ରେରିତ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ପରେ ପରେ ସଙ୍କେତ କମ୍ୟୁନିକେସନ୍ସ ପକ୍ଷରୁ ଏହାର ଭୁବନେଶ୍ୱର କାର୍ଯ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମସ୍ତ ୧୧ ଜଣ ମହିଳା ୟୁନମ ପର୍ବାତାରୋହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ସଦସ୍ୟମାନେ ମାଉଣ୍ଟ ଶିଖର ଯାତ୍ରାର ଭାବବିହ୍ୱଳ ଅନୁଭୂତି ସମସ୍ତଙ୍କ ସହ ବା□ିଥିଲେ । ଏହି କାର୍ଯ୍ୟକ୍ରମରେ 'ଆଶା' ଫାଉଣ୍ଡେସନର ସମ୍ପାଦକ ତଥା ଏଭରେଷ୍ଟ ଆରୋହୀ ଗଣେଷ ଚନ୍ଦ୍ର ଜେନା, ଉପସଭାପତି ହରେଶ କୁମାର ମିଶ୍ର ଏବଂ ସଙ୍କେତ କମ୍ୟୁନିକେସନ୍ସର ପରିଚାଳନା ନିର୍ଦ୍ଦେଶକ ଶୁଭାଶିଷ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।



# ବକ୍ସର ଜୋଲାନି ଟେଟେଙ୍କୁ ଗୁଳି କରି ହତ୍ୟା

ନୂଆଦିଲ୍ଲୀ,୨୨।୮ : ଦକ୍ଷିଣ ଆଫ୍ରିକାର ପୂର୍ବତନ ୱାର୍ଲ୍ଡ ଚାମ୍ପିଅନ ବକ୍ସର ଜୋଲାନି ଟେଟେଙ୍କୁ ନିଜ ଘର ଆଗରେ ଗୁଳି କରି ହତ୍ୟା କରାଯାଇଛି। ୩୮ ବର୍ଷୀୟ ଏହି ବିଶ୍ୱ ବିଜେତା ଖେଳାଳିଙ୍କ ନିଧନ ଖେଳ ଜଗତରେ ଏକ ଗଭୀର ଶୋକର ଛାୟା ଖେଳାଇ ଦେଇଛି। ଦକ୍ଷିଣ ଆଫ୍ରିକାର ଇଷ୍ଟର୍ଣ୍ଣ କେପ୍ ସ୍ଥିତ ମଡାଣ୍ଟସାନେ ନିକଟରେ ଥିବା ନିଜ ବାସଭବନକୁ ଫେରୁଥିଲେ ଜୋଲାନି। ଗାଡ଼ି ଭିତରେ ବସି ସେ ଘରର ମୁଖ୍ୟ ଫାଟକ ଖୋଲିବାକୁ ଅପେକ୍ଷା କରିଥିବା ସମୟରେ, ମୁଖାପିନ୍ଧା ଦୁଇଜଣ ସଶସ୍ତ୍ର ଆତତାୟୀ ହଠାତ୍ ଆସି ଆକ୍ରମଣ କରିଥିଲେ। ସେମାନେ ଗାଡ଼ି ଉପରକୁ ଆଖିବୁଜା ଗୁଳିମାଡ଼ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।



ଆକ୍ରମଣ ସମୟରେ ଗାଡ଼ି ଭିତରେ ଜୋଲାନିଙ୍କ ସହ ଜଣେ ୨୭ ବର୍ଷୀୟା ମହିଳା ମଧ୍ୟ ଉପସ୍ଥିତ ଥିଲେ। ଗୁଳିମାଡ଼ ଯୋଗୁଁ ସେ ଗୁରୁତର ଆହାତ ହୋଇଥିଲେ । ତାଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଯେଉଁଠାରେ ତାଙ୍କର ଚିକିତ୍ସା ଜାରି ରହିଛି। ଦକ୍ଷିଣ ଆଫ୍ରିକାର କ୍ରୀଡ଼ା, କଳା ଓ ସଂସ୍କୃତି ମନ୍ତ୍ରୀ ଗେଟନ୍ ମ୍ୟାକେଞ୍ଜି ଏହି ଦୁଃଖଦ ଘଟଣା ସଂପର୍କରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଦେଶ ଜଣେ ମହାନ କ୍ରୀଡ଼ାବିତ୍?ଙ୍କୁ ହରାଇଲା।

# ମୋଟର ଯାନ କ୍ଲେମ୍ସ୍ ସହଜ ଓ ଦ୍ରୁତତର ହେଲା

ଭୁବନେଶ୍ୱର,୨୨।୮ : ବିଳମ୍ବଜନିତ ଅସୁବିଧା, ବାରମ୍ବାର ଅନୁସରଣ, ସୂଚନାର ଅଭାବ ଏବଂ ମୋଟର ଯାନ ବୀମା ଦାବି (କ୍ଲେମ୍ସ୍) ସମୟରେ ଗ୍ୟାରେଜଗୁଡ଼ିକୁ ବାରମ୍ବାର ଗସ୍ତ କରିବା ଅସୁବିଧା ଦୂର କରିବାକୁ ପଲିସୀବଜାର ଆସୋର୍ଡ ଡେଲିଭରୀ ପ୍ରୋଗ୍ରାମ (ନିଶ୍ଚିତ ଯୋଗାଣ କାର୍ଯ୍ୟକ୍ରମ) ପ୍ରଚଳନ କରିଛି। ଏହି ସେବା ଅଧୀନରେ ପଲିସୀଧାରକମାନେ ଦାବି ପ୍ରକ୍ରିୟାକରଣ ସମୟରେ ଏକ ଉତ୍ସର୍ଗୀକୃତ ଯୋଗାଯୋଗକାରୀ ବ୍ୟକ୍ତିଙ୍କ ନିକଟରୁ ସହାୟତା, ଯାନବାହନ ମରାମତିର ସମୟବଦ୍ଧ ସମ୍ପୂର୍ଣ୍ଣ ହେବା ଗ୍ୟାରେଣ୍ଟି, ନଗଦ ଅର୍ଥ ବିହୀନ ଦାବି ସମାଧାନ, ମାଗଣା ପିକ୍-ଆଣ୍ଡ-ଡ୍ରପ୍ ସେବା ଏବଂ ମରାମତିର ଅଗ୍ରଗତି ସମ୍ପର୍କରେ ନିୟମିତ ତାଜା ତଥ୍ୟ ଗୋଟିଏ ସ୍ଥାନରେ ପାଉଛନ୍ତି। ଏଥିସହିତ ୫୦,୦୦୦ ଟଙ୍କାରୁ କମ୍ ମାମୁଲି ମରାମତିଗୁଡ଼ିକ ସାତଦିନ ମଧ୍ୟରେ ସମ୍ପୂର୍ଣ୍ଣ କରାଯାଉଛି ଏବଂ ମରାମତି କରାଯାଇଥିବା ସମସ୍ତ ବୈଦ୍ୟୁତିକ (ଇଲେକ୍‌ଟ୍ରିକାଲ) ଏବଂ ଯାନ୍ତ୍ରିକ (ମେକାନିକାଲ) ଯନ୍ତ୍ରାଂଶ ଉପରେ ୱାରାଣ୍ଟି ଯୋଗାଇ ଦିଆଯାଉଛି; ଯାହା ସମୁଦାୟ ଦାବି ପ୍ରକ୍ରିୟାକୁ ଦ୍ରୁତତର, ଅଧିକ ସହଜ ଓ ଚାପ-ମୁକ୍ତ କରୁଛି। ଆସ୍ୟୋର୍ଡ ଡେଲିଭରୀ ପ୍ରୋଗ୍ରାମ ପ୍ରାୟ ୨୦,୦୦୦ ଗ୍ରାହକଙ୍କୁ ଏକ ଉଚ୍ଚତର ଏବଂ ଭରସାଯୋଗ୍ୟ ଦାବି ସମାଧାନ ଅନୁଭୂତି ଯୋଗାଇ ଦେଇସାରିଛି। ଏହାର ସଫଳତା ଆଧାରରେ ପଲିସୀବଜାର ଏହି ସେବାର ପହଞ୍ଚ ୨୦୨୬ ଜାନୁଆରୀ ଶେଷ ସୁଦ୍ଧା ୨୦୦ ସହରକୁ ସମ୍ପ୍ରସାରିତ କରିଛି। କାଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ସମଗ୍ର ଦେଶରେ ପଲିସୀଧାରକମାନେ ଏବେ ସେମାନଙ୍କର ମୋଟର ବୀମା ଦାବିଗୁଡ଼ିକ ବିନା ବାଧା ଅଥବା ଅନିଶ୍ଚିତତାରେ ସମାଧାନ କରିବାକୁ ସକ୍ଷମ ହେବେ।

# ମହିଳା ହକିରେ ନେଦରଲାଣ୍ଡସଠୁ ହାରିଲା ଭାରତ

ନୂଆଦିଲ୍ଲୀ,୨୨।୮ : ଭାରତୀୟ ମହିଳା ଦଳ ଆଜି ହକି ବିଶ୍ୱକପ୍ ଦ୍ୱିତୀୟ ରାଉଣ୍ଡର (ପୁଲ ଇ') ପ୍ରଥମ ମ୍ୟାଚରେ ପରାଜିତ ହୋଇଛି। ଘରୋଇ ନେଦରଲାଣ୍ଡସଠୁ ଦଳ ୨-୦ ଗୋଲରେ ପରାଜିତ ହୋଇ ସେମି ଫାଇନାଲ ଖେଳିବାର ଆଶା କ୍ଷୀଣ କରିଛି। ଭାରତ ଆସନ୍ତା ୨୩ ତାରିଖରେ ଅଷ୍ଟ୍ରେଲିଆକୁ ଭେଟିବ। ଦ୍ୱିତୀୟ ରାଉଣ୍ଡରେ ପ୍ରତ୍ୟେକ ଦଳ ୨ଟି ଲେଖାଏଁ ମ୍ୟାଚ ଖେଳିବେ। ଶ୍ରେଷ୍ଠ ୨ ଦଳ ସେମି ଫାଇନାଲକୁ ଉନ୍ନୀତ ହେବେ। ପୁଲର ପ୍ରଥମ ମ୍ୟାଚ ଚୀନ ଓ ଅଷ୍ଟ୍ରେଲିଆ ମଧ୍ୟରେ ୧-୧ ଗୋଲରେ ଅମୀମାଂସିତ ରହିଥିଲା। ଭାରତ ୦-୨ ନେଦରଲାଣ୍ଡସ: ଘରୋଇ ନେଦରଲାଣ୍ଡସ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରଭାବ ବିସ୍ତାର କରି ଖେଳିଥିଲା। ଦ୍ୱିତୀୟ ମିନିଟରେ ଦଳ ପ୍ରଥମ ଗୋଲ ଦେଇଥିଲା। ପରବର୍ତ୍ତୀ ସମୟରେ ଭାରତ କଡା ସଂଘର୍ଷ କରି ଗୋଲ ପରିଶୋଧ କରିବା ନେଇ ପ୍ରୟାସ କରିଥିଲା । କିନ୍ତୁ ସଫଳ ହୋଇ ନଥିଲା । ୩୮ ମିନିଟରେ ପୁଣି ଏକ ଗୋଲ୍ ଦେଇ ଘରୋଇ ଦଳ ୨-୦ରେ ଅଗ୍ରଣୀ ଲାଭ କରିଥିଲା। ଏହାପରେ ଖେଳ ଅଧିକ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହୋଇଥିଲା। ଶେଷ ପର୍ଯ୍ୟନ୍ତ ବହୁ ପ୍ରୟାସ କରି ଭାରତ ଗୋଲ ଖାତା ଖୋଲି ପାରି ନଥିଲା। ଭାରତ ୨ଟି ପେନାଲ୍ଟି କର୍ଣ୍ଣର ପାଇଥିଲେ ବି ଗୋଲ କରିବାରେ ବିଫଳ ରହିଥିଲା। ନେଦରଲାଣ୍ଡସ ୬ଟି ପେନାଲ୍ଟି କର୍ଣ୍ଣରରୁ ୨ଟି ଗୋଲ ପାଇଥିଲା। ପୁରୁଷ ହକି ବିଶ୍ୱକପ ଦ୍ୱିତୀୟ ରାଉଣ୍ଡ- ପୁରୁଷ ହକି ବିଶ୍ୱକପ୍ ଦ୍ୱିତୀୟ ରାଉଣ୍ଡରେ ଭାରତ ଆଜି ନେଦରଲାଣ୍ଡସକୁ ଭେଟିବ। ଏହି ପୁଲରେ ଦଳ ୨ଟି ମ୍ୟାଚ୍ ଖେଳିବ। ଉଭୟ ମ୍ୟାଚ୍ ବେଶ ଗୁରୁତ୍ୱପୂର୍ଣ୍ଣ ରହିଛି। କାରଣ ପୁଲର ଶ୍ରେଷ୍ଠ ୨ଟି ଦଳ ସିଧାସଳଖ ସେମି ଫାଇନାଲକୁ ଉନ୍ନୀତ ହେବେ। ପୁଲ ଏ'ରେ ନେଦରଲାଣ୍ଡସ ବେଶ ଉନ୍ନତ ପ୍ରଦର୍ଶନ କରିଥିଲା। ସମସ୍ତ ୩ଟି ଯାକ ମ୍ୟାଚରେ ବିଜୟୀ ହୋଇ ୯ ପଏଣ୍ଟ ସହ ଟପ୍ପର ହୋଇଥିଲା। ନ୍ୟୁଜିଲାଣ୍ଡ, ଆର୍ଜେଣ୍ଟିନା ଓ ଜାପାନକୁ ଦଳ ପରାଜିତ କରିଥିଲା। ଅପରପକ୍ଷରେ ଭାରତୀୟ ଦଳ ପୁଲ ଡି'ରେ ୱେଲ୍ସ ଓ ପାକିସ୍ତାନକୁ ପରାଜିତ କରିଥିବାବେଳେ ଇଂଲଣ୍ଡ ଠାରୁ ୪-୨ ଗୋଲରେ ପରାସ୍ତ ହୋଇଥିଲା। ଏଫଆଇଏଚ୍ ବିଶ୍ୱ ମାନ୍ୟତାରେ ନେଦରଲାଣ୍ଡସ ଦ୍ୱିତୀୟ ସ୍ଥାନରେ ରହିଛି। ମାତ୍ର ଭାରତ ଏହି ତାଲିକାରେ ଅଷ୍ଟମ ସ୍ଥାନରେ ଅଛି। ମାନ୍ୟତା ଏବଂ ପ୍ରଦର୍ଶନ ଅନୁସାରେ ନେଦରଲାଣ୍ଡସ ଏକ ଶକ୍ତିଶାଳୀ ଦଳ। ଏକ ଶକ୍ତିଶାଳୀ ଦଳକୁ ସାମ୍ନା କରିବାକୁ ହେଲେ ଦଳକୁ ତା'ର ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ହେବ । ପୂର୍ବ ପାକିସ୍ତାନ ବିପକ୍ଷରେ ଭାରତ ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଯେମିତି ପ୍ରଦର୍ଶନ କରିଥିଲା, ପରବର୍ତ୍ତୀ ସମୟରେ ସେମିତି ପ୍ରଦର୍ଶନ ଦେବାରେ ସଫଳ ହୋଇ ନଥିଲା। ତେଣୁ ଦଳ ପୂର୍ବ ତ୍ରୁଟିରେ ସୁଧାର ଆଣି ଆସନ୍ତାକାଲି ସମସ୍ତ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ହେବ।



Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ